# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
12 MARCH 2026
ଗୁରୁବାର
୧୨ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 293 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୯୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର





| | |
|---|---|
| ୧୨ ମାର୍ଚ୍ଚ: | ସେହେରୀ-୪.୪୫<br>ଇଫ୍ତାର୍-୫.୫୫ |
| ୧୩ ମାର୍ଚ୍ଚ: | ସେହେରୀ-୪.୪୪<br>ଇଫ୍ତାର୍-୫.୫୫ |

### ହାରିଲା ଜୀବନ, ଜିତିଲା ମୃତ୍ୟୁ

# ଦେଶରେ ପ୍ରଥମ 'ଇଚ୍ଛାମୃତ୍ୟୁ' ମଞ୍ଜୁରୀ




**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:**

ଶେଷରେ ହାରିଲା ଜୀବନ, ଜିତିଲା ମୃତ୍ୟୁ । ଦେଶରେ ପ୍ରଥମ ଇଚ୍ଛାମୃତ୍ୟୁକୁ ମିଳିଲା ମଞ୍ଜୁରୀ । ପ୍ରଥମ ଥର ପାଇଁ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ । ଗତ ୧୩ ବର୍ଷ ଧରି ଅଚେତ ଅବସ୍ଥାରେ ଶଯ୍ୟାଶାୟୀ ଗାଜିଆବାଦ ବାସିନ୍ଦା ହରିଶ ରାଣାଙ୍କୁ 'ଇଚ୍ଛାମୃତ୍ୟୁ' ପାଇଁ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଛନ୍ତି । ଆମେ ଆଉ ଏହି ଯୁବକଙ୍କୁ ଯନ୍ତ୍ରଣାରେ ରଖିପାରିବୁ ନାହିଁ ବୋଲି କହି ଏହି ନିଷ୍ପତ୍ତି ଜଷ୍ଟିସ ଜେ.ବି. ପାରଦିୱାଲା ଏବଂ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ପ୍ରଦାନ କରିଛନ୍ତି ।

ଚଣ୍ଡିଗଡ଼ ପଞ୍ଜାବ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ ହରିଶ ରାଣା । ୨୦୧୩ରେ ହଷ୍ଟେଲର ଚତୁର୍ଥ ମହଲାରୁ ସେ ଖସିପଡ଼ିଥିଲେ । ମୁଣ୍ଡରେ ଶକ୍ତ ଆଘାତ ଲାଗିଲା ଆଉ ସେବେଠାରୁ ହରିଶଙ୍କ ଦୁନିଆ କେବଳ ଏକ ଶେଯରେ ସୀମିତ ହୋଇଗଲା । ଗତ ୧୩ ବର୍ଷ ଧରି ସେ ଅଚେତ ଅବସ୍ଥାରେ ପଡ଼ିରହିଛନ୍ତି । ଶରୀରର ୧୦୦% ଅଙ୍ଗ ଅକାମୀ । ଅଣ୍ଟାରେ ଘା' ଆଉ ଆଖିରେ କେବଳ ଶୂନ୍ୟତା । ପୁଅକୁ ଭଲ କରିବା ପାଇଁ ବାପା-ମା' ସର୍ବସ୍ୱ ଲଗାଇଦେଲେ, କିନ୍ତୁ ଭାଗ୍ୟ ସାଥ୍ ଦେଲାନି । ଶେଷରେ କୋର୍ଟର ପୁଅର ଇଚ୍ଛାମୃତ୍ୟୁ ପାଇଁ ହରିଶଙ୍କ ବାପା-ମା' ଆବେଦନ କରିଥିଲେ । ଏହି ମାମଲାରେ ସୁପ୍ରିମକୋର୍ଟ ଏମ୍ସ ଠାରୁ ରିପୋର୍ଟ ମାଗିଥିଲେ । ଏମ୍ସର ବିଶେଷଜ୍ଞ ଡାକ୍ତରୀ ଦଳ ସ୍ପଷ୍ଟ କରିଥିଲେ ଯେ, ହରିଶଙ୍କ ସୁଧାର ଆସିବା ଅସମ୍ଭବ । ଏହି ରିପୋର୍ଟକୁ ଆଧାର କରି

▶▶ ୬

### ରାଷ୍ଟ୍ରପତିଙ୍କୁ ଅପମାନ

## ମମତାଙ୍କୁ ମୋହନଙ୍କ ଚିଠି

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:**

ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନ କରାଯିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ମଧ୍ୟ ପୋଷ୍ଟ କରି କହିଛନ୍ତି, ପରସ୍ପର ସମ୍ମାନ ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧ ଅଟେ । ମତଭେଦ କଦାପି ମତଭେଦର କାରଣ ନହେବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି,ଦେଶର ପ୍ରଥମ ନାଗରିକ ତଥା ଆଦିବାସୀ ମହିଳାଙ୍କ ଅପମାନ ଗ୍ରହଣୀୟ ନୁହେଁ । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପଶ୍ଚିମବଙ୍ଗ ସରକାର ଦାୟିତ୍ୱରେ ଅବହେଳା କରିଛନ୍ତି । ଏହି ଘଟଣା ସମଗ୍ର ଦେଶର ଆଦିବାସୀ ଓ ଦଳିତ ସମାଜକୁ ଆଘାତ ଦେଇଛି । ମୁଁ ମଧ୍ୟ ସାନ୍ତାଳ ସମାଜରୁ ଆସୁଥିବାରୁ ମୁଁ ମଧ୍ୟ ଦୁଃଖିତ । ଦେଶବାସୀ ଓ ରାଷ୍ଟ୍ରପତିଙ୍କ ନିକଟରେ ମମତା କ୍ଷମା ମାଗନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ରାଷ୍ଟ୍ରପତିଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ ତାଙ୍କ ପ୍ରତି ପ୍ରଦର୍ଶିତ ହୋଇଥିବା ଅସମ୍ମାନଜନକ ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା କେବଳ ସାନ୍ତାଳ ସମ୍ପ୍ରଦାୟ ନୁହେଁ, ବରଂ ଦେଶର କୋଟି କୋଟି ଜନସାଧାରଣ ଓ ଆଦିବାସୀ ଭାଇଭଉଣୀଙ୍କ ଭାବନାକୁ ଗଭୀର ଆଘାତ ଦେଇଛି ।

▶▶ ୬

### ମଧ୍ୟପ୍ରାଚ୍ୟରେ ଫସିଛନ୍ତି ଓଡ଼ିଆ

### ମୁଖ୍ୟ ସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ଟ୍ରାକ୍ କର, ଫେରାଇ ଆଣ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:**

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଭୟାବହ ଯୁଦ୍ଧ ମଧ୍ୟରେ ଫସି ରହିଥିବା ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ରାଜ୍ୟ ସରକାର ଏବେ ଆକ୍ସନମୋଡରେ । ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେଠାରେ ଅନେକ ଓଡ଼ିଆ ଲୋକ ଅଟକି ରହିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣା ଉପରେ ଟ୍ରାକ୍ ରଖିବାକୁ ଏବଂ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମାର୍ଚ୍ଚ ୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଧ୍ୟପ୍ରାଚ୍ୟ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡାଙ୍କୁ ଏହାର ନୋଡାଲ ଅଫିସର ନିଯୁକ୍ତ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପରିବାରକୁ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ଓଡ଼ିଆ ଲୋକମାନଙ୍କ ପକ୍ଷରୁ ପ୍ରାୟ ୨୦୦ ଟେଲିଫୋନ ଆସିଛି । ଏବଂ ନିର୍ଦ୍ଦେଶାଳୟ ପକ୍ଷରୁ ବୈଦେଶିକ




### ଟୋଲ୍ ଫ୍ରି ନମ୍ବର ଜାରି
### ସମୀକ୍ଷା କଲେ ଅନୁ ଗର୍ଗ

ମନ୍ତ୍ରଣାଳୟ ସହ ଯୋଗାଯୋଗ କରାଯାଇ ସେମାନଙ୍କ ଫେରିବା ସମ୍ପର୍କରେ ସହାୟତା କରାଯାଉଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲରୁମ୍ କରାଯାଇ ଟୋଲଫ୍ରି ନମ୍ବର ୧୮୦୦-୧୧୮-୭୯୭ ଜାରି କରାଯାଇଛି । ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଦୁବାଇ, ଆବୁଧାବି ଓ ବାହାରିନରେ ଥିବା ଓଡ଼ିଆ ଆସୋସିଏସନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରାଯାଇ ସେଠାକାର ବାସ୍ତବ ପରିସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି । ସୂଚନାଯୋଗ୍ୟ ଯେ, ଦୁବାଇରେ ୩୫ ଜଣ ଓଡ଼ିଆ ପର୍ଯ୍ୟଟକ ଫସି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣ କେରଳର କୋଚି ଦେଇ ମାର୍ଚ୍ଚ ୭ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି । ବାକି ପର୍ଯ୍ୟଟକମାନେ ମୁମ୍ବାଇ ଦେଇ ଏକ ସ୍ୱତନ୍ତ୍ର ଏୟାର ଇଣ୍ଡିଆ ଏକ୍ସପ୍ରେସ ଫ୍ଲାଇଟ ଜରିଆରେ ୮ ତାରିଖ ଦିନ ଭୁବନେଶ୍ୱର ଫେରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ମଧ୍ୟପ୍ରାଚ୍ୟରୁ ବର୍ତ୍ତମାନ ସୁଦ୍ଧା ୬୫ ହଜାର ଭାରତୀୟ ସ୍ୱତନ୍ତ୍ର ଫ୍ଲାଇଟ ଜରିଆରେ ନିରାପଦରେ ଭାରତକୁ ଫେରି ଆସିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ପାଇଁ

▶▶ ୬

# ଭୁଶୁଡୁଛି ମାଓ ଗଡ଼

**ଜଗଦଲପୁର,କନ୍ଧମାଳ,ଫୁଲବାଣୀ, ୧୧।୩/ଏଜେନ୍ସି:**

ନକ୍ସଲ ମୁକ୍ତ ଭାରତ ଅଭିଯାନକୁ ବଡ଼ ସଫଳତା ମିଳିଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବସ୍ତର ଜିଲ୍ଲାର ଜଗଦଲପୁର ଠାରେ ଆଜି ୧୦୮ ଜଣ ହାର୍ଡକୋର ମାଓବାଦୀ ଏକାସାଙ୍ଗରେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ମାଓବାଦୀ ରହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁଣ୍ଡ ଉପରେ ୩.୯୫ କୋଟି ଟଙ୍କାର ପୁରସ୍କାର ମିଳିତ ଭାବେ ରହିଥିଲା । ସେମାନଙ୍କୁ ସୁରକ୍ଷାକର୍ମୀ ଧରିବାକୁ ଚେଷ୍ଟା କରୁଥିବା ବେଳେ ସେମାନେ ଆଜି ଅସ୍ତ୍ର ଛାଡ଼ି ସମାଜରେ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି । ସେହିପରି ନକ୍ସଲଙ୍କ ଆଡ୍ଡାରୁ ସୁରକ୍ଷାକର୍ମୀମାନେ ବିପୁଳର ପରିମାଣର ନଗଦ ଟଙ୍କା, ସୁନା ଓ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ସୂଚନା ଆଧାରରେ ସୁରକ୍ଷାକର୍ମୀମାନେ କରିଥିବା ରେଡ ବେଳେ ଏହି ସବୁ ଜିନିଷ ମିଳିଛି ।ବସ୍ତର ରେଞ୍ଜ ପୁଲିସ୍ ଆଇଜି ସୁନ୍ଦରାଜ ପଟ୍ଟିଲିଙ୍ଗାମ କହିଛନ୍ତି ଯେ ନକ୍ସଲଙ୍କ ଆଡ୍ଡାରୁ ନଗଦ ୩.୬୧ କୋଟି ଟଙ୍କା ଓ ପ୍ରାୟ ୧ କେଜି ସୁନା ମିଳିଛି । ଜବତ ସୁନାର ମୂଲ୍ୟ ପ୍ରାୟ ୧.୬୪ କୋଟି ଟଙ୍କା ହେବ ।

ଜଗଦଲପୁର ଠାରେ ଆତ୍ମସର୍ପଣ କରିଥିବା ମାଓବାଦୀମାନେ ବ୍ୟାନ ହୋଇଥିବା ସିପିଆଇ(ମାଓବାଦୀ) ସଂଗଠନର ଦଣ୍ଡକରାଣ୍ୟ ସ୍ପେଶାଲ ଜୋନାଲ କମିଟି ସଦସ୍ୟ । ଗତବର୍ଷ ଦକ୍ଷିଣ ବସ୍ତରର ବିଭିନ୍ନ ସ୍ଥାନରେ ହୋଇଥିବା ଏକାଧିକ ହିଂସାରେ ଏମାନେ ସାମିଲ ଥିଲେ ।



### ଛତିଶଗଡ଼ରେ ୧୦୮ ନକ୍ସଲଙ୍କ ଆତ୍ମସମର୍ପଣ
### ଜବତ ହେଲା ୧ କେଜି ସୁନା, ନଗଦ ୩.୬୨ କୋଟି ଟଙ୍କା
### ଫୁଲବାଣୀରେ ବି ଆତ୍ମସମର୍ପଣ କଲେ ୧୦

ଆଜି ଅସ୍ତ୍ର ଛାଡ଼ିଥିବା ମାଓବାଦୀଙ୍କ ମଧ୍ୟରେ ୬ ଜଣ ଡିଭିଜନାଲ କମିଟି ସଦସ୍ୟ ରହିଛନ୍ତି । ଏମାନଙ୍କୁ ଧରିବା ପାଇଁ ୮ ଲକ୍ଷ ଟଙ୍କା ଲେଖାଏ

▶▶ ୬

# ଖାରଜ ହେଲା ଅନାସ୍ଥା ପ୍ରସ୍ତାବ

### ପୂର୍ବବତ୍ ଗୃହକାର୍ଯ୍ୟରେ ଅଧ୍ୟକ୍ଷତା କରିବେ ଓମ୍ ବିର୍ଲା

**ନୂଆଦିଲ୍ଲୀ, ୧୧।୩/ଏଜେନ୍ସି:**

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହୋଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ମିଳିତ ଭାବେ ଆଣିଥିବା ଅନାସ୍ଥା ପ୍ରସ୍ତାବ ବୁଧବାର ବାଚନିକ ଭୋଟ୍ ଫଳାଫଳ ଆଧାରରେ ଖାରଜ ହୋଇଯାଇଛି । ବାଚସ୍ପତିଙ୍କୁ ହଟାଇବା ପାଇଁ ଅତିକମ୍‌ରେ ୨୭୨ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ବିରୋଧୀଙ୍କ ପାଖରେ ମାତ୍ର ୨୩୮ ସାଂସଦ ରହିଛନ୍ତି । ଅନ୍ୟପଟେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ୨୯୩ ସାଂସଦଙ୍କ ସମର୍ଥନ ରହିଛି । ଫଳରେ ବାଚନିକ ଭୋଟ୍ ନିୟମ ମୁତାବକ ଏହି ପ୍ରସ୍ତାବକୁ ଖାରଜ ବୋଲି ଘୋଷଣା କରିଥିଲେ ଗୃହର ଅନ୍ୟତମ କାର୍ଯ୍ୟକାରୀ ଅଧ୍ୟକ୍ଷ । ପ୍ରକାଶ, ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ବିଚାରାଧୀନ ଥିବା ବେଳେ, ଓମ୍ ବିର୍ଲା ସଂସଦୀୟ ପରମ୍ପରାକୁ ଉଲ୍ଲେଖ କରି ନୈତିକ ଆଧାରରେ କାର୍ଯ୍ୟ ପରିଚାଳନା ନକରିବାକୁ ତଥା ଗୃହର ଅଧ୍ୟକ୍ଷତା ନକରିବାକୁ ନିଷ୍ପତ୍ତି



ନେଇଥିଲେ । ଅନାସ୍ଥା ପ୍ରସ୍ତାବ ପରଠାରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଲୋକସଭା କାର୍ଯ୍ୟ ପରିଚାଳନା କରିନାହାଁନ୍ତି । ଏହି ସମୟ ମଧ୍ୟରେ, ଗୃହର କାର୍ଯ୍ୟ ଅଧ୍ୟକ୍ଷ ପ୍ୟାନେଲର ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଏବେ, ସଂକଳ୍ପ ପ୍ରତ୍ୟାଖ୍ୟାନ ହେବା ପରେ, ବିର୍ଲା ପୁନର୍ବାର ଗୃହ କାର୍ଯ୍ୟର ଅଧ୍ୟକ୍ଷତା କରିବା ମାର୍ଗ ସ୍ପଷ୍ଟ ହୋଇଯାଇଛି ।

▶▶ ୬

# ଭିଜିଲାନ୍ସ ଜାଲରେ ତହସିଲ୍‌ଦାର

**କଟକ,କଣ୍ଟାପଡ଼ା, ୧୧।୩/ଏନ୍ଏନ୍ଏସ୍:** କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ସମେତ ମୋଟ୍ ୭ଟି ଠିକଣାରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ତହସିଲଦାର ପ୍ରସନ୍ନ ସାମନ୍ତରାୟ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ଦୁଇଟି ତିନି ମହଲା କୋଠା ଏବଂ ୭ଟି ଦାମୀ ଫ୍ଲାଟ୍ ଠାବ କରିଛି ଭିଜିଲାନ୍ସ । ତାଙ୍କ ଘରୁ ନଗଦ ୨ ଲକ୍ଷ ୧୫ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ତାଙ୍କର ଗୋଟିଏ କାର (ମାରୁତି ବ୍ରେଜା) ଓ ୩ଟି ଦୁଇ ଚକିଆ ଗାଡ଼ି ଅଛି । ସେହିପରି ୮ ଲକ୍ଷ ଟଙ୍କାର ଗୃହ ଉପକରଣ ମଧ୍ୟ ଅଛି । ବ୍ୟାଙ୍କ ଓ ଡାକ ଘରେ ସେ ଟଙ୍କା ଜମା ରଖିଛନ୍ତି । ଏହା ବାଦ୍ ଅନ୍ୟାନ୍ୟ ନିବେଶ କରିଛନ୍ତି । ଏନେଇ ଖୋଳତାଡ଼ ଜାରି ରହିଛି ।

ପ୍ରସନ୍ନ ସାମନ୍ତରାୟଙ୍କ ଦୁଇଟି ଯାକ ତିନି ମହଲା କୋଠା ଭୁବନେଶ୍ୱରର ସହିଦ ନଗର ଥାନା କେଶୁରାରେ ରହିଛି । ସେଥିରୁ ଗୋଟିଏ ୪୦୬୫ ବର୍ଗଫୁଟ୍ ଜାଗାରେ ତିଆରି ହୋଇଛି । ଅନ୍ୟ କୋଠାଟି



ନିର୍ମାଣାଧୀନ ରହିଛି । ନିର୍ମାଣାଧୀନ କୋଠାଟି ୬୭୫୦ ବର୍ଗଫୁଟ୍ ଜାଗାରେ ରହିଛି । ସେହିପରି ତାଙ୍କର ସମସ୍ତ ୭ଟି ଫ୍ଲାଟ ଭୁବନେଶ୍ୱରରେ ରହିଛି । ସେଥିରୁ ୩ଟି ସହିଦ ନଗର ଥାନା କେଶୁରାରେ ଅଛି । ତାଙ୍କର ଏହି ଦୁଇ କୋଠା ଓ ଫ୍ଲାଟ୍‌ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ କରାଯାଉଛି । ୨୦୦୦ ମସିହା ଜାନୁଆରୀ ମାସ ୨୧ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ପ୍ରସନ୍ନ ସାମନ୍ତରାୟ । ସେ ଲୋକାଲ ଫଣ୍ଡ ଅଡିଟର

### ଭୁବନେଶ୍ୱରରେ ଅଛି ୨ଟି ୩ ମହଲା କୋଠା, ୭ ଫ୍ଲାଟ୍
### ଘରୁ ମିଳିଲା ନଗଦ ୨ ଲକ୍ଷ ୧୫ ହଜାର ଟଙ୍କା

ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କର ପ୍ରାରମ୍ଭିକ ଦରମା ଥିଲା ୫ ହଜାର ୧୩୦ ଟଙ୍କା ।

ତହସିଲଦାର ଶ୍ରୀ ସାମନ୍ତରାୟ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଭୁବନେଶ୍ୱର ସ୍ଥିତ ଦୁଇ କୋଠା ସହିତ ପୁରୀ ଜିଲ୍ଲା ଗଡ଼ିଶାଗୋଡା ଥାନା ଦୁଛିଆ ଗ୍ରାମ ସ୍ଥିତ ତାଙ୍କ ପୈତୃକ ଘରେ, ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଥିବା ତାଙ୍କ ସଂପର୍କୀୟଙ୍କ ଘରେ, କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ଅଞ୍ଚଳରେ ଥିବା ତାଙ୍କ ଅନ୍ୟ

▶▶ ୬

## ୬୯ ମଣ୍ଡି ନୋଡାଲ୍ ଅଫିସର୍‌ଙ୍କ ଦରମା ବନ୍ଦ

**ଜଗତସିଂହପୁର,୧୧।୩/ଏନ୍ଏନ୍ଏସ୍:**

ଧାନ କ୍ରୟ ପ୍ରକ୍ରିୟାରେ ଅବହେଳା ଏବଂ ମଣ୍ଡିରେ ଅନୁପସ୍ଥିତ ରହିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲାପାଳ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୬୯ ଜଣ ମଣ୍ଡି ନୋଡାଲ ଅଫିସରଙ୍କ ମାର୍ଚ୍ଚ ମାସର ଦରମା ବନ୍ଦ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ଚଳିତ ବର୍ଷ ଧାନ କ୍ରୟ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଏବଂ ଭିଏଲଡବ୍ଲ୍ୟୁମାନଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଥିଲା । ମାତ୍ର ଏହି ଅଧିକାରୀମାନେ ନିଜ ନିଜର ଧାନ କ୍ରୟ କେନ୍ଦ୍ର ବା ମଣ୍ଡିରେ ଉପସ୍ଥିତ ନ ରହି ମନମୁଖୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା । ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା । ଜିଲ୍ଲାର ସମସ୍ତ ପ୍ରମୁଖ ବ୍ଲକରେ କାର୍ଯ୍ୟରତ ଅଧିକାରୀମାନେ

▶▶ ୬

# ଯୁଦ୍ଧ ନିଆଁରେ ପାଉଁଶ ହୋଇଯିବ ମଧ୍ୟପ୍ରାଚ୍ୟ

**ତେହେରାନ୍, ୱାଶିଂଟନ୍, ୧୧।୩/ଏଜେନ୍ସି:**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଦ୍ୱାଦଶ ଦିନରେ ପହଞ୍ଚିଛି । ଆମେରିକା-ଇସ୍ରାଏଲ୍ ପକ୍ଷରୁ ମିଳିତ ଭାବେ ଇରାନ୍ ଉପରେ ଆକ୍ରମଣ କରାଯାଉଥିବା ବେଳେ ଇରାନ୍ ମଧ୍ୟ ନିଜ ସାମର୍ଥ୍ୟ ତୁଳନାରେ ପାଲଟା ଜବାବ ଦେଉଛି । ତେବେ ଏହାରି ମଧ୍ୟରେ ସମଗ୍ର ବିଶ୍ୱକୁ ଇରାନ୍ ବୁଧବାର ଏକ ବଡ଼ ଧମକ ମଧ୍ୟ ଦେଇଛି । ଇରାନ୍ କହିଛି, ଯୁଦ୍ଧ ଜାରି ରହିଲେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୨୦୦ ଡଲାରକୁ ବୃଦ୍ଧି ପାଇବା ନିଶ୍ଚିତ । ସେହିପରି ଗୁଗୁଲ୍, ଆମାଜନ, ମାଇକ୍ରୋସଫ୍ଟ, ଏନ୍‌ଭିଡିଆ, ପାଲାଣ୍ଟିର୍ ଟେକ୍ନୋଲୋଜିଜ୍, ଆଇବିଏମ୍ ଏବଂ ଓରାକଲ୍ କର୍ପୋରେସନ୍ ସମେତ ଆମେରିକୀୟ ଟେକ୍ ଫାର୍ମଗୁଡ଼ିକୁ ମଧ୍ୟ ତେହରାନ୍ ଚେତାବନୀ ଦେଇଛି । ତେହରାନ୍ କହିଛି, ଏହି ଅଞ୍ଚଳରେ ସଂଘର୍ଷ ବୃଦ୍ଧି ପାଇବା ସହିତ ଏସବୁ ଆମେରିକୀୟ କମ୍ପାନୀଗୁଡ଼ିକର କାର୍ଯ୍ୟାଳୟ ଏବଂ ଭିତ୍ତିଭୂମି ଇରାନ୍ ପାଇଁ ପରବର୍ତ୍ତୀ ଟାର୍ଗେଟ ହୋଇପାରେ । ଏହିକ୍ରମେ ଆଇଆରଜିସି ପକ୍ଷରୁ ଏସବୁ ପ୍ରମୁଖ ଆମେରିକୀୟ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କାର୍ଯ୍ୟାଳୟ ଏବଂ ଭିତ୍ତିଭୂମିର ଏକ ତାଲିକା ପ୍ରକାଶିତ



କରାଯାଇଛି । ଏସବୁ କମ୍ପାନୀଗୁଡ଼ିକ ଇସ୍ରାଏଲ ସହିତ ଜଡିତ ଏବଂ ଏମାନେଙ୍କ ପ୍ରଯୁକ୍ତିବିଦ୍ୟା ସାମରିକ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେଉଥିବା ଆଇଆରଜିସି ଦାବି କରୁଛି । ରିପୋର୍ଟ ଅନୁସାରେ, ତାଲିକାଭୁକ୍ତ କାର୍ଯ୍ୟାଳୟ ଏବଂ ଭିତ୍ତିଭୂମି ଅନେକ ଇସ୍ରାଏଲୀ ସହର ସହିତ କିଛି ଉପସାଗରୀୟ ଦେଶରେ ଅବସ୍ଥିତ ।

### ଯୁଦ୍ଧକୁ ୧୨ ଦିନ ବିତିଲା, ତଥାପି ସମାପ୍ତି ଆଶା କ୍ଷୀଣ
### ସମଗ୍ର ବିଶ୍ୱକୁ ଧମକ ଦେଲା ଇରାନ୍
### ବ୍ୟାରେଲ୍ ପିଛା ମୂଲ୍ୟ ୨୦୦ ଡଲାରକୁ ବୃଦ୍ଧି ପାଇବ !
### ଆମେରିକୀୟ ଟେକ୍ ଫାର୍ମା ଓ ଅର୍ଥନୈତିକ କେନ୍ଦ୍ରଗୁଡ଼ିକୁ ତେହରାନ୍‌ର ଚେତାବନୀ

ପୃଥକ ଭାବରେ, ଇରାନ ମଧ୍ୟ ଚେତାବନୀ ଦେଇଛି ଯେ ଏହା ସମଗ୍ର ଅଞ୍ଚଳରେ ଆମେରିକା ଏବଂ ଇସ୍ରାଏଲୀ ସଂସ୍ଥା ସହିତ ଜଡିତ ଅର୍ଥନୈତିକ କେନ୍ଦ୍ର ଏବଂ ବ୍ୟାଙ୍କଗୁଡ଼ିକୁ ଟାର୍ଗେଟ୍ କରିବ ।

ଗୋଟିଏ ପଟେ ଇରାନ୍‌ର ଏପ୍ରକାର ଧମକ ସାଙ୍ଗକୁ ଅନ୍ୟପକ୍ଷେ ଆମେରିକା ଏବଂ ଇସ୍ରାଏଲ୍‌ର ଯୁଦ୍ଧ ଜାରି ରଖିବାର ମାନସିକତା ସମଗ୍ର ବିଶ୍ୱ ପାଇଁ ତଥା ସମସ୍ତ ମାନବସମାଜ ପାଇଁ ଏକ ବଡ଼ ଭୟଙ୍କର ତଥା ବିକଟ ପରିସ୍ଥିତି ଉତ୍ପନ୍ନ କରିଦେଇଛି । ତୁର୍କୀ ରାଷ୍ଟ୍ରପତି ରେଚପ ତୈଇପ ଏର୍ଦୋଗାନ୍ କହିଛନ୍ତି ଇରାନ୍‌ରେ ଜାରି ଯୁଦ୍ଧ ଯଦି ତୁରନ୍ତ ରୋକା ନଯାଏ ତେବେ ମିଡିଲ୍ ଇଷ୍ଟ ସମେତ ସମଗ୍ର ବିଶ୍ୱ ଏହାର ଉଗ୍ରନିଆଁରେ ଭସ୍ମୀଭୂତ ହୋଇଯିବ ।

**ଇରାନ୍‌ରେ ନଷ୍ଟ କରିବାକୁ ଆଉ କିଛି ବି ବାକି ନାହିଁ: ଟ୍ରମ୍ପ**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଜି ପୁଣିଥରେ କହିଛନ୍ତି ଯେ, ଇରାନ ସହିତ ଯୁଦ୍ଧ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି ଏବଂ ଶୀଘ୍ର ଶେଷ ହୋଇପାରେ । ସେ କହିଛନ୍ତି ଯେ ଆମେରିକୀୟ ସେନା ଇରାନକୁ ଆଶାଠାରୁ ଅଧିକ କ୍ଷତି ପହଞ୍ଚାଇଛି । ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଆକ୍ରମଣ ପରେ, ଇରାନରେ ଟାର୍ଗେଟ କରିବା ପାଇଁ ପ୍ରାୟ କିଛି ବାକି ନାହିଁ । ଟ୍ରମ୍ପଙ୍କ ଅନୁସାରେ, ସାମରିକ ଅଭିଯାନ ନିର୍ଦ୍ଧାରିତ ସମୟଠାରୁ ଆଗକୁ ଚାଲିଛି । ସେ କହିଛନ୍ତି ଯେ ଆମେରିକା ପୂର୍ବରୁ ଆନୁମାନିକ ୬ ସପ୍ତାହର ଅଭିଯାନ ଅପେକ୍ଷା ଅଧିକ କ୍ଷତି ପହଞ୍ଚାଇସାରିଛି । ସେହିପରି ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଯୁଦ୍ଧ ସମ୍ପର୍କରେ ଟିପ୍ପଣୀ କରାଯାଇଛି । ଇସ୍ରାଏଲର

▶▶ ୬

### ହର୍ମୁଜ୍ ପ୍ରଣାଳୀରେ ଇରାନ୍‌ର ଆକ୍ରମଣ

## ଭାରତ ଆସୁଥିବା ଥାଇ ଜାହାଜ କ୍ଷତିଗ୍ରସ୍ତ

**ତେହରାନ୍, ନୂଆଦିଲ୍ଲୀ, ୧୧।୩/ଏଜେନ୍ସି:**

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ୧୨ତମ ଦିନରେ ଇରାନ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ୩ ଜାହାଜ ଉପରେ ଆକ୍ରମଣ ହୋଇଛି । ଏଥିମଧ୍ୟରୁ ଭାରତ ଆସୁଥିବା ଏକ ଥାଇଲାଣ୍ଡ ମାଲବାହୀ ଜାହାଜ ମୁଖ୍ୟତଃ ଏହି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି । ଆକ୍ରମଣରେ ମାଲବାହୀ ଜାହାଜଟି ମାତ୍ରାଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜାହାଜରେ ଥିବା ୨୩ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୩ଜଣ ନିଖୋଜ ରହିଛନ୍ତି । ବାକି ୨୦ ଜଣଙ୍କୁ ଓମାନ ନୌସେନା ପକ୍ଷରୁ ଉଦ୍ଧାର କରାଯାଇଛି । ଅନ୍ୟପକ୍ଷେ ରୟାଲ୍ ଥାଇ ନୌସେନା ପକ୍ଷରୁ ଆକ୍ରମଣ ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛି । ବିବୃତ୍ତି ଅନୁଯାୟୀ, ଥାଇ କମ୍ପାନୀ ପ୍ରିସିୟସ୍ ସିପିଂ



ପିସିଏଲ୍‌ର ମାଲିକାନାରେ ଥିବା ଏକ ବଡ଼ ମାଲବାହୀ ଜାହାଜ 'ମୟୁରୀ ନାରୀ' । ସଂଯୁକ୍ତ ଆରବ ଏମିରେଟ୍ସର ଖଲିଫା ବନ୍ଦରରୁ ବାହାରିଥିବା ଏହି ଜାହାଜ ହର୍ମୁଜ୍ ପ୍ରଣାଳୀ ଦେଇ ଓମାନ ନିକଟରେ ଯାତ୍ରା କରୁଥିବା ଜାହାଜକୁ ଏକ ପ୍ରୋଜେକ୍ଟାଇଲ୍ ଦ୍ୱାରା ଟାର୍ଗେଟ କରାଯାଇଥିଲା । ଜାହାଜଟି ଭାରତର କାଣ୍ଡଲା ବନ୍ଦର ଅଭିମୁଖେ ଯାଉଥିବା ବେଳେ ଆକ୍ରମଣ

▶▶ ୬

ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

## ଦୁର୍ଘଟଣା ହ୍ରାସ ପାଇଁ ଏନ୍‌ଫୋର୍ସମେଣ୍ଟ୍‌କୁ ଅଧିକ ସକ୍ରିୟ ନିର୍ଦ୍ଦେଶ

**ଛତ୍ରପୁର,୧୧।୩/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ସ୍ଥାନୀୟ ସଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବର୍ଦ୍ଧିତ ସଡ଼କ ଦୁର୍ଘଟଣା ଓ ତତଜନିତ ପ୍ରାଣହାନୀକୁ ଦୃଷ୍ଟିରେ ରଖି ଜନ ସଚେତନତାକୁ ଆହୁରି ପରିବ୍ୟାପ୍ତ କରାଯିବ। ନୀତି ନିୟମର କଡ଼ାକଡ଼ି ଅନୁପାଳନ, ଏନଫୋର୍ସମେଣ୍ଟକୁ ଅଧିକ ତୀବ୍ରତର କରିବା, ଗାଡିଚାଳକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି।

### ଗତ ୨ ମାସରେ ୭୬୧ ଡିଏଲ୍ ରଦ୍ଦ

ଜାନୁଆରୀ ୨୦୨୬ରେ ୧୦୯ଟି ସଡ଼କ ଦୁର୍ଘଟଣା ଘଟି ୬୯ ଜଣଙ୍କ ପ୍ରାଣହାନୀ ଓ ୫୪ ଜଣ ଆହତ ହୋଇଥିଲେ। ଯାହା ଜାନୁଆରୀ ୨୦୨୫ (୬୫ଟି ଦୁର୍ଘଟଣା ଓ ୩୧ ପ୍ରାଣହାନୀ) ତୁଳନାରେ ବହୁତ ଅଧିକ। ସେହିପରି ଫେବୃଆରୀ ୨୦୨୬ ମାସରେ ୬୧ଟି ଦୁର୍ଘଟଣା ଘଟି ୩୬ ଜଣଙ୍କ ମୃତ୍ୟୁ ଓ ୫୨ ଜଣ ଆହତ ହୋଇଥିଲେ। ଯଦିଓ ଫେବୃଆରୀ ୨୦୨୫ (୬୨ଟି ଦୁର୍ଘଟଣା) ସହିତ ତୁଳନା କଲେ ଦୁର୍ଘଟଣା ସଂଖ୍ୟା କମିଛି, କିନ୍ତୁ ମୃତ୍ୟୁହାର ପ୍ରାୟ ୨୪ ପ୍ରତିଶତ ବୃଦ୍ଧି ପାଇଛି। ଦୁର୍ଘଟଣା ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ପୁରୁଷୋତ୍ତମପୁର, ଦିଗପହାଣ୍ଡି, ବ୍ରହ୍ମପୁର ଟ୍ରାଫିକ ଅଞ୍ଚଳ, ଖଲ୍ଲିକୋଟ, ଗୋଳନ୍ଥରା, ଗୋସାଇଁ ନୂଆଗାଁ ଓ ଚମାଖଣ୍ଡିରେ ଦୁର୍ଘଟଣା ରୋକିବା ପାଇଁ ଏନଫୋର୍ସମେଣ୍ଟକୁ ଅଧିକ ତୀବ୍ରତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବେପାରୁଆ ଗାଡ଼ି ଚାଳକଙ୍କ ପାଇଁ ଅଧିକ ଦୁର୍ଘଟଣା ଘଟୁଥିବାରୁ ବିଗତ ଦୁଇ ମାସରେ ୭୬୧ଟି ଡିଏଲ ରଦ୍ଦ କରାଯାଇଥିବା ବେଳେ ଜାନୁଆରୀ ମାସରେ ୧୦ ହଜାର ୧୧ଟି ଚାଲାଣ କଟାଯାଇଥିବା ସ୍ଥଳେ ସେମାନଙ୍କ ମଧ୍ୟରେ ୬୯୫୫ ଜଣ ହେଲମେଟ ପିନ୍ଧିନଥିବା ଗାଡି ଚାଳକଙ୍କ ଚାଲାଣ କଟିଛି। ଜିଲ୍ଲାର ସମସ୍ତ ନାଗରିକ, ମୁଖ୍ୟତଃ ଯୁବପିଢ଼ି ସଚେତନ ଓ ସମ୍ବେଦନତାର ସହ ଗାଡି ଚାଳନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଟ୍ରାଫିକ ତଦାରଖ କରିବା ପାଇଁ ୫୦ଟି ଟ୍ରାଫିକ ୱାର୍ଡେନ ନିୟୋଜିତ ହେବେ। ୨୦ଟି ମଦ୍ୟପାନ ଯାଞ୍ଚ ମେସିନ ଏବଂ ବଡି କ୍ୟାମେରା ମଧ୍ୟ ଅଣାଯିବ। ବୈଠକରେ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ସୁଭେନ୍ଦୁ କୁମାର ପାତ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେର୍, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ପିଡିଏନଏଚଏଆଇ ଜେ.ପି ବର୍ମା, ଆଞ୍ଚଳିକ ପରିବହନ ଅଧିକାରୀ ଇଂ.ଦେବାଶିଷ ସ୍ୱାଇଁ, ଭାଗିରଥି ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବଡ଼ବଜାର ଖାଦ୍ୟ ବ୍ୟବସାୟୀ ସଂଘ ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର,୧୧।୩/ଏନ୍‌ଏନ୍‌ଏସ୍:** ବଡ଼ବଜାର ବ୍ୟବସାୟୀ ସଂଘର ସଭାପତିଙ୍କୁ ଆକ୍ରମଣ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବ୍ୟବସାୟୀ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି ବ୍ୟବସାୟୀ। ମଙ୍ଗଳବାର ଅପରାହ୍ଣରେ ଜଣେ ଯୁବକ ବଡ଼ବଜାରର ଖାଦ୍ୟ ବ୍ୟବସାୟୀ ସଂଘର ସଭାପତି ଗୋବିନ୍ଦ ପାତ୍ରଙ୍କ ଦୋକାନରେ ପହଞ୍ଚିଥିଲେ। ଦୋକାନରେ ପହଞ୍ଚି ଗୋବିନ୍ଦଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିଲେ ଗୋବିନ୍ଦ। ସ୍ଥାନୀୟ ବ୍ୟବସାୟୀ ମାନେ ଗୋବିନ୍ଦଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ । ଏହାପରେ ଗତ ମଙ୍ଗଳବାର ସନ୍ଧ୍ୟାରେ କିଛି ବ୍ୟବସାୟୀ ବଡ଼ବଜାର ଥାନାରେ ପହଞ୍ଚି ଘଟଣାକୁ ନେଇ ଲିଖିତ ଅଭିଯୋଗ ଦେଇଥିଲେ । ଗତକାଲି ଲିଖିତ ଅଭିଯୋଗ ପରେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିବା ଯୋଗୁଁ ଆଜି ପ୍ରଥମେ ଚାମ୍ବର ଅଫ୍ କମର୍ସର କାର୍ଯ୍ୟାଳୟରେ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ ହୋଇଥିଲା । ଏହାପରେ ଶହ ଶହ ବ୍ୟବସାୟୀ ମାନେ ନିଜର ହୋଲସେଲ ଦୋକାନକୁ ବନ୍ଦ କରି ବଡ଼ ବଜାର ଥାନାରେ ପହଞ୍ଚିଥିଲେ। ବଡ଼ ବଜାର ଥାନା ଅଧିକାରୀଙ୍କୁ ସାକ୍ଷାତ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଦୀର୍ଘ ସମୟ ଧରି ଥାନା ଅଧିକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ଯେତେ ଦିନ ପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ ସେତେ ଦିନ ପର୍ଯ୍ୟନ୍ତ ବଡ଼ବଜାର ଖାଦ୍ୟ ବ୍ୟବସାୟୀ ସଂଘର ସମସ୍ତ ବ୍ୟବସାୟୀମାନେ ନିଜର ହୋଲସେଲ ଦୋକାନକୁ ବନ୍ଦ କରିବା ନେଇ ନିଷ୍ପତ୍ତି ନେଇଛନ୍ତି।

# ଘର ଭିତରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ହତ୍ୟା ଅଭିଯୋଗ ଆଣିଲେ ବାପା

**ବ୍ରହ୍ମପୁର,୧୧।୩/ଏନ୍‌ଏନ୍‌ଏସ୍:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସିଦ୍ଧାର୍ଥନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ଜନୈକ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ସିଦ୍ଧାର୍ଥନଗର ଦ୍ୱିତୀୟ ଲାଇନ୍ ନିବାସୀ ଅଶାନ୍ତି ସେଠୀ(୪୭) ବୋଲି ଜଣାପଡିଛି। ମୃତକଙ୍କ ପରିବାର ଲୋକ ଏହା ଆତ୍ମହତ୍ୟା କହୁଥିବା ବେଳେ ମହିଳାଙ୍କ ପିତା ବୁଗୁଡା ନିମପଦର ଅଞ୍ଚଳର ଖଦାଳ ସେଠୀ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଘଟଣାସ୍ଥଳରେ ପୁଲିସ୍ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏହା ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ତଦନ୍ତ କରୁଛି ପୁଲିସ୍।

ସୂଚନା ପ୍ରକାରେ ଆଜି ସକାଳେ ସିଦ୍ଧାର୍ଥ ନଗର ଦ୍ୱିତୀୟ ଗଳିରେ ରହୁଥିବା ଅଶାନ୍ତି ସେଠୀ ଘରେ ମରି ପଡ଼ିଥିବା ବେଳେ ତାଙ୍କ ଛାତି ଉପରେ ଏକ ଶିଳପୁଆ ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଶାନ୍ତି ଘରେ ଏକା ରହୁଥିବା ବେଳେ ତାଙ୍କ ସାବତ ପୁଅ ମଳୟ ରଞ୍ଜନ ସେଠୀ ସୁନ୍ଦରଗଡ଼ରେ ଅବକାରୀ ବିଭାଗରେ କାର୍ଯ୍ୟରତ ଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ବୋହୂ ରୋଜାଲିନ ସେଠୀ ନିଜ ବାଣପୁର ବାପ ଘରକୁ ଚାଲି ଯାଇଥିଲେ।



ଘରେ କେହି ନ ଥିବା ବେଳେ ମହିଳା ଜଣକଙ୍କ ମୃତ୍ୟୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହା ଆତ୍ମହତ୍ୟା ନୁହଁ ବରଂ ଅଶାନ୍ତିଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ଖଦାଳ ସେଠୀ ଅଭିଯୋଗ କରିଛନ୍ତି। ସ୍ୱାମୀ ଭଞ୍ଜନଗର ଅଞ୍ଚଳର ମୁରଲୀ ସେଠୀଙ୍କ ବହୁ ବର୍ଷ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ସାବତ ପୁଅ ଓ ବହୁ ସହ ଅଶାନ୍ତି ସିଦ୍ଧାର୍ଥନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ନିଜ ଘରେ ରହୁଥିଲେ। ଅଶାନ୍ତି ସେଠୀଙ୍କ ସହ ତାଙ୍କ ସାବତ ପୁଅ, ବୋହୂ ଏବଂ ଅନ୍ୟମାନଙ୍କ ମଧ୍ୟରେ ସମ୍ପତ୍ତିକୁ ନେଇ ବିବାଦ ଲାଗି ରହିଥିଲା। ପୂର୍ବରୁ ବହୁ ସମୟରେ ଅଶାନ୍ତିଙ୍କୁ ପରିବାର ସଦସ୍ୟ ମାରଧର ମଧ କରି ଆସୁଥିଲେ। ସେମାନେ ହିଁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ପିତା ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦେବାକୁ ମୃତଙ୍କ ପିତା ଖଦାଳ ସେଠୀ ଅନୁରୋଧ କରିଛନ୍ତି।

ସ୍ୱଚ୍ଛତା ଦିଗରେ ମହିଳା ସଶକ୍ତୀକରଣ

## ଫୁଲବାଣୀ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ବୈଠକ



**ଫୁଲବାଣୀ,୧୧।୩/ଏନ୍‌ଏନ୍‌ଏସ୍:** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଫୁଲବାଣୀ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଦିଗରେ ମହିଳାଙ୍କ ସଶକ୍ତୀକରଣ ଓ ମହିଳା ଶକ୍ତିର ନୂଆ ପରିଚୟ ଉପରେ ଏକ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୌର ପରିଷଦ ଅଧକ୍ଷା ପାୟଲ ବେହେରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଏବଂ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହିତ ସମସ୍ତ ୱାର୍ଡର କାଉନସିଲରମାନେ ମଧ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱଚ୍ଛ ସାଥୀମାନେ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି ସଭାର ଆଭିମୁଖ୍ୟ ପ୍ରକାଶ କରିଥିବା ବେଳେ ମୁଖ୍ୟ ଅତିଥି ସ୍ୱଚ୍ଛତା ରକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ କଲେଜ ସ୍ତରରେ ଆୟୋଜିତ ସ୍ୱଚ୍ଛତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୮ ନମ୍ବର ୱାର୍ଡ କାଉନସିଲର ରାଜେନ୍ଦ୍ର ପାଢ଼ୀ ଏବଂ ୧୩ ନମ୍ବର ୱାର୍ଡ କାଉନସିଲର ସୁଶ୍ରୀ ମାଧବୀ ମିଶ୍ର ନିଜ ନିଜର ବକ୍ତବ୍ୟ ରଖିଥିଲେ। ପୌର ପରିଷଦର ସାନିଟେସନ ଏକ୍ସପର୍ଟ ଜୟପାଲ ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ କିରାଣୀ ସତ୍ୟ ପ୍ରକାଶ ମହାପାତ୍ର, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସ୍ୱଚ୍ଛ ସାଥୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ୱାର୍ଡରୁ ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିବା ବେଳେ ମଧୁସ୍ମିତା ସଭା ପରିଚାଳନା କରିଥିଲେ।

## ମାଙ୍କଡ଼ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

**ବୁଗୁଡ଼ା,୧୧।୩/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ବୁଗୁଡ଼ା ଅଞ୍ଚଳରେ ମାଙ୍କଡ଼ ପଲର ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରେ ଚାଷୀମାନଙ୍କ ବିଲରେ ପଲ ପଲ ମାଙ୍କଡ଼ ପଶି ମୁଗ ଓ ବିରି ଖାଇବା ସହ ଫସଲ ଉଜାଡ଼ି ଦେଉଛନ୍ତି। ମାଙ୍କଡ଼ମାନଙ୍କ ଉପଦ୍ରବରେ ଚାଷୀମାନେ ଅତିଷ୍ଠ ହୋଇପଡ଼ିଥିଲେ ସୁଦ୍ଧା କୌଣସି ପ୍ରତିକାର ବ୍ୟବସ୍ଥା କରି ନ ପାରି କ୍ଷତି ସହିବାକୁ ବାଧ ହେଉଛନ୍ତି। ଯଦି କୌଣସି ଚାଷୀ ନିଜ ବିଲରୁ ମାଙ୍କଡ଼ ପଲକୁ ଘଉଡାଇବାରେ ସକ୍ଷମ ହେଉଛନ୍ତି ତେବେ ମାଙ୍କଡ଼ ପଲ ଅନ୍ୟ ଚାଷୀଙ୍କ ବିଲରେ ପଶି ପୁଣି ସେହି ହରକତ କରୁଛନ୍ତି। ଏନେଇ ବନ ବିଭାଗକୁ ଅବଗତ କରାଇଲେ ମଧ କୌଣସି ସୁଫଳ ମିଳୁନି। କ'ଣ କଲେ ମାଙ୍କଡ଼ମାନଙ୍କ ଉପଦ୍ରବରୁ ନିସ୍ତାର ମିଳିବ ସେହି ଚିନ୍ତାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟପକ୍ଷରେ ସହରାଞ୍ଚଳରେ ମଧ ମାଙ୍କଡ଼ଙ୍କ ଉପଦ୍ରବ କୌଣସି ଗୁଣରେ କମ୍ ନୁହେଁ। ସହରର ବିଭିନ୍ନ ସାହିରେ ମାଙ୍କଡ଼ମାନେ ନିର୍ଭୟରେ ଖୋଲାଥିବା ଘରେ ପଶି ଖାଦ୍ୟ ସାମଗ୍ରୀ ନେଇଯାଉଥିଲେ ହେଁ ଲୋକେ ଭୟରେ କିଛି କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ବଜାର ମଧ୍ୟରେ ଦୋକାନଗୁଡ଼ିକରେ ବିକ୍ରି ପାଇଁ ଝୁଲାଯାଇଥିବା ଖାଇବା ଜିନିଷକୁ ଝମ୍ପିନେବା ସହ ରାସ୍ତା କଡ଼ରେ ଥିବା ବାଇକ୍‌ଗୁଡ଼ିକ ଉପରେ କୁଦା ମାରି ଓଲଟାଇ ଦେଇ ବହୁତ କ୍ଷତି କରୁଛନ୍ତି। ଏଥିସହ ଅନେକ ସମୟରେ ରାସ୍ତାର ଏପଟରୁ ସେପଟକୁ ଲମ୍ଫମାରି ପାରିହେବା ବେଳେ ଯାନବାହନର ସମ୍ମୁଖକୁ ଆସିଯିବା ଫଳରେ ଦୁର୍ଘଟଣାମାନ ଘଟୁଛି। ତେବେ ମାଙ୍କଡ଼ମାନଙ୍କ ବିପ୍ତାତରୁ କିଭଳି ତ୍ରାହି ମିଳିବ ସେନେଇ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ବ୍ଲକ ଅଧକ୍ଷଙ୍କୁ ଆକ୍ରମଣ ମାମଲା

## ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଧାରଣା

**ଶେରଗଡ଼,୧୧।୩/ଏନ୍‌ଏନ୍‌ଏସ୍:** ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଆଜି ଗଞ୍ଜାମ ଜିଲ୍ଲା ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି। ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଯୁବ ବିଜେଡି ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ, ବିରୋଧୀ ଦଳ ନେତା ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ହିଞ୍ଜିଳି ପୌରପାଳ ସୁବାସ ଚନ୍ଦ୍ର ପୋଲାଇ ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ମହିଳା ଏବଂ ପୁରୁଷ କର୍ମୀମାନେ ଶେରଗଡ଼ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏକ ପ୍ରତିନିଧି ଦଳ ଥାନାରେ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ



ଆକ୍ରମଣରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ। ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକଙ୍କ ପୁଅ ଅଶୋକ କୁମାର ନାୟକଙ୍କ ଅଭିଯୋଗ ପ୍ରକାରେ ଶେରଗଡ଼ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ପୁଲିସ୍ ଆଜି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଜିତେନ୍ଦ୍ର ମହାରଣା, ଶିବାନନ୍ଦ ଗୌଡ଼, କାହ୍ନା ବରାଡ଼, ରାଜା ବରାଡ଼, କାହ୍ନା ବରାଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଡିପିଓ ସୂଚନା ପ୍ରଦାନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟର ସିସିଟିଭି ଫୁଟେଜ ସଂଗ୍ରହ ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଲା ୧୧,୯୦୦ ପାଠ୍ୟପୁସ୍ତକ

**ବୁଗୁଡ଼ା,୧୧।୩/ଏନ୍‌ଏନ୍‌ଏସ୍:** ଆସନ୍ତା ଶିକ୍ଷାବର୍ଷ ଏପ୍ରିଲ ୨ ତାରିଖରୁ ଆରମ୍ଭ ହେବ। ପ୍ରଥମରୁ ଅଷ୍ଟମ ଯାଏଁ ପୁରୁଣା ବହି ବଦଳି ଯାଇଥିବାରୁ ପିଲାଏଁ ନୂତନ ଭାବେ ପ୍ରକାଶିତ ପୁସ୍ତକ ପଢ଼ିବେ। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧମରେ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧୟନ କରିବାକୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟ ପୁସ୍ତକଗୁଡ଼ିକ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟ ସୁଦ୍ଧା ମୋଟ ୧୯,୩୦୦ ଖଣ୍ଡ ପୁସ୍ତକ ବୁଗୁଡା ଗୋଷ୍ଠୀ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି। ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ୧୧ଟି କ୍ଲଷ୍ଟର ମଧ୍ୟରେ ରହିଥିବା ୭୨ଟି ପ୍ରାଥମିକ, ୪୨ଟି ଉଚ୍ଚ ପ୍ରାଥମିକ ଓ ୧୬ଟି ଉଚ୍ଚ ବିଦ୍ୟାଳୟ ହିସାବରେ ମୋଟ ୧୩୦ଟି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଏହି ପାଠ୍ୟପୁସ୍ତକ ଯୋଗାଇବା ପାଇଁ ଶିକ୍ଷାବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଥିବା ଲକ୍ଷ୍ୟ କରାଯାଇଛି। ଏଣୁ ଆଗାମୀ ଶିକ୍ଷାବର୍ଷର ଛାତ୍ରଛାତ୍ରୀଙ୍କ ନିକଟରେ ଯେପରି ପାଠ୍ୟପୁସ୍ତକ ପହଞ୍ଚିପାରିବ ସେଥି ପାଇଁ ବିଇଓ ଚିନ୍ମୟ ମହାପାତ୍ର, ଏବିଇଓ ଅମିତା କୁମାରୀ ପାଢ଼ୀ ଓ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶିକ୍ଷାବିଭାଗ ପକ୍ଷରୁ କ୍ଲଷ୍ଟର ସ୍ତରୀୟ ପୁସ୍ତକ ଯୋଗାଣ ଖସଡା ପ୍ରସ୍ତୁତ ହୋଇଛି। ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ଥିବା ୧୩୦ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବିଷୟର ୭୪୦୦ ଖଣ୍ଡ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୧,୯୦୦ ଖଣ୍ଡ ମାଗଣା ପାଠ୍ୟପୁସ୍ତକ ପହଞ୍ଚିଥିବା ଜଣାପଡ଼ିଛି। ଏଥି ସହ ଶିଶୁ ବାଟିକାର ଛାତ୍ରଛାତ୍ରୀଙ୍କ ପାଇଁ ମଧ ୯୪୦ ଖଣ୍ଡ ବହି ପହଞ୍ଚିଛି। ତେବେ ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ଅବଶିଷ୍ଟ ପୁସ୍ତକ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି।

## ଗଞ୍ଜେଇ ଜବତ, ୨ ଗିରଫ

**ବ୍ରହ୍ମପୁର,୧୧।୩/ଏନ୍‌ଏନ୍‌ଏସ୍:** ଗଞ୍ଜେଇ ଚୋରାଚାଲାଣ ବେଳେ ମାଡି ବସିଲା ବ୍ରହ୍ମପୁର ଅବକାରୀ ପୁଲିସ୍। କାର୍‌ରେ ଗଞ୍ଜେଇ ନେଇ ଯାଉଥିବା ଦୁଇ ଅଭିଯୁକ୍ତଙ୍କୁ ଅବକାରୀ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ କନ୍ଧମାଳ ଜିଲ୍ଲା ଗଞ୍ଜୁଗୁଡା ଅଞ୍ଚଳର ଗୁରୁଦେବ ଦିଗାଲ(୨୭) ଏବଂ ତୁଡିପାଜୁ ଅଞ୍ଚଳର ସୁରସେଣ ବେହେରା(୩୩) ବୋଲି ଜଣାପଡିଛି। ପୁଲିସ୍ ସେମାନଙ୍କ ନିକଟରୁ ୨ଟି ଅଖାରେ ଭର୍ତ୍ତି ୩୭ ଗଞ୍ଜେଇ, ଦୁଇଟି ମୋବାଇଲ୍ ଫୋନ୍ ସହ ଏକ କାର୍‌କୁ ଜବତ କରିଛି।

ଅବକାରୀ ପୁଲିସ୍ ପକ୍ଷରୁ ଦିଆଯାଇଥିବା ସୂଚନା ପ୍ରକାରେ ଆଜି ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ହୋଇ ଏକ ଧଳାରଙ୍ଗର ଇଣ୍ଡିଗୋ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ଜଙ୍କସନ୍ ୧୬ ନମ୍ବର ଜାତୀୟ ରାଜପଥରେ ଅବକାରୀ ପୁଲିସ୍ ରହି ଗାଡ଼ି ଯାଞ୍ଚ କରିଥିଲା। ଏହି ସମୟରେ ଧଳାରଙ୍ଗର ଇଣ୍ଡିଗୋ କାର୍‌ରେ ଦୁଇ ବ୍ୟକ୍ତି ଆସୁଥିଲେ। ପୁଲିସ୍ ସେମାନଙ୍କ ଗାଡିକୁ ଅଟକାଇ ଯାଞ୍ଚ ବେଳେ ଗାଡିରୁ ୨ଟି ଅଖାରେ ଭର୍ତ୍ତି ଥିବା ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ସହ କାର୍‌କୁ ଜବତ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ଗଞ୍ଜେଇ ନେଇ ଛତ୍ରପୁର ଅଭିମୁଖେ ଯାଉଥିବା ସ୍ୱୀକାର କରିଥିଲେ। ଏନେଇ ପୁଲିସ୍ ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚୋରାଚାଲାଣ କରୁଥିବା ଜଣାପଡ଼ିଛି। ଏହି ଚଢ଼ଉରେ ଅବକାରୀ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

## ଆଜି ବିଶ୍ୱ କିଡ୍‌ନୀ ଦିବସ: ସୁସ୍ଥତା ପାଇଁ ସଚେତନତା ଆବଶ୍ୟକତା

**ଆସିକା,୧୧।୩/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ମାସ ୧୨ ତାରିଖରେ ପାଳିତ ହେବ ବିଶ୍ୱ କିଡନୀ ଦିବସ। କିଡ୍‌ନୀ ବା ବୃକକ୍ କିପରି ସୁସ୍ଥ ରହିବ ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ସାମ୍ପ୍ରତିକ ସ୍ଥିତିରେ କିଡନୀ ରୋଗ ଦିନକୁ ଦିନ ଦ୍ରୁତ ଗତିରେ ବଢି ଚାଲିଥିବାରୁ କିଡ୍‌ନୀ ରୋଗରୁ ବର୍ତ୍ତିବା ନିମନ୍ତେ ସଚେତନତା ଜରୁରୀ ହୋଇପଡିଛି। ବୃକକ୍ ଅକ୍ଷମତା ବା କିଡନୀ ଫେଲର୍‌ର ମୁଖ୍ୟତଃ ଦାୟୀ ହେଉଛି ମଧୁମେହ (ଡାଇବେଟିସ୍) ଏବଂ ଉଚ୍ଚ ରକ୍ତଚାପ। ଏହାକୁ ମଧ କେତେକ କ୍ଷେତ୍ରରେ ପୃଥୁଳତା ଏବଂ ବୟସ ବୃଦ୍ଧି ସାଙ୍ଗକୁ ପାରିବାରିକ ପ୍ରଭାବ ଏବଂ ଧୂମପାନ ଅନ୍ୟ ଏକ ଏହି ରୋଗର କାରଣ ବୋଲି ଚର୍ଚ୍ଚା ହେଉଛି। ବିଶ୍ୱ କିଡନୀ ଦିବସ ଅବସରରେ ଆସିକା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର)ର ଚିକିତ୍ସାଧିକାରୀ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ପରାମର୍ଶ ଦେଇ କହିଛନ୍ତି ଯେ ମନୁଷ୍ୟ ଶରୀରର କିଡନୀ ଦ୍ୱୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତି ସମୟରେ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ପରିଶୋଧନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି କିଡନୀ ମନୁଷ୍ୟକୁ ସୁସ୍ଥ ରଖିବାରେ ସହାୟକ




ହୋଇଥାଏ। ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେକିଡ୍‌ନୀକୁ ଅକାମୀ କରିଦେଇଥାଏ। ଯାହାରି ଫଳରେ ଶରୀରରେ ଅତିରିକ୍ତ ଜଳ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବପର ହୋଇନଥାଏ । ଏପରିକି ୟୁରିନାରୀ ଟ୍ରାକ୍ ଇନ୍‌ଫେକ୍ସନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନକଲେ ତାହା କିଡନୀ କାର୍ଯ୍ୟକୁ ମଧ ଅକ୍ଷମ କରିଦେଇଥାଏ। କିଡ୍‌ନୀ ରୋଗ ନିରୂପଣ ପାଇଁ ଯଥେଷ୍ଟ ପାଣି ପିଇବା ସାଙ୍ଗକୁ ଦିନକୁ ଅତି କମ୍‌ରେ ୮ ଗ୍ଲାସ୍ ପାଣି ପିଇବା ଆବଶ୍ୟକ ବୋଲି କହିଥିଲେ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦନ ନିଷ୍କାସିତ ହୋଇଥାଏ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ନିୟମିତ ଔଷଧ ଖାଇବା ସାଙ୍ଗକୁ ପ୍ରତ୍ୟେକ ଦିନ ବ୍ୟାୟାମ କରିବା ସହ ବେଶୀ ଲୁଣ ନଖାଇବା ଜରୁରୀ ବୋଲି ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ କହିଥିଲେ। କିଡନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଅପରିହାର୍ଯ୍ୟ। କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇନଥାଏ। ମାନସିକ ଚାପଠାରୁ ସଦାସର୍ବଦା ଦୂରେଇ ରହିବା ସାଙ୍ଗକୁ ରାତ୍ରରେ ୭ରୁ ୯ ଘଣ୍ଟା ଶୋଇବା ସାଙ୍ଗକୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବାକୁ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ପରାମର୍ଶ ଦେଇଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ



**ଆସିକା,୧୧।୩/ଏନ୍‌ଏନ୍‌ଏସ୍:** ଆସିକା ବ୍ଲକ ଅନ୍ତର୍ଗତ ହରିଡ଼ାପଦର ପଞ୍ଚାୟତର ମଣ୍ଟାପଡ଼ା ଗ୍ରାମ ସ୍ଥିତ ମା' ରତ୍ନମାଳୀ ହାଇସ୍କୁଲରେ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ମା' ରତ୍ନମାଳୀ ହାଇସ୍କୁଲର ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର, ସହକାରୀ ଶିକ୍ଷକ ବି. ଚନ୍ଦ୍ରଶେଖର ରେଡି, ଗୋବିନ୍ଦ ପରିଡ଼ା, ରଶ୍ମିତା ମହାପାତ୍ର, ପାଣ୍ଡବେଶ୍ୱର ଜେନା, ଶଶୀଭୂଷଣ ସାହୁ, ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନର ଲକ୍ଷ୍ୟ ଓ ଅଭିମୁଖ୍ୟ ଉପରେ ଆଲୋକପାତ କରିବା ସାଙ୍ଗକୁ ଭାଷା ଗୋଟିଏ ଜାତିର ଅସ୍ମିତାର ପରିଚୟ ହୋଇଥିଲା ବେଳେ ଭାଷା ହିଁ ତାର ଐଶ୍ୱର୍ଯ୍ୟ ବୋଲି ପ୍ରକାଶ କରି ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଉପରେ ବହୁ ଶିକ୍ଷଣୀୟ ତଥା ଉପାଦେୟ ସୂଚନା ପ୍ରଦାନ କରିବା ସାଙ୍ଗକୁ ଓଡ଼ିଆ ଭାଷାକୁ ସୁଦୃଢ଼ କରିବା ପାଇଁ ସମସ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

ନିତିଦିନ NITIDIN



## ଆଉ ୪ ଜିଲ୍ଲାରେ ଖୋଲିବ ଚାଉଳ ଏଟିଏମ୍

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ରାଜ୍ୟର ଆଉ ୪ ଜିଲ୍ଲାରେ ଖୋଲିବ ଚାଉଳ ଏଟିଏମ । ସେହି ଜିଲ୍ଲାଗୁଡ଼ିକ ହେଉଛି ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳ। ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଖାଦ୍ୟ ଯୋଗାଣ



ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ କହିଛନ୍ତି, ରାଜ୍ୟରେ ପ୍ରଥମ ଚାଉଳ ଏଟିଏମ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ମଞ୍ଚେଶ୍ୱରରେ ଖୋଲାଯାଇଛି। ନିକଟ ଭବିଷ୍ୟତରେ ରାଜ୍ୟରେ ଆହୁରି ୪ଟି ଜିଲ୍ଲା- ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳରେ ଗୋଟିଏ ଲେଖାଏ ଚାଉଳ ଏଟିଏମ ଖୋଲାଯିବାର ବ୍ୟବସ୍ଥା କରାଯାଉଛି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ମଞ୍ଚେଶ୍ୱରରେ ଖୋଲାଯାଇଥିବା ଚାଉଳ ଏଟିଏମ୍ ଜରିଆରେ ୨୦୨୪ ଜୁଲାଇ ମାସରୁ ଏଯାଏ ୨୦୨୧୭ ଜଣ ରାସନ କାର୍ଡଧାରୀ ମୋଟ ୩ ହଜାର ୮ ଶହ ୦୫ କ୍ୱିଣ୍ଟାଲ ୧୪ କିଲୋଗ୍ରାମ ଚାଉଳ ଉଠାଇଛନ୍ତି। ଏହି ଚାଉଳ ଏଟିଏମ ବିଶ୍ୱ ଖାଦ୍ୟ ସଂସ୍ଥା ଦ୍ୱାରା ପ୍ରାୟୋଜିତ ଅଟେ। ଏ ବାବଦରେ ରାଜ୍ୟ ସରକାର ୨୦୨୫-୨୬ ବଜେଟରେ କୌଣସି ବ୍ୟୟବରାଦ କରି ନାହାନ୍ତି।

### ବିଦେଶରେ ପ୍ରବାସୀ ଶ୍ରମିକ

# ଦୁଇ ବର୍ଷରେ ୧୪୨ ଉଦ୍ଧାର, ୨୯ ମୃତଦେହ ଫେରସ୍ତ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟରେ ପ୍ରବାସୀ ଶ୍ରମିକମାନେ କାର୍ଯ୍ୟସ୍ଥଳୀରେ ନିର୍ଯ୍ୟାତନାର ସମ୍ମୁଖୀନ ହେଉଥିଲେ ତୁରନ୍ତ ପଦକ୍ଷେପ ନିମନ୍ତେ ୨୪ ଘଣ୍ଟିଆ ନିଃଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ କାର୍ଯ୍ୟକାରୀ କରୁଛି। ଏହି ଆଧାରରେ ୨୦୨୪ରେ ୧୦୫୫ ଜଣ ଏବଂ ୨୦୨୫ରେ ୧୦୭୮ଜଣ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରୁ ଉଦ୍ଧାର କରାଯାଇଛି। ଏହା ସହ ୨୦୨୪ରେ ୧୨୦, ୨୦୨୫ରେ ୧୮୫ ଓ ୨୦୨୬ ଅଦ୍ୟାବଧି ୨୦ ଓଡ଼ିଆ ପ୍ରବାସୀ ଶ୍ରମିକଙ୍କ ମୃତଶରୀର ସ୍ୱ-ଗ୍ରାମକୁ ଅଣାଯିବା ନିମନ୍ତେ ସରକାର ସହଯୋଗ କରିଛନ୍ତି। ସେହିପରି ବିଦେଶରୁ ୨୦୨୪ରେ ୧୧୭ ଜଣ ଓ ୨୦୨୫ରେ ୨୫ ଜଣଙ୍କୁ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ସହଯୋଗରେ ଉଦ୍ଧାର କରାଯିବା ସହ ୨୦୨୪ରେ ୧୨ଜଣ ଓ ୨୦୨୫ରେ ୧୭ଜଣ ପ୍ରବାସୀ ଶ୍ରମିକଙ୍କ ମୃତ ଶରୀରକୁ ବୈଦେଶିକ ମନ୍ତ୍ରଣାଳୟ ସହଯୋଗରେ ବିଦେଶରୁ ଅଣାଯାଇଛି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ।

ବୁଧବାର ବିରୋଧୀ ଦଳ ପକ୍ଷରୁ ବିଧାୟିକା ପ୍ରମିଳା ମଲ୍ଲିକ ଓ ବିଧାୟକ ପ୍ରତାପ କେଶରୀ ଦେବଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବର ଶୀର୍ଷକ ଥିଲା 'ଓଡ଼ିଆ ଶ୍ରମିକ ଓ ବୃଦ୍ଧିଜୀବୀମାନେ ବାହାର ରାଜ୍ୟରେ ଓ ବିଦେଶରେ ହେଉଛନ୍ତି ନିର୍ଯାତିତ। ଓଡ଼ିଆ ଅସ୍ମିତା ଓ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପର ଅଭାବ'। ରାଜ୍ୟ ସରକାରଙ୍କୁ ବିରୋଧୀ ସଭ୍ୟ ଘେରିଥିଲେ। ହେଲେ ଶାସକ ସଭ୍ୟ ଏହାକୁ ଅସ୍ୱୀକାର କରିଥିଲେ। ଶେଷରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଷରାମସିଂ ଖୁଣ୍ଟିଆ କହିଥିଲେ, ଆମ ସରକାର କ୍ଷମତାକୁ ଆସିବା ପରେ ବାହାର ରାଜ୍ୟରେ ଓ ବିଦେଶରେ ରହୁଥିବା ଓଡ଼ିଆ ଶ୍ରମିକ ଓ ବୃତ୍ତିଜୀବୀମାନଙ୍କର ସୁରକ୍ଷା ନିମନ୍ତେ ଗୁରୁତ୍ୱର ସହିତ କାର୍ଯ୍ୟକରିବା ସହିତ ଏ ଦିଗରେ ଆବଶ୍ୟକୀୟ ଓ ଉଚିତ ପଦକ୍ଷେପ ନେଇଆସୁଛନ୍ତି। ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ନିଯୁକ୍ତି ଓ ନିୟନ୍ତ୍ରଣ ନିମନ୍ତେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ( ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ, ୧୯୭୯ ଅନୁଯାୟୀ ପ୍ରବାସୀ ଶ୍ରମିକଙ୍କ ନିୟୋଜନ ନିମନ୍ତେ ଠିକାଦାରଙ୍କୁ ଲାଇସେନ୍ସ ପ୍ରଦାନ ସହ ପ୍ରବାସୀ ଶ୍ରମିକଙ୍କ ନିୟୋଜନ ପରେ କର୍ମସ୍ଥଳୀରେ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାମାନ ପ୍ରଦାନ କରିବା ନିମନ୍ତେ ପ୍ରାବଧାନ କରାଯାଇଛି। ବିଗତ ବର୍ଷମାନଙ୍କରେ ଯଥା ୨୦୨୪ରେ ବାହାର ରାଜ୍ୟରେ ୭୦,୧୪୨ଜଣ ପ୍ରବାସୀ ଶ୍ରମିକଙ୍କୁ ନିୟୋଜନ ନିମନ୍ତେ ଏବଂ ୨୦୨୫ରେ ୯୨, ୧୭୬ ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରେ ନିୟୋଜନ ନିମନ୍ତେ ଲାଇସେନ୍ସ ଦିଆଯାଇଥିବା ସ୍ଥଳେ, ୨୦୨୬ ମସିହାରେ (ଅଦ୍ୟାବଧି) ୫୦୬୨ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରେ ନିୟୋଜନ ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି। ଆନ୍ତଃ ରାଜ୍ୟ ପ୍ରବାସୀ



**ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ତଥ୍ୟ ଉପରେ ଅଧାରିତ ନୁହେଁ : ଶ୍ରମମନ୍ତ୍ରୀ**

ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ, ୧୯୭୯ ଅନୁସାରେ ଶ୍ରମିକମାନଙ୍କର ଗନ୍ତବ୍ୟସ୍ଥଳୀ, ରହଣୀ ସମୟ, ମଜୁରୀ ଓ ଅନ୍ୟାନ୍ୟ ସୁବିଧା ବିଷୟରେ ଲିଖିତ ଭାବରେ ଜଣାଇବାର ବ୍ୟବସ୍ଥା ରହିଛି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ଓ ଆର୍ଥିକ ସ୍ଥିତିର ସୁଦୃଢ଼ତା ନିମନ୍ତେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଉପ ମୁଖ୍ୟମନ୍ତ୍ରୀ, କୃଷି ଓ ସଶକ୍ତିକରଣ ଓ ଶକ୍ତି, ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ସମାଧାନ ତଥା ପ୍ରବାସୀ ଜନିତ ବିସ୍ଥାପନ ରୋକିବା ନିମନ୍ତେ ବିଶଦ ଭାବେ ଆଲୋଚନା କରିବା ସହ ନିର୍ଦ୍ଦେଶାବଳୀ ଜାରିକରିଛନ୍ତି। ଇତି ମଧ୍ୟରେ ଟାସ୍କଫୋର୍ସଙ୍କ ଅଧ୍ୟକ୍ଷତାରେ ତିନିଗୋଟି ବୈଠକ ସମାପ୍ତ ହୋଇଛି ଓ ବିଭିନ୍ନ ବିଭାଗ ଦ୍ୱାରା କର୍ଯ୍ୟକାରୀ ହେବାକୁ ଥିବା ଉପଯୋଗୀ କାର୍ଯ୍ୟକ୍ରମ ନିମନ୍ତେ ପରାମର୍ଶ ଦିଆଯାଇଅଛି। ବର୍ତ୍ତମାନସୁଦ୍ଧା ଓଡ଼ିଶାର ୧୪ ଗୋଟି ପ୍ରବାସୀ ଶ୍ରମିକପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼ ଓ ଖୋର୍ଦ୍ଧାକୁ ଚିହ୍ନଟ କରାଯାଇଛି। ଇତିମଧ୍ୟରେ, ନିଃଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ (୧୮୦୦୩୪୫୬୭୦୩), ବାହାର ରାଜ୍ୟରେ ପ୍ରବାସୀ ଶ୍ରମିକ ସହାୟତା ଡେସ୍କ, ପ୍ରବାସୀ ଶ୍ରମିକଙ୍କୁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧୀନରେ ଅଗ୍ରାଧିକାର ଭିତ୍ତିରେ ପଞ୍ଜିକରଣ ଏବଂ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ନିମନ୍ତେ ଋତୁକାଳୀନ ଛାତ୍ରାବାସ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ମାନଙ୍କର ଅସ୍ମିତା ଓ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସରକାର ସଦା ସର୍ବଦା ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟକରୁଛି। ବିରୋଧୀ ଦଳ ଦ୍ୱାରା ଆଗତ ଆଜିର ମୁଲତବୀ ପ୍ରସ୍ତାବ ତଥ୍ୟ ଉପରେ ଅଧାରିତ ନୁହେଁ । ତେଣୁ ଏହାକୁ ଖାରଜ କରିବା ପାଇଁ ଅନୁରୋଧ କରୁଛି ବୋଲି ଶ୍ରୀ ଖୁଣ୍ଟିଆ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ବି ତାହାକୁ ଖାରଜ କରିଥିଲେ।

### ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ ବୈଠକ

# ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ରାଜ୍ୟରେ ଚାଲୁଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ପାଇଁ ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସନ୍ତା ୧୫ ଦିନ ମଧ୍ୟରେ ସଂଶୋଧିତ 'ସେଡ୍ୟୁଲ୍ ଅଫ୍ ରେଟ୍ସ'କୁ ଧାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ବ୍ୟବସ୍ଥା ଦ୍ୱାରା ନିର୍ମାଣ ସାମଗ୍ରୀ, ଶ୍ରମିକ ଓ ଯନ୍ତ୍ରପାତିର ଦର ନିର୍ଦ୍ଧାରଣରେ ସମାନତା ଆସିବା ସହ ପ୍ରକଳ୍ପ ଅଟକଳ ଓ ପେମେଣ୍ଟ ପ୍ରକ୍ରିୟା ଅଧିକ ସହଜ ହେବ। ଟେଣ୍ଡର ପ୍ରକ୍ରିୟାରେ ରହୁଥିବା ଅସଙ୍ଗତି ଦୂର କରିବା ପାଇଁ ସମସ୍ତ ଦସ୍ତାବିଜର ମାନକୀକରଣ (ଷ୍ଟାଣ୍ଡାର୍ଡ ବିଡ୍ ଡକୁମେଣ୍ଟ) କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ମୁଖ୍ୟ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର ସହରର ଟ୍ରାଫିକ୍ ସମସ୍ୟା ହ୍ରାସ କରିବା ପାଇଁ



'ଡିକଞ୍ଜେସନ ପ୍ଲାନ' ଉପରେ ମନ୍ତ୍ରୀ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ଜୟଦେବ ବିହାର - ନନ୍ଦନକାନନର 'ଲେଫ୍ଟ ପାରାଲାଲ' ରାସ୍ତା କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଦିନରାତି ଜାରି ରଖି ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ସାଧାରଣ ଲୋକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବିକଳ୍ପ ରାସ୍ତାର ବ୍ୟବହାର ଯୋଗ୍ୟତା ତଥା ସୁପରିଚାଳନା ନିଶ୍ଚିତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି।

ନିର୍ମାଣ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିନିଯୋଗ ପାଇଁ କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ ଢାଞ୍ଚାରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ଏହି ରାସ୍ତା ଗବେଷଣା ପ୍ରତିଷ୍ଠାନର ରୂପରେଖ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିସ୍ତୃତ ତଥ୍ୟ ଆଗାମୀ ଦିନରେ ଚୂଡ଼ାନ୍ତ କରାଯିବ ବୋଲି ନିଷ୍ପତ୍ତି ଦିଆଯାଇଛି। ଏଥି ସହ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ବ୍ୟୟ ଲକ୍ଷ୍ୟ ହାସଲ କରିବା ସହ ସପ୍ଲିମେଣ୍ଟାରୀ ବଜେଟ୍‌ରେ ଅନୁମୋଦିତ ହୋଇଥିବା ବିଭିନ୍ନ ଡିଭିଜନର ଦେୟଗୁଡ଼ିକୁ ତୁରନ୍ତ ଭରଣା କରିବାକୁ ମନ୍ତ୍ରୀ

**ନିର୍ମାଣ ସାମଗ୍ରୀ ଓ ଶ୍ରମିକ ଦର ନିର୍ଦ୍ଧାରଣରେ ଆସିବ ସମାନତା**

**୧୫ ଦିନ ମଧ୍ୟରେ ଅନୁମୋଦିତ ହେବ ସଂଶୋଧିତ ତାଲିକା**

ଅଧିକାରୀମାନଙ୍କୁ କହିଛନ୍ତି। ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ସ୍ୱତନ୍ତ୍ର ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତ ଭୁବନେଶ୍ୱରର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ରାଜ୍ୟରେ ଅଛନ୍ତି ୯,୫୧୮୪ ଭାଗ ଚାଷୀ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ରାଜ୍ୟରେ ଭାଗ ଚାଷୀଙ୍କ ତଥ୍ୟ ଦେଇଛନ୍ତି ସରକାର। ୩୦ ଜିଲ୍ଲାରେ ୯ ଲକ୍ଷ ୫ ହଜାର ୧୮୪ ଜଣ ଭାଗ ଚାଷୀ ଅଛନ୍ତି। ତନ୍ମଧ୍ୟରୁ ବାଲେଶ୍ୱରରେ ୧ ଲକ୍ଷ ୮ ହଜାର ୮୨୧ ଜଣ, ପୁରୀରେ ୪୦ ହଜାର, କଟକରେ ୫୫୫୬୯ ଜଣ, ଭଦ୍ରକରେ ୬୫ ହଜାର ୯୪୬ ଭାଗ ଚାଷୀ ଅଛନ୍ତି। ସେହିପରି ମାର୍ଚ୍ଚ ୬ ସୁଦ୍ଧା ୩ କୋଟି ୧୮ ଲକ୍ଷ ୨୭୧ ଜଣ ଇକେୱାଇସି କରିସାରିଛନ୍ତି। ୧୦ ଲକ୍ଷ ୫୧ ହଜାର ୧୬୨ ହିତାଧିକାରୀ ଇକେୱାଇସି କରି ନାହାନ୍ତି । ଏହି ତାଲିକାରେ ଗଞ୍ଜାମରେ ସର୍ବାଧିକ ୧ ଲକ୍ଷ ୨୯ ହାଜର ୨୫୧ ରହିଥିବା ବେଳେ ସର୍ବନିମ୍ନ ଦେବଗଡ଼ରେ ୫ ହଜାର ୪୭୪ ଜଣ ରହିଛନ୍ତି।

## କଂଗ୍ରେସକୁ ବାହୁଡ଼ିଲେ ରମୁ ପାତ୍ର

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** କଂଗ୍ରେସକୁ ବାହୁଡ଼ିଲେ ସତ୍ୟବ୍ରତ ପାତ୍ର (ରମୁ) । ଶତାଧିକ ସମର୍ଥକଙ୍କ ସହ ସେ ହାତ ଧରିଛନ୍ତି। କଂଗ୍ରେସ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ଏକ ମିଶ୍ରଣ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଓ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଶ୍ରୀ ପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପିସିସି ସଭାପତି କହିଛନ୍ତି ଯେ, ସତ୍ୟବ୍ରତ ପାତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅବିଭକ୍ତ ପୁରୀ ଜିଲ୍ଲାର କଂଗ୍ରେସ ବିଧାୟକ ସ୍ୱର୍ଗତ ବୃନ୍ଦାବନ ପାତ୍ରଙ୍କ ପୁତ୍ର ଅଟନ୍ତି। ସେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କିଛି ମତାନ୍ତର ଘଟିବାରୁ ସିଏ ବିଜେଡ଼ି ଦଳରେ ଯୋଗଦାନ କରିଥିଲେ। ଏବେ ଘର ବାହୁଡ଼ିଛନ୍ତି। ମିଶ୍ରଣ ପର୍ବରେ ଯୋଗଦେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସନ୍ତୋଷ ସିଂ ସାଲୁଜା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦସେଠୀ, ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ମୀନାକ୍ଷୀ ବାହିନୀପତି, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ରମୁଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ ବୋଲି କହିଥିଲେ। ସତ୍ୟବ୍ରତ ପାତ୍ର କହିଥିଲେ କଂଗ୍ରେସ ମୋର ନିଜ ଘର।

## ୭୫ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ୍

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ରାସନ କାର୍ଡଧାରୀଙ୍କୁ ଓଜନ ମାପରେ ଠକୁଛନ୍ତି ଡିଲର। ବିଧାନସଭାରୁ ଆସିଛି ଏହି ସାଂଘାତିକ ତଥ୍ୟ । ଏଭଳି ଅଭିଯୋଗରେ ୭୫ ଜଣ ରାସନ ଡିଲରଙ୍କ ବିରୁଦ୍ଧରେ ଆକ୍ସନ ନେବା ସହ ସେମାନଙ୍କ ଲାଇସେନ୍ସ ବାତିଲ କରିଛନ୍ତି ସରକାର। ଚଳିତ ଆର୍ଥିକ ବର୍ଷ ୩୬୨୪ ତଦନ୍ତ କରାଯାଇ ୭୫ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ ସହ ଜଣଙ୍କ ବିରୁଦ୍ଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ସେହିପରି ଓଜନ ମାପରେ ଠକୁଛନ୍ତି ପେଟ୍ରୋଲ ପମ୍ପ ଓ ସୁନା ଦୋକାନୀ। ତିନି ବର୍ଷରେ ସାମ୍ନାକୁ ଆସିଲାଣି ୧୦୯ଟି କେସ। ଏନେଇ ୧୩ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଜୋରିମନା ଆଦାୟ ହୋଇଛି। ସେହିପରି ଓଜନ ମାପରେ ବି ଠକୁଛନ୍ତି ସୁନା ଦୋକାନୀ । ୩ ବର୍ଷରେ ୮୦୬୫ ଚଢ଼ଉରୁ ୧୬ କେସ ସାମ୍ନାକୁ ଆସିଥିବାବେଳେ ଅଢ଼େଇ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଜୋରିରିମନା ଆଦାୟ ହୋଇଛି। ବିଧାନସଭାରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି।

# ପଦ୍ମ ଧରିଲେ ରବୀନ୍ଦ୍ର ଜେନା

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଯାହା ଚର୍ଚ୍ଚା ହେଉଥିଲା ତାହା ହେଲା। ବିଜେପିରେ ମିଶିଲେ ରବୀନ୍ଦ୍ର ଜେନା। ବାଲେଶ୍ୱରର ପୂର୍ବତନ ବିଜେଡି ସାଂସଦ ରବୀନ୍ଦ୍ର ଜେନାଙ୍କ ସହ ଶହ ଶହ ନେତା ଓ କର୍ମୀ ବି ଆଜି ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି ମୁଖ୍ୟାଳୟରେ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ରବୀନ୍ଦ୍ର ଜେନା, ବାଲେଶ୍ୱର ସଦର ବ୍ଲକ ଚେୟାରମ୍ୟାନ ସୁନିତା ବେହେରା, ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସଙ୍କ ସମେତ ୧୫୦ରୁ ଅଧିକ ସରପଞ୍ଚ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ବିଜେଡି ଛାଡ଼ି ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲାର ବହୁ ନିର୍ବାଚିତ ଜନପ୍ରତିନିଧି ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ନାଏବ ସରପଞ୍ଚ, କାଉନ୍‌ସିଲର, ୱାର୍ଡସଭ୍ୟ, ବିଭିନ୍ନ ସମବାୟ ବ୍ୟାଙ୍କ ସଭାପତି, ବରିଷ୍ଠ ନେତା ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।

ଆଜିର ମିଶ୍ରଣ ପର୍ବରେ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ ରାଜ୍ୟ ସଂପାଦକ ରଞ୍ଜିତ ମହାପାତ୍ର, ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ଗଣେଷ ମହାପାତ୍ର, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳି ଦାସ, ବାଲେଶ୍ୱର ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନିତା ବେହେରା, ବଡ଼ସାହି ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନତି ସିଂ, ବେତନଟି ପଞ୍ଚାୟତ ସମିତି ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ସୁଜାତାରାଣୀ ଦଣ୍ଡପାଟ, ନିଶାକର ସେଠୀ, ବେନୁଧର ଜେନା, ନିଖିଳ ଓଡିଶା ମତ୍ସ୍ୟଜୀବୀ ସଂଘ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ସଭାପତି ବାଦଲ ଦାସ, ଘରୋଇ ବସ୍ ସଂଘ ସଂପାଦକ ଅଜୟ କୁମାର ବିଶ୍ୱାଳ, ବରିଷ୍ଠ ନେତା ସୁବ୍ରତ କୁମାର ପଣ୍ଡା, ପ୍ରଦୀପ କୁମାର ବିଶ୍ୱାଳ, ଅଜୟ କୁମାର ସାମଲ, ରନ ଧଳ, ସିମୋନ ଦାସମହାପାତ୍ର, ବସ୍ତା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଯାମିନୀକାନ୍ତ ନାୟକ, ବାଲେଶ୍ୱର ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ବରିଷ୍ଠ ନେତା ଦେବ କୁମାର ଦେ, ଅନିରୁଦ୍ଧ ପ୍ରଧାନ, ଶକ୍ତିପଦ ରାୟ, ଅନିତା ଭୁୟାଁ, ଶୁଭମ ସାଇ ମହାପାତ୍ର, ଚନ୍ଦନେଶ୍ୱର ବେହେରାଙ୍କ ସମେତ ଅନେକ ୱାର୍ଡ ମେମ୍ବର, ସରପଂଚ, ସମିତି ସଭ୍ୟ ଓ ବରିଷ୍ଠ ନେତୃବୃନ୍ଦ ନିଜ ନିଜ ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଆନୁଷ୍ଠନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି।

ଏହି ମିଶ୍ରଣ ପର୍ବରେ ସରକାରଙ୍କ ଉପ ମୁଖ୍ୟସଚେତକ ତଥା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ୍ତ, ସନାତନ ବିଜୁଳି, ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା, ବାବୁ ସିଂ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରାଜ୍ୟ ସାଧାରଣ ସଂପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

## 'ବିଜେପି ସରକାର ଉପରେ ଲୋକଙ୍କ ବିଶ୍ୱସନୀୟତା ବଢ଼ିଚାଲିଛି'

ଏହି ଅବସରରେ ରାଜ୍ୟ ସଭାପତି ମନମୋହନସାମଲ କହିଛନ୍ତି ଯେ, ଏହି ମିଶ୍ରଣ ଦ୍ୱାରା ଭାରତୀୟ ଜନତା ପାର୍ଟି କେବଳ ବାଲେଶ୍ୱରରେ ନୁହେଁ, ଓଡ଼ିଶାରେ ଓ ଦେଶରେ ଆହୁରି ଶକ୍ତିଶାଳୀ ହୋଇପାରିଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଯେଉଁ ସ୍ୱପ୍ନ ପ୍ରଧାନମନ୍ତ୍ରୀ ଦେଖିଛନ୍ତି ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହାକୁ ପୂରଣ କରିବା ପାଇଁ ଆମ ସମସ୍ତଙ୍କୁ ସହଯୋଗ କରିବାକୁ ପଡ଼ିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବାକୁ ପଡ଼ିବ। ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହି ଦଳ ହେଉଛି ରାଷ୍ଟ୍ରବାଦୀ ବିଚାରାଧାରାର ଦଳ, ଏହା ହେଉଛି ଏକ କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ଦେଶର ୨୧ ରାଜ୍ୟରେ ବିଜେପି ଏବଂ ଏନ୍‌ଡିଏ ସରକାର ଅଛି। ସଂକଳ୍ପପତ୍ରରେ



ବିଜେପି ଯାହାସବୁ ପ୍ରତିଶ୍ରୁତି ଦେଇଥିଲା ତାହା ସବୁ ପୂରଣ କରିଚାଲିଛି। ଏନେଇ ବିଜେପି ସରକାର ଉପରେ ଲୋକଙ୍କ ବିଶ୍ୱାସନୀୟତା ଦିନକୁ ଦିନ ବଢ଼ିଚାଲିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବାରୁ ବିଜେପିରେ ଯୋଗଦାନ ବଢ଼ିଚାଲିଛି। ବିଜେପି ସରକାରରେ କୃଷିଠାରୁ ଆରମ୍ଭ କରି ଶିକ୍ଷା, ଗମନାଗମନ, ଉଡାଜାହାଜ ନିର୍ମାଣ, ଯୁଦ୍ଧ ଅସ୍ତ୍ରଶସ୍ତ୍ର ତିଆରି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦେଶ ଆତ୍ମନିର୍ଭର ହୋଇପାରିଛି। ରାଜ୍ୟରେ ଗତ ୨ ବର୍ଷ ମଧ୍ୟରେ ବିଜେପି ସରକାର ଅନେକ ଲୋକାଭିମୁଖୀ କାର୍ଯ୍ୟ କରି ଓଡ଼ିଶାବାସୀଙ୍କ ଆସ୍ଥାଭାଜନ ହୋଇପାରିଛି। ବିକଶିତ ବାଲେଶ୍ୱର ଗଠନ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଶ୍ରୀ ସାମଲ କହିଛନ୍ତି।

## 'ରାଜନୈତିକ ଉତ୍ତରାଧିକାରୀ ଯୋଜନା ନଥିଲେ ଦଳ ବୁଡ଼େ'

ପଦ୍ମ ଧରୁ ଧରୁ ଉତ୍ତରାଧିକାରୀ ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ କରିଛନ୍ତି ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା। ସେ କହିଛନ୍ତି ଯେ ଯେଉଁ ଆଞ୍ଚଳିକ ଦଳ ଉତ୍ତରାଧିକାରୀ ବାଛି ପାରିବନି, ସେହି ଦଳ ତିଷ୍ଠିବନି। ଆଗାମୀ ଦିନରେ ବିଜେଡି ଓଡ଼ିଶାବାସୀଙ୍କୁ ସୁଶାସନ ଦେଇ ପାରିବନି। ରବୀନ୍ଦ୍ର କହିଛନ୍ତି, ଆଞ୍ଚଳିକ



ଦଳ ସଫଳ ସେତେବେଳେ ହୁଏ ଯେତେବେଳେ ନିଜ ଉତ୍ତରାଧିକାରୀ ବାଛେ। ବିଜେଡିର ଉତ୍ତରାଧିକାରୀ ଯୋଜନା ନାହିଁ। ଏହା ସୁଶାସନ ଦେଇପାରିବନି। ବିଭିନ୍ନ ଉଦାହରଣ ଦେଇ ନିଜର ବକ୍ତବ୍ୟକୁ ଯଥାର୍ଥ ଦର୍ଶାଇଛନ୍ତି ରବୀନ୍ଦ୍ର। ସେ କହିଛନ୍ତି, ଉତ୍ତରପ୍ରଦେଶରେ କାଂଶୀରାମ ମାୟାବତୀଙ୍କୁ ନିଜ ଉତ୍ତରାଧିକାରୀ କରିଥିଲେ। ବିଏସ୍‌ପି ସଫଳ ହେଲା। ମୁଲାୟମ ସିଂହ ଯାଦବ ନିଜ ପୁଅ ଅଖିଳେଶଙ୍କୁ ଉତ୍ତରାଧିକାରୀ ବାଛିଥିଲେ। ଅଖିଳେଶ ମଧ୍ୟ ସମାଜବାଦୀ ପାର୍ଟିକୁ ଆଗେଇ ନେବାରେ ସଫଳ ହେଲେ। ତାମିଲନାଡୁରେ କରୁଣାନିଧି ଷ୍ଟାଲିନଙ୍କୁ ନିଜ ଉତ୍ତରାଧିକାରୀ କରିଥିଲେ। ଷ୍ଟାଲିନ୍ ମଧ୍ୟ ଡିଏମେକ ପାର୍ଟିକୁ ଆଗେଇ ନେବାରେ ସଫଳ ହୋଇଛନ୍ତି। କିନ୍ତୁ ଏପରି ବି ଦଳ ଅଛନ୍ତି ଉତ୍ତରାଧିକାରୀ ନ ବାଛି ବିଫଳତାର ମୁହଁ ଦେଖିଛନ୍ତି। ପଞ୍ଜାବର ଅକାଳୀ ଓ ତାମିଲନାଡୁର ଏଆଇଏଡିଏମେକକୁ ଉଦାହରଣ ଭାବେ ନିଆଯାଉ। ଏ ବିଷୟରେ ମୁଁ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର କହିଛି। ହେଲେ ତାହାକୁ କେବେ ଗୁରୁତ୍ୱ ଦିଆଯାଇନାହିଁ। ରବୀନ୍ଦ୍ର କହିଛନ୍ତି ଯେ ବିଜେଡି ଏବେ ଦିଶାହୀନ। ଦଳରେ ଆଉ ଆଶା ଦେଖାଯାଉନାହିଁ। ନବୀନଙ୍କୁ ସମ୍ମାନ ଦିଏ। କିନ୍ତୁ ତାଙ୍କର ଆଉ ବୟସ ନାହିଁ।

## ଏଲ୍‌ପିଜି ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଏଲ୍‌ପିଜି ସିଲିଣ୍ଡର, ଖାଦ୍ୟ ତେଲ ଓ ଅନ୍ୟାନ୍ୟ ଅତ୍ୟାବଶକୀୟ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଆଜି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ, ମହିଳା, ଯୁବ, ଛାତ୍ରଛାତ୍ରୀ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଲଗାତାର ଦରବୃଦ୍ଧି ଦ୍ୱାରା ସାଧାରଣ ଲୋକଙ୍କ ଜୀବନ ଦୁର୍ବିଷୟ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ।

ରାସ୍ତା ଉପରେ କାଠ ଚୁଲାରେ ରୋଷେଇ କରି ପ୍ରତିବାଦ କରିଥିଲା ବିଜୁ ଜନତା ଦଳ। ଗତ ମାର୍ଚ୍ଚ ୭ ତାରିଖରୁ ସାରା ଦେଶରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଦର ୬୦ ଟଙ୍କା ବୃଦ୍ଧି ପାଇଥିବା ବେଳେ ବାଣିଜ୍ୟିକ ସିଲିଣ୍ଡର ଦର ୧୧୫ ଟଙ୍କା ବୃଦ୍ଧି ପାଇଛି । ସଭାକୁ ସମ୍ବୋଧନ କରି ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ମହିଳାମାନଙ୍କ ଆର୍ଥିକ ସୁରକ୍ଷାକୁ ମଜବୁତ କରିବା ପରିବର୍ତ୍ତେ ସରକାର ଦରବୃଦ୍ଧି ମାଧ୍ୟମରେ ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ ଯେ, ଆଗରୁ ଆନ୍ତର୍ଜାତୀୟ ବଜାରରେ ତେଲ ଦର କମିଥିବା ସତ୍ତ୍ୱେ, ସେହି ଲାଭ ସାଧାରଣ ଲୋକଙ୍କୁ ଦିଆଯାଇ ନଥିଲା। ଡବଲ୍ ଇଞ୍ଜିନ ସରକାର ତେଲ କମ୍ପାନୀମାନଙ୍କ ସ୍ୱାର୍ଥରେ କାମ କରୁଛି ଓ ସରକାର ତେଲ ବ୍ୟବସାୟକୁ ସଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି । ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ ଯେ ଏଲପିଜି ଯୋଗାଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସାରା ରାଜ୍ୟରେ ବିଶାଳ ଆନେ୍ଦାଳନ କରାଯିବ। ପ୍ରତିବାଦ କାର୍ଯ୍ୟକ୍ରମରେ ଟୁକୁନି ସାହୁ, ସୁଲୋଚନା ଦାସ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲେଖାଶ୍ରୀ ସାମନ୍ତସିଂହାର, ଡ଼ ପ୍ରିୟବ୍ରତ ମାଝୀ, ମୀନତି ବେହେରା, ଲୋପାମୁଦ୍ରା ବକ୍ସିପାତ୍ର, ଗୀତାଞ୍ଜଳି ବସ୍ତିଆ, ଅସୀମା ମହାନନ୍ଦ, ସାଗର ବଳବନ୍ତରାୟ, ସମ୍ମିମ ଅଖତରଙ୍କ ସହ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ପାଇଁ ୧୮,୯୫୭ କୋଟିର ବଜେଟ୍

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ବୁଧବାର ଦିନ ଗଣମାଧ୍ୟମକୁ ସୂଚନା ଦେଇ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପାଇଁ ମୋଟ ୧୮,୯୫୭.୧୫ କୋଟି ଟଙ୍କାର ଏକ ବ୍ୟାପକ ବଜେଟ୍ ଘୋଷଣା କରିଛନ୍ତି। ଏହି ବଜେଟ୍ ମୁଖ୍ୟତଃ ମହିଳା ସଶକ୍ତିକରଣ, ଶିଶୁ କଲ୍ୟାଣ, ପୁଷ୍ଟି ଏବଂ ଜୀବିକା ବିକାଶ ଉପରେ କେନ୍ଦ୍ରିତ। ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍ୱାଲ, ମିଶନ ଶକ୍ତି ଶାସନ ସଚିବ ମାନସୀ ନିମ୍ଭାଲ, ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ଚଳିତ ବର୍ଷ ଏହି ବ୍ୟୟବରାଦକୁ ବୃଦ୍ଧି କରାଯାଇ ୧୬,୧୫୨.୯୨ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଯୋଜନା ଖର୍ଚ୍ଚ ପାଇଁ ୧୬,୧୨୨.୯୩ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ୨୯.୯୯ କୋଟି ଟଙ୍କା ରଖାଯାଇଛି। ରାଜ୍ୟର ନିଜସ୍ୱ ପାଣ୍ଠିରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସହ କେତେକ ସ୍ଥାନରେ 'କ୍ରେଚ୍' (ଶିଶୁ ଯତ୍ନ କେନ୍ଦ୍ର) ର ସୁବିଧା ରହିବ। ଏଥିପାଇଁ ୬୩୪.୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ସମନ୍ୱିତ ବାତ୍ସଲ୍ୟ ସଦନ ଯୋଜନାରେରେ ଶିଶୁ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୩ଟି ସମନ୍ୱିତ ବାତ୍ସଲ୍ୟ ସଦନ ପ୍ରତିଷ୍ଠା କରାଯିବ, ଯେଉଁଠାରେ ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ଓ କିଶୋର ନ୍ୟାୟ ବୋର୍ଡ ଏକାଠି କାର୍ଯ୍ୟ କରିବେ। ଏଥିପାଇଁ ୬୨.୨୮ କୋଟି ଟଙ୍କାର ପ୍ରସ୍ତାବ ରହିଛି।କଳିକା ଯୋଜନାରେ ଓଡିଶା ରାଜ୍ୟ କ୍ରେଚ୍ ପଲିସି-୨୦୨୫: ଛଅ ମାସରୁ ଛଅ ବର୍ଷ ବୟସର ଶିଶୁମାନଙ୍କ ଯତ୍ନ ଓ କାର୍ଯ୍ୟରତ ମାଆମାନଙ୍କୁ ସୁରକ୍ଷିତ ଡେ-କେୟାର ସୁବିଧା ଯୋଗାଇବା ଏହାର ଲକ୍ଷ୍ୟ। ସୁଭଦ୍ରା ଶକ୍ତି ସମ୍ବାଦ ଓ ୱେଲନେସ୍ କେନ୍ଦ୍ର ଯୋଜନାରେ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଏକ ଆଲୋଚନା ମଞ୍ଚ 'ସୁଭଦ୍ରା ଶକ୍ତି ସମ୍ବାଦ' ଏବଂ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ 'ସୁଭଦ୍ରା ୱେଲନେସ୍ କେନ୍ଦ୍ର' ସ୍ଥାପନ କରାଯିବ। ଶିଶୁ ଖାଦ୍ୟ କେନ୍ଦ୍ର ଯୋଜନାରେ ସାର୍ବଜନୀନ ସ୍ଥାନଗୁଡ଼ିକରେ ମାଆମାନଙ୍କ ପାଇଁ ଶିଶୁ ସ୍ତନ୍ୟପାନ କେନ୍ଦ୍ରମାନ ସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟା ସନ୍ତାନଙ୍କ ପାଇଁ ଏହି ଯୋଜନା ଅଧୀନରେ ୨୦,୦୦୦ ଟଙ୍କା (ଭିନ୍ନକ୍ଷମଙ୍କ ପାଇଁ ଅତିରିକ୍ତ ୩,୦୦୦) ର ସଞ୍ଚୟ




କରାଯିବ ଏବଂ ସ୍ନାତକ ପରେ ସୁଧ ସହ ୧,୦୦,୦୦୧ ଟଙ୍କା ପ୍ରଦାନ କରାଯିବ।

ସେହିପରି କାର୍ଯ୍ୟରତ ଯୋଜନାରେ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ପ୍ରାୟ ୧୪.୭୬ ଲକ୍ଷ ଶିଶୁଙ୍କ ପୋଷାକ, ଜୋତା ଓ ସ୍ୱେଟର ବାବଦକୁ ଆର୍ଥିକ ସହାୟତା ବୃଦ୍ଧି କରାଯାଇଛି । ଏଥିପାଇଁ ୧୧୦.୫୭ କୋଟି ଟଙ୍କାର ବରାଦ ହୋଇଛି। ସୁଭଦ୍ରା ଯୋଜନାରେ ୨୦୨୬-୨୭ ବର୍ଷରେ ପ୍ରାୟ ୧ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପାଇଁ ସର୍ବାଧିକ ୧୦,୧୪୫.୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମମତା-ପିଏମଏମଭିୱାଇ ଯୋଜନାରେ ଗର୍ଭବତୀ ଓ ପ୍ରସୂତି ମାଆମାନଙ୍କ ପାଇଁ ପୁତ୍ର ସନ୍ତାନ ଜନ୍ମରେ ୧୦,୦୦୦ ଏବଂ କନ୍ୟା ସନ୍ତାନ କ୍ଷେତ୍ରରେ ୧୨,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଏଥିପାଇଁ ୫୦୦ କୋଟି ଟଙ୍କାର ବରାଦ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବାଲ୍ୟ ବିବାହ ରୋକିବା ଓ ବିଧବା ପୁନଃ ବିବାହକୁ ପ୍ରୋତ୍ସାହନ ପାଇଁ ୧୧.୮୩ କୋଟି ଟଙ୍କା ରଖାଯାଇଛି। 'ଆମେ ପଢିବା ଆମ ଭାଷାରେ ୩ ରୁ ୬ ବର୍ଷ ବୟସର ଶିଶୁ ମାନଙ୍କୁ ପ୍ରାରମ୍ଭିକ ଶୈଶବ ଶିକ୍ଷାର ସୁଦୃଢ଼ୀକରଣ କରିବା ସଙ୍ଗେସଙ୍ଗେ ଭବିଷ୍ୟତ ଶିକ୍ଷା ପାଇଁ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୧ ଗୋଟି ଆଦିବାସୀ ମାତୃଭାଷାରେ ଶିକ୍ଷାଦାନ ନିମନ୍ତେ ୧୯.୨୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । 'ଓଡିଶା ପୁଷ୍ଟି ମିଶନରେ ମହିଳା, କିଶୋର ଓ ଶିଶୁମାନଙ୍କ ମଧ୍ୟରେ ପୋଷଣ ସ୍ଥିତିର ସୁଧାର ଆଣିବା ନିମିତ୍ତ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ସକ୍ଷମ ଅଙ୍ଗନବାଡ଼ି, ପୋଷଣ ୨.୦ ଏବଂ ମିଶନ ବାତ୍ସଲ୍ୟ ପାଇଁ ସର୍ବମୋଟ ୨୬୩୮.୩୬ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ମିଶନ ଶକ୍ତିରେ ରାଜ୍ୟର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୮୦୪.୨୩ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି। ୨୦୨୬-୨୭ ପାଇଁ ମୋଟ ୨୮୦୪.୨୩ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ଯୋଜନା ଖର୍ଚ୍ଚ ବାବଦକୁ ୨୮୦୦ କୋଟି ଏବଂ ପ୍ରଶାସନିକ ବ୍ୟୟ ପାଇଁ ୪.୨୩ କୋଟି ଟଙ୍କା ରହିଛି। ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାରେ ରାଜ୍ୟସ୍ତରୀୟ ଯୋଜନା ପାଇଁ ୧୩୦୦ କୋଟି ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୧୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ତେବେ ରାଜ୍ୟସ୍ତରୀୟ ଯୋଜନା ମଧ୍ୟରେ ମିଶନ ଶକ୍ତି ଋଣ -ରାଜ୍ୟ ସୁଧ ରିହାତି ବ୍ୟବସ୍ଥା ମାଧ୍ୟମରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଋଣର ନିୟମିତ ପରିଶୋଧ ଉପରେ ୦(ଶୂନ)% ସୁଧହାର ଧାର୍ଯ୍ୟ କରାଯାଇଛି।

୨୦୨୬-୨୭ ଆର୍ଥିକ ବର୍ଷରେ ୫୭୫ କୋଟି ଟଙ୍କା ସୁଧ ଫେରସ୍ତ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମିଶନ ଶକ୍ତି ସ୍କୁଟର ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷରେ ମିଶନ ଶକ୍ତି ସ୍କୁଟର ଯୋଜନା ଅନ୍ତର୍ଗତ ୨୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଜୀବିକା ଓ କୌଶଳ ଉନ୍ନୟନରେ ଜୀବନ ଜୀବିକା ଏବଂ ଦକ୍ଷତା ବିକାଶ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୨୬୩.୮୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଗୃହ ନିର୍ମାଣ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ଫେଡେରେସନ୍ ପାଇଁ ଆର୍ଥିକ ସହାୟତା ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ମିଶନ ଶକ୍ତି ଭିତ୍ତିଭୂମି ନିମନ୍ତେ ୮୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘଙ୍କ ନିମନ୍ତେ ୨୫୩.୪୪ କୋଟି ଟଙ୍କାର ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି । ଭିତ୍ତି ସଂରଚନାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜୀବିକା ଓ କୃଷି ଭିତ୍ତିକ ଉଦ୍ୟୋଗିତା ବୃଦ୍ଧି ନିମନ୍ତେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪୫.୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଯୋଜନା ନିମନ୍ତେ ୧୩୩୨.୭୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ସମଗ୍ର ରାଜ୍ୟରେ ୧୬.୪୨ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରାଯାଇଅଛନ୍ତି। ୨୦୨୫–୨୬ ଆର୍ଥିକ ବର୍ଷରେ ଆୟବୃଦ୍ଧି କରାଯାଇ 'ଲକ୍ଷପତି ଦିଦି'ରେ ପରିଣତ କରିବା ଉଦ୍ଦେଶ୍ୟରେ ୧୦.୮୦ ଲକ୍ଷ 'ସମ୍ଭାବ୍ୟ ଲକ୍ଷପତି ଦିଦି' ଚିହ୍ନଟ କରାଯାଇଛନ୍ତି। ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୬,୧୫୨.୯୨ କୋଟି ଟଙ୍କାର ବଜେଟ୍ ବୁଧବାର ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଉପସ୍ଥାପିତ ହୋଇଛି। ଗତ ବର୍ଷର ସଂଶୋଧିତ ଆକଳନ ୧୫,୭୨୫.୮୬ କୋଟି ଟଙ୍କା ତୁଳନାରେ ଚଳିତ ବର୍ଷ ଏହି ବ୍ୟୟବରାଦକୁ ବୃଦ୍ଧି କରାଯାଇ ୧୬,୧୫୨.୯୨ କୋଟି ଟଙ୍କା କରାଯାଇଛି। ନିଜ ଖର୍ଚ୍ଚ ପାଇଁ ଏଥିମଧ୍ୟରୁ ଯୋଜନା ଖର୍ଚ୍ଚ ପାଇଁ ୧୬,୧୨୨.୯୩ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ୨୯.୯୯ କୋଟି ଟଙ୍କା ରଖାଯାଇଛି। ଶେଷରେ ବାଚନିକ ଭୋଟ୍‌ରେ ଖର୍ଚ୍ଚ ଦାବି ପାରିତ ହୋଇଛି।

## 'ନ୍ୟାୟ ସଂହିତା ପ୍ରଦର୍ଶନୀ'ରେ ପଥପ୍ରାନ୍ତ ନାଟକ, ସଚେତନତା

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ନ୍ୟାୟ ସଂହିତା ପ୍ରଦର୍ଶନୀ' ସାଧାରଣ ଲୋକଙ୍କ ମଧ୍ୟରେ ବେଶ୍ ଆଦୃତ ହୋଇଛି। ପଥପ୍ରାନ୍ତ ନାଟକ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଅପରାଧିକ ଆଇନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଉଛି। ଆଜି ଏହି ପ୍ରଦର୍ଶନୀରେ ନ୍ୟାୟିକ ବିଭାଗର ଅଧିକାରୀ, ଗଣମାଧ୍ୟମର ସମ୍ପାଦକ ଓ ବ୍ୟୁରୋ ଚିଫ୍, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା, ଗୃହ ବିଭାଗର କର୍ମଚାରୀ, ଛାତ୍ରଛାତ୍ରୀ ଏବଂ କ୍ରୀଡ଼ାବିତ୍‌ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି କହିଥିଲେ ଯେ, ନୂତନ ଆଇନରେ ପୀଡ଼ିତଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ, ତଦନ୍ତରେ ସ୍ୱଚ୍ଛତା, ଫରେନ୍ସିକ ତଦନ୍ତ ଓ ଡିଜିଟାଲ ପ୍ରମାଣକୁ ଗୁରୁତ୍ୱ ଦିଆଯାଇଛି। ନାଟକ ମାଧ୍ୟମରେ ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ସରଳ ଭାବେ ଉପସ୍ଥାପନ କରାଯାଉଥିବାରୁ ଦର୍ଶକମାନେ ନୂତନ ଆଇନର ପ୍ରାସଙ୍ଗିକତା ସହଜରେ ବୁଝିପାରୁଛନ୍ତି, ଯାହା ଦର୍ଶକଙ୍କ ମଧ୍ୟରେ ବେଶ୍ ଆଗ୍ରହ ସୃଷ୍ଟି କରିଛି।

## ପେନ୍‌ସନ୍ ସଂଶୋଧନ ପାଇଁ ତେଜିଲା ଆନ୍ଦୋଳନ

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ମୂଳ ପେନସନ୍ ସଂଶୋଧନ ସମେତ ବିଭିନ୍ନ ଦାବି ନେଇ ସର୍ବଭାରତୀୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ଡାକରାରେ ଆଜି ଭୁବନେଶ୍ୱର ପିଏମଜି ଛକରେ ଏକ ବିରାଟ ଗଣଧାରଣା ଅନୁଷ୍ଠିତ ହୋଇଛି। ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ଜେନା, ଦୁର୍ଯ୍ୟୋଧନ କୁମାର ଦାସ, ବୈକୁଣ୍ଠନାଥ ଆଚାର୍ଯ୍ୟ, ଲକ୍ଷ୍ମଣ କୁମାର ସେଠୀ, ପ୍ରସନ୍ନ କୁମାର ମହାନ୍ତି, ଶରତ ସିଂହ, ସତ୍ୟବ୍ରତ ପତି, ରବିନାରାୟଣ ସିଂହ, ରବିନାରାୟଣ ସୂତାର, ଶରତ ଚନ୍ଦ୍ର ରାଉତ, ପି. କେ. ମିଶ୍ର, ବିପିନ ବିହାରୀ ପାଢ଼ୀ, ବିଦ୍ୟାଧର ଜେନା, ଜ୍ଞାନରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ଦାସ ଓ ସାଧାରଣ ସମ୍ପାଦକ ନିରଞ୍ଜନ ମିଶ୍ରଙ୍କ ସମେତ ହଜାରରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ପେନସନ୍ ସଂଶୋଧିତ ହେଉଥିଲେ ମଧ୍ୟ ଗତ ୩୦ ବର୍ଷ ହେବ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ମୂଳ ପେନସନ୍ ସଂଶୋଧନ କରାଯାଇନାହିଁ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଦାବି ପୂରଣ ପାଇଁ ନିରଞ୍ଜନ ମିଶ୍ର, ପ୍ରସନ୍ନ କୁମାର ମହାନ୍ତି, ରବିନାରାୟଣ ସୂତାର ଓ ଲକ୍ଷ୍ମଣ କୁମାର ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ଏସ୍‌ଆଇଆର୍ ପାଇଁ ନିର୍ବାଚନ ଅଧିକାରୀଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ

## ଫର୍ମଗୁଡ଼ିକର ଡିଜିଟାଇଜେସନ୍ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମକୁ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଚାରିଦିନିଆ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ଆରଓଟିଆଇ)ରେ ଆୟୋଜିତ ହେଉଛି। ପ୍ରଶିକ୍ଷଣ ପ୍ରତିଦିନ ଦୁଇଟି ସେସନ୍‌ରେ ଚାଲିବ। ଦ୍ୱିତୀୟ ଦିନ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପଲନ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବିଷୟ ଉପରେ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନର ପ୍ରଶିକ୍ଷଣରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ସୁବର୍ଣ୍ଣପୁର, ବଲାଙ୍ଗୀର, ନୂଆପଡ଼ା,ନବରଙ୍ଗପୁର ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ) ମାନେ ଯୋଗଦେଇଥିଲେ।

ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଓ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲଏ) ନିଯୁକ୍ତି, ବିଏଲଏ ମାନଙ୍କ ପାଇଁ ମତଦାତା ଯାଞ୍ଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତ୍ୟେକ ପୋଲିଂ ବୁଥ୍‌ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ର ଭୋଟର ତାଲିକା ସହିତ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସେହିପରି, ପରିଗଣନା ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପାଇଁ ଉପଯୁକ୍ତ ସ୍ଥାନ ଓ ଆବଶ୍ୟକ ସୁବିଧାସମୂହ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଫର୍ମଗୁଡ଼ିକର ସ୍କାନିଂ, ଡାଟା ଏଣ୍ଟ୍ରି ଓ ସତ୍ୟାପନ କାମ ପାଇଁ ପ୍ରଶିକ୍ଷିତ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ଭୋଟରମାନଙ୍କର ଦାବି ଓ ଆପତ୍ତି ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଶିବିର ଆୟୋଜନ କରାଯିବ, ଯାହା ମାଧ୍ୟମରେ ସହଜ ପହଞ୍ଚ ସହିତ ସମୟୋପଯୋଗୀ ଅଭିଯୋଗ ନିରାକରଣ ସୁନିଶ୍ଚିତ ହେବ। ଏହି ଶିବିରଗୁଡ଼ିକର ତାରିଖ, ସମୟ ଓ ସ୍ଥାନ ସମ୍ବନ୍ଧରେ ଭୋଟର ଓ ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ପୂର୍ବରୁ ସୂଚନା ଯୋଗାଇଦିଆଯିବ ବୋଲି ଆଲୋଚନା ହୋଇଥିଲା। ତଥ୍ୟ ପରିଚାଳନା ଓ ନିରୀକ୍ଷଣ ପାଇଁ ନିର୍ବାଚନ ପଞ୍ଜିକରଣ ଅଧିକାରୀ(ଇଆରଓ/ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ)ଙ୍କ ସ୍ତରରେ ଆବଶ୍ୟକ ମାନବ ସମ୍ବଳ ସହିତ ଆଇଟି ସେଲ୍ ସ୍ଥାପନ କରିବା ସହିତ ସଂଶୋଧନ ପ୍ରକ୍ରିୟା ସମୟରେ ମତଦାତା, ବିଏଲ୍‌ଓ ଓ କ୍ଷେତ୍ରସ୍ତରର କର୍ମଚାରୀଙ୍କୁ ସହଯୋଗ ପାଇଁ ଡିଇଓ,ଏଇଆରଓ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀମାନେ ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ପ୍ରାୟୋଗିକ ଓ ପ୍ରଶାସନିକ ଦିଗରେ ପ୍ରସ୍ତୁତ ରହିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପଲନ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେ଼ପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ ଓ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତରାଖଣ୍ଡ ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଡେରାଡୁନସ୍ଥିତ ଲୋକଭବନଠାରେ ଉତ୍ତରାଖଣ୍ଡ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମିତ ସିଂହଙ୍କ ସହ ସାକ୍ଷାତ ଆଲୋଚନା କରିଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ଗଣମାଧ୍ୟମ ଗସ୍ତ କାର୍ଯ୍ୟକ୍ରମରେ ଏହି ପ୍ରତିନିଧି ଦଳ ସମ୍ପ୍ରତି ଉତ୍ତରାଖଣ୍ଡ ଯାଇଛନ୍ତି। ଦେବଭୂମି ଉତ୍ତରାଖଣ୍ଡରେ ଓଡ଼ିଶା ପ୍ରତିନିଧି ଦଳକୁ ସ୍ୱାଗତ କରି ରାଜ୍ୟପାଳ ଶ୍ରୀ ସିଂହ ରାଜ୍ୟର ଆଧ୍ୟାତ୍ମିକ ଐତିହ୍ୟ, ଆର୍ଥିକ ପ୍ରଗତି ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଓଡ଼ିଶା ଏବଂ ଉତ୍ତରାଖଣ୍ଡ ମଧ୍ୟରେ ରହିଥିବା ସମାନତା ବିଷୟରେ ଉଲ୍ଲେଖ କରିଥିଲେ। ଉତ୍ତରାଖଣ୍ଡର ଜାତୀୟ ମହତ୍ୱ ବିଷୟରେ ସୂଚନା ଦେଇ ରାଜ୍ୟପାଳ କହିଥିଲେ ଯେ ଏହି ରାଜ୍ୟରେ ମସୁରିସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ, ଡେରାଡୁନସ୍ଥିତ ଭାରତୀୟ ସାମରିକ ଏକାଡେମୀ, ବନ୍ୟ ଗବେଷଣା ପ୍ରତିଷ୍ଠାନ ଏବଂ ସର୍ଭେ ଅଫ୍ ଇଣ୍ଡିଆ ଭଳି ଭାରତ ସରକାରଙ୍କ ୮୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ଗସ୍ତ ସମୟରେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଡେରାଡୁନରେ ଥିବା ଶୌର୍ଯ୍ୟ ସ୍ଥଳ ଯୁଦ୍ଧ ସ୍ମାରକୀରେ ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଡେରାଡୁନ୍‌ର ବିଭିନ୍ନ ଜାତୀୟ ପ୍ରତିଷ୍ଠାନ ପରିଦର୍ଶନ**

ପ୍ରତିନିଧି ଦଳ ମଧ୍ୟ ବନ ଗବେଷଣା ପ୍ରତିଷ୍ଠାନ ପରିଦର୍ଶନ କରି ବୈଜ୍ଞାନିକ ଡକ୍ଟର ଡି.ପି. ଖାଲିଙ୍କ ସହ ବନ୍ୟ ବିଜ୍ଞାନ ଓ ଦୀର୍ଘସ୍ଥାୟୀ ବିକାଶ ବିଷୟରେ ଆଲୋଚନା କରିଥିଲେ। ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ଜେନା ଏବଂ ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇଙ୍କ ସହ ଓଡ଼ିଶାର ନଅ ଜଣ ବରିଷ୍ଠ ସାମ୍ବାଦିକ ଏହି ଦଳରେ ସାମିଲ ଅଛନ୍ତି। ରାଜ୍ୟପାଳଙ୍କ ସହ ଆଲୋଚନା ସମୟରେ ପିଆଇବି ଡେରାଡୁନର ସହକାରୀ ନିର୍ଦ୍ଦେଶକ ସଞ୍ଜୀବ ସୁନ୍ଦରିଆଲ ମଧ୍ୟ ଉପସ୍ଥିତ ଥିଲେ।

## ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କଲେ ଓଡ଼ିଶା ଅର୍ଥ ସେବା ଶିକ୍ଷାନବିସ



**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ଅର୍ଥ ସେବା ୨୦୨୩ ବ୍ୟାଚ୍‌ର ୫୪ ଜଣ ଶିକ୍ଷାନବିସ ଅଧିକାରୀ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ସେମାନଙ୍କୁ ସ୍ୱାଗତ କରି ସଂଗ୍ରହାଳୟର ବିଭିନ୍ନ ଗ୍ୟାଲେରୀ ବୁଲାଇ ଦେଖାଇଥିଲେ। ଏହି ପରିଦର୍ଶନ ସମୟରେ ଶିକ୍ଷାନବିସମାନେ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱ, ତାଳପତ୍ର ପୋଥି, ଲିପିତତ୍ତ୍ୱ, ମୁଦ୍ରା, ଅସ୍ତ୍ରଶସ୍ତ୍ର ଏବଂ ଚାରୁ ଓ କାରୁକଳା ଗ୍ୟାଲେରୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଡ. ପାଲ ସେମାନଙ୍କୁ ଓଡ଼ିଶାର ସମୃଦ୍ଧ ଇତିହାସ, ସାହିତ୍ୟ, କଳା ଓ ସଂସ୍କୃତି ବିଷୟରେ ଅବଗତ କରାଇଥିଲେ। ବିଶେଷକରି ଓଡ଼ିଶାର ପାଇକ ବିଦ୍ରୋହ ଏବଂ ସ୍ୱତନ୍ତ୍ର ରାଜ୍ୟ ଗଠନର ଇତିହାସ ଉପରେ ଏହି ଅଧିକାରୀମାନେ ଗଭୀର ଆଲୋଚନା କରିଥିଲେ। ସଂଗ୍ରହାଳୟର ସଂରକ୍ଷଣ ଓ ପ୍ରଦର୍ଶନ ପଦ୍ଧତିକୁ ଅଧିକାରୀମାନେ ଉଚ୍ଚ ପ୍ରଶଂସା କରିଥିଲେ।

## ମାତୃଭାଷାର ସୁରକ୍ଷା ପାଇଁ ଆହ୍ୱାନ

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ପୂର୍ବାଞ୍ଚଳ ଓଡ଼ିଶା ଉନ୍ନୟନ ନ୍ୟାସର ମିଳିତ ଆନୁକୂଲ୍ୟରେ ପଡ଼ିଗାଁ, ରାୟଗଡ଼, ଛତିଶଗଡ଼ଠାରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ 'ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ଶ୍ରୀ ଜଗନ୍ନାଥ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶରତ ଚନ୍ଦ୍ର ରଥ, ପି. କେ. ରାଉତ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରମେଶ ଚନ୍ଦ୍ର ମଲ୍ଲିକ, ସାହିତ୍ୟିକା ଡ. ଆରତୀ କର ଓ ପୂର୍ବାଞ୍ଚଳ ଓଡ଼ିଶା ଉନ୍ନୟନ ନ୍ୟାସ ସଭାପତି ସୀତାଶୈବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମାତୃଭାଷାର ସୁରକ୍ଷା ଓ ପ୍ରସାର ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ଡ. ଚନ୍ଦ୍ରଶେଖର ହୋତା ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସାହିତ୍ୟିକମାନେ କବିତା ପାଠ କରିଥିବା ବେଳେ ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପ୍ରଶଂସାପତ୍ର ଏବଂ ଶିଶୁମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଥିଲା। ଏହା ବ୍ୟତୀତ ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ 'ମା' ମାଟି ମାତୃଭାଷା' ଶୀର୍ଷକ ଆଲୋଚନାଚକ୍ର ଏବଂ ରାଉରକେଲାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷାର ଭିତ୍ତି ଓ ଭବିଷ୍ୟତ' ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଥିଲା।

**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

## 'ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଆମ ପାଇଁ ଏକ ବଡ଼ ଦାୟିତ୍ୱ'

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ମାର୍ଚ୍ଚ ୧୧ ତାରିଖରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା: ଅଧ୍ୟୟନର ଏକ ନୂତନ ପ୍ରେକ୍ଷାପଟ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପୌରୋହିତ୍ୟ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଏହାର ପ୍ରାୟୋଗିକ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ଜେଏନୟୁର ପ୍ରାକ୍ତନ ପ୍ରଫେସର ଅଜିତ କୁମାର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ଆମ ଜାତି ପାଇଁ ଏକ ବଡ଼ ଦାୟିତ୍ୱ ଓ ଆହ୍ୱାନ ବୋଲି ଅଭିହିତ କରିଥିଲେ। ମୁଖ୍ୟ ଉଦ୍‌ବୋଧକ ଭାବେ ପ୍ରାକ୍ତନ ପ୍ରକଳ୍ପ



ନିର୍ଦ୍ଦେଶକ ତଥା ପରାମର୍ଶଦାତା ଜାତୀୟ ଶିକ୍ଷାନୀତି ଓ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ପୂର୍ବାଞ୍ଚଳ ଭାଷା କେନ୍ଦ୍ରର ଅଧ୍ୟକ୍ଷ ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ବାଗ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଗବେଷିକା ଡ. ମନସା ଶ୍ରୀଚନ୍ଦନ ମଞ୍ଚ ପରିଚାଳନା କରିଥିଲେ ଏବଂ ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଟେଇ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ଡ. ରଞ୍ଜନ କୁମାର ଦାସ, ଡ. ଅନନ୍ତ କିଶୋର ଜେନା, ଡ. ସଂଘମିତ୍ରା ଭଞ୍ଜ, ଗବେଷିକା ଅଳକାନନ୍ଦା ତ୍ରିପାଠୀ, ଡ. ମିତାଲି ମଧୁସ୍ମିତା ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ପ୍ରମୋଦିନୀ ଜେନା, ଡ. ହିମାଦ୍ରି ତନୟା ମିଶ୍ର, ଅଧ୍ୟାପିକା ଲୋପାମୁଦ୍ରା ସାହୁ, ଡ. ଅମ୍ବରୀଶ ଶତପଥୀ ଏବଂ ରୂପଶ୍ରୀ ଧର ପ୍ରମୁଖ ବିଭିନ୍ନ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଭାଷାବିତ୍, ବୁଦ୍ଧିଜୀବୀ ଓ ଭାଷା ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହି ଓଡ଼ିଆ ଭାଷାର ସମୃଦ୍ଧି ଓ ସୁରକ୍ଷା ଉପରେ ଚର୍ଚ୍ଚା କରିଥିଲେ।

## କଥକ ନୃତ୍ୟଶିଳ୍ପୀ ଶାଶ୍ୱତି ସେନ୍‌ଙ୍କୁ ମର୍ଯ୍ୟାଦାଜନକ 'ମାହାରୀ ସମ୍ମାନ'



**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ଶାଶ୍ୱତି ସେନ୍ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ମାହାରୀ ସମ୍ମାନ' ପାଇଁ ମନୋନୀତ ହୋଇଛନ୍ତି। ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପ୍ରଦାନ କରାଯାଉଥିବା ଏହି ସମ୍ମାନ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ କ୍ଷେତ୍ରରେ ଏକମାତ୍ର ତଥା ସର୍ବ ପୁରାତନ ସମ୍ମାନ, ଯାହା ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ନଗଦ ଏକ ଲକ୍ଷ ଟଙ୍କାର ଧନରାଶି ସହ ମାନପତ୍ର, ଅଙ୍ଗବସ୍ତ୍ର ଓ ଫଳକ ପ୍ରଦାନ କରାଯିବ। ଶାଶ୍ୱତି ସେନ୍ କଥକ ନୃତ୍ୟର ପ୍ରବାଦ ପୁରୁଷ ପଣ୍ଡିତ ବିରଜୁ ମହାରାଜଙ୍କ ପଟ୍ଟଶିଷ୍ୟା ଭାବେ ବିଶ୍ୱସ୍ତରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଚଳିତ ବର୍ଷ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନର ୩୨ତମ ଅଧିବେଶନ ଆସନ୍ତା ମାର୍ଚ୍ଚ ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ମାର୍ଚ୍ଚ ୧୭ ତାରିଖରେ ଆଦିଗୁରୁଙ୍କ ୧୦୭ତମ ଜନ୍ମ ଜୟନ୍ତୀ ପାଳନ କରାଯିବା ସହ ଶ୍ରୀମନ୍ଦିରର ନୃତ୍ୟ ସଙ୍ଗୀତ ସେବକ ସମ୍ପ୍ରଦାୟଙ୍କ ସ୍ମୃତିରେ ଚାରିଜଣ ବିଶିଷ୍ଟ ଶିଳ୍ପୀଙ୍କୁ ସମ୍ମାନିତ କରାଯିବ। ଓଡ଼ିଶୀ ମର୍ଦ୍ଦଳ କ୍ଷେତ୍ରରେ ଗୁରୁ ରତିକାନ୍ତ ମହାପାତ୍ରଙ୍କୁ 'ମାଦେଳୀ', ବିଶିଷ୍ଟ ଗାୟିକା ଡ. ସଙ୍ଗୀତା ପଣ୍ଡାଙ୍କୁ 'ଗାଉଣୀ ସମ୍ପ୍ରଦା', ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ବ୍ରଜବନ୍ଧୁ ରଣସିଂହଙ୍କୁ 'ବୀଣାକାର' ଏବଂ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପ୍ରତିଭା ପଣ୍ଡାଙ୍କୁ 'ନାଚୁଣୀ ସମ୍ପ୍ରଦା' ଉପାଧି ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ। ଏହି ଉତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରୁ ଅନେକ ପ୍ରତିଷ୍ଠିତ ଏକକ ନୃତ୍ୟଶିଳ୍ପୀ ଭାଗ ନେବେ। କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ, ରାଜ୍ୟ ସଂସ୍କୃତି ବିଭାଗ, ଏସବିଆଇ, ନାଲକୋ ଏବଂ ବେଦାନ୍ତ ଆଲୁମିନିୟମ୍ ଭଳି ସଂସ୍ଥା ଏହି ଉତ୍ସବ ପାଇଁ ପୃଷ୍ଠପୋଷକତା ଯୋଗାଇ ଦେଇଛନ୍ତି ବୋଲି ଅନୁଷ୍ଠାନର ସମ୍ପାଦକ ଗୁରୁ ଶରତ ଦାସ ଏକ ଇସ୍ତାହାରରେ ଜଣାଇଛନ୍ତି।

# ଇଫ୍‌କୋ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ

**ପାରାଦୀପ, ୧୧।୩/ଏନ୍‌ଏନ୍‌ଏସ୍:** ପାରାଦୀପ ୟୁନିଟ୍‌ର ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ ଇଫ୍‌କୋ ଠାରେ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ୨୦୨୬ ର ସମାପନୀ ଉତ୍ସବ ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ଉତ୍ସବର ଅଂଶ ସ୍ୱରୂପ, କର୍ମଚାରୀ ଏବଂ ଠିକା କର୍ମଚାରୀଙ୍କ ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ୫ମାର୍ଚ୍ଚରୁ ୧୧ମାର୍ଚ୍ଚ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ଅନେକ ସୁରକ୍ଷା ସଚେତନତା କାର୍ଯ୍ୟକଳାପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କାରଖାନା ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସମାରୋହ ସମୟରେ, ସମ୍ମାନିତ ବ୍ୟକ୍ତିମାନେ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଶିଳ୍ପ କାର୍ଯ୍ୟରେ କଠୋର ସୁରକ୍ଷା ମାନଦଣ୍ଡ ବଜାୟ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୟୁନିଟ୍ ମୁଖ୍ୟ ପି.କେ ମହାପାତ୍ର ସଂଗଠନ ମଧ୍ୟରେ ଏକ ସକ୍ରିୟ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ କର୍ମଚାରୀ ଏବଂ ଠିକାଦାରଙ୍କ ସମର୍ପଣ ଏବଂ ସାମୂହିକ ପ୍ରୟାସକୁ ପ୍ରଶଂସା



ବଏଲର୍ସ (ସୁରକ୍ଷା) ଉପନିର୍ଦ୍ଦେଶକ ଡକ୍ଟର ମଳୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି କଟକ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଇଞ୍ଜିନିୟର ମନୋଜ କୁମାର ପଣ୍ଡା ଏବଂ ପାରାଦୀପ ଜୋନର ସହାୟକ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶକ ଇଞ୍ଜିନିୟର ଚନ୍ଦ୍ର ଶେଖର ବେହେରା ମଧ୍ୟ ଯୋଗ ଦେଇଥିଲେ। ସପ୍ତାହ ସାରା, ଅଗ୍ନି ନିର୍ବାପକ ଏବଂ ଶ୍ୱାସକ୍ରିୟା ଯନ୍ତ୍ର ସେଟର ସଠିକ୍ ବ୍ୟବହାର ଉପରେ ବ୍ୟବହାରିକ ଅଧିବେଶନ ସମେତ ବିଭିନ୍ନ ସୁରକ୍ଷା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ବିଭାଗୀୟ ମୁଖ୍ୟମାନେ ବିପଦ ଚିହ୍ନଟ ଏବଂ ନିରାପଦ କାର୍ଯ୍ୟ ପଦ୍ଧତି ଉପରେ ଗୁରୁତ୍ୱ ଦେଇ ସୁରକ୍ଷା ଆଲୋଚନା ମଧ୍ୟ କରିଥିଲେ। ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ପାଇଁ, ସୁରକ୍ଷା ସ୍ଲୋଗାନ, ସୁରକ୍ଷା କୁଇଜ୍, ଶ୍ୱାସକ୍ରିୟା ଉପକରଣ ପିନ୍ଧିବା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କର୍ମଚାରୀ, ଠିକା କର୍ମଚାରୀ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ୨୦୨୫ ବର୍ଷ ମଧ୍ୟରେ ସୁରକ୍ଷା ପରିଚାଳନାରେ ଉଲ୍ଲେଖନୀୟ ଅବଦାନ ପାଇଁ ଠିକା କର୍ମଚାରୀ ଏବଂ ଏଜେନ୍ସିଗୁଡ଼ିକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏକ ଆକର୍ଷଣୀୟ ଉପାୟରେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପ୍ରଦାନ କରିବା ପାଇଁ ଏକ ସୁରକ୍ଷା ସ୍କିଟ୍ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ, ଏକ ଅଗ୍ନି ଏବଂ ସୁରକ୍ଷା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା ଯେଉଁଠାରେ ଅଗ୍ନି ଏବଂ ସୁରକ୍ଷା କର୍ମଚାରୀ ଏବଂ ସୁରକ୍ଷା ଉପକରଣ ଯୋଗାଣକାରୀମାନେ ବିଭିନ୍ନ ସୁରକ୍ଷା ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସୁରକ୍ଷିତ କାର୍ଯ୍ୟ ସମ୍ପାଦନ ପାଇଁ ସେମାନଙ୍କର ଉପଯୁକ୍ତ ବ୍ୟବହାର ବିଷୟରେ ବୁଝାଇଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ୨୦୨୬କୁ ସଫଳତାର ସହିତ ଆୟୋଜନ କରିବାରେ ଇଫ୍‌କୋର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ।

# ବାରୁଣୀ ମେଳା ଆୟୋଜନ ପ୍ରସ୍ତୁତି

**ଯାଜପୁର, ୧୧।୩/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଐତିହାସିକ ବୈତରଣୀ ନଦୀ ତଟସ୍ଥ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଆଜି ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିରଜା ପଞ୍ଜିକା ଅନୁସାରେ ଚଳିତବର୍ଷ ଆସନ୍ତା ମାର୍ଚ୍ଚ ୧୭ରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ମଧ୍ୟ ରହିବ। ଏହା ସହ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୁଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହାନ ପାର୍କିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି



ସ୍ନାନ ଅବସରରେ ଭକ୍ତମାନଙ୍କ ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସ୍ନାନଘାଟରେ ବ୍ୟାରିକେଡିଂ, ଆଲୋକିକରଣ, ପାନୀୟଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା ଏବଂ ଅଘଟଣ ପ୍ରତିରୋଧ ପାଇଁ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାରୁଣୀ ମେଳା ପରିସରରେ ସୂଚନା ଏବଂ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ପୌର ପରିଷଦର ଅଧ୍ୟକ୍ଷା ରଞ୍ଜୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଆଇଆଇସି, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାଇକା ମହୋତ୍ସବ ଉଦ୍‌ଘାଟିତ

**ମାର୍ଶାଘାଇ, ୧୧।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ପୋତାରି ଖେଳ ପଡିଆରେ ପ୍ରେଣ୍ଡ୍ସ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ୧୧ ତମ ପାଇକା ମହୋତ୍ସବ ଗତକାଲି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରେଣ୍ଡ୍ସ ୟୁଥ୍ କ୍ଲବ୍‌ର ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଦସ୍ୟ ରଶ୍ମି ରଞ୍ଜନ ରାଉତ, ସୁନାମ ଧନ୍ୟ କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି, ଶିକ୍ଷାବିତ ଦୟାନିଧି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପାଇକା ମହୋତ୍ସବ କିପରି ଭାଇଚାରାଙ୍କୁ ସୁଦୃଢ କରିବା ସହ ସମ୍ପର୍କ ଯୋଡିବାର ମାଧ୍ୟମ ହୋଇଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରେଣ୍ଡ୍ସ ୟୁଥ୍ କ୍ଲବ୍‌ର ସଦସ୍ୟ ତଥା ଯୁବ ସମାଜସେବୀ ସର୍ବେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ୍‌ର ସମ୍ପାଦକ ସୂର୍ଯ୍ୟକାନ୍ତ ସୁତାର, ସଦସ୍ୟ ସଂଗ୍ରାମ ମଲ୍ଲିକ, ରମାକାନ୍ତ ଦାସ, ବିବେକାନନ୍ଦ ମଲ୍ଲିକ, ପ୍ରଦୀପ ନାୟକ, ନିରଂଜନ ନାୟକ, ବୀରବର ନାୟକ, ସୂର୍ଯ୍ୟକାନ୍ତ ନାଥ, ସୌମ୍ୟ ରଞ୍ଜନ ମଲ୍ଲିକ, ଜ୍ୟୋତି ରଞ୍ଜନ ନାୟକ, ତପନ ମଲ୍ଲିକ, ତନୁଜ ଦାସ, ଭରତ ଦାସ, ରଞ୍ଜନ ମଲ୍ଲିକ, କୁନମୁନ ନାୟକ, କାହ୍ନୁ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହାପରେ କଣ୍ଠଶିଳ୍ପୀ ଜଗବନ୍ଧୁ ମୁଦୁଲି ଓ ସାଥିଙ୍କ ଦ୍ୱାରା ପରିବେଷଣ କରାଯାଇଥଲା ଭଜନଗୁଡିକ ଯାହାକି ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

## ଦୁର୍ଘଟଣା ଛଡ଼ାଇ ନେଲା ସୁଖ

# ଭୋକ ଉପାସରେ ଦିନ କାଟୁଛନ୍ତି ବୃଦ୍ଧ ଦମ୍ପତି

**ପାରାଦୀପ, ୧୧।୩/ଏନ୍‌ଏନ୍‌ଏସ୍:** ଦୁର୍ଘଟଣା ଛଡାଇନେଇଛି ମୁହଁରୁ ହସ। ଗୋଟିଏ ଗୋଡ଼ ଦୁର୍ଘଟଣାରେ କଟିଯିବା ପରେ ଅନ୍ୟ ଗୋଟିଏ ଗୋଡ଼ରେ ଆଶାବାଡି ଧରି ବାଟ ଚାଲୁଥିବା ବେଳେ ସେହି ଗୋଡ଼ଟି ସଂକ୍ରମଣ ହୋଇ ତାକୁ ବି କାଟିଦେଲେ ଡାକ୍ତର। ଦୁଇଗୋଡ଼ ହରାଇବା ପରେ ବିଛଣାରେ ବିତୁଛି ଜୀବନ। ସ୍ୱାମୀର ଦୁର୍ଘଟଣା ପରେ ପତ୍ନୀ ଶକୁନ୍ତଳା ଦୁଇଜଣଙ୍କ ପେଟ ପୋଷିବା ପାଇଁ ଭଜା ବାଦାମ, ବୁଟ,ମଟର ଇତ୍ୟାଦି ନେଇ ବାହାରେ ବୁଲି ଯେଉଁ ଦୁଇପଇସା ରୋଜଗାର କରୁଥିଲେ ତାଙ୍କର ବ୍ରେନ୍‌ଷ୍ଟ୍ରୋକ୍ ପରେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ଯାହା ଫଳରେ ଦୁଇ ବୃଦ୍ଧ ଦମ୍ପତ୍ତି କେବଳ ଭଗବାନଙ୍କୁ ଭରଷା କରି ଦିନ କାଟୁଛନ୍ତି। ଯଦି କେହି ଘରକୁ ଆସୁଛି, କିଛି ସାହାଯ୍ୟ କରୁଛି ତାହେଲେ କିଛିଦିନ ପେଟକୁ ଆହାର ଯୋଗାଡ଼ ହୋଇଯାଉଥିବା ବେଳେ ପରେ ପୁଣି ସମାନ ଅବସ୍ଥା। ଏହିଭଳି ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ପାରାଦୀପ ମ୍ୟୁନିସିପାଲିଟି ୯ ନମ୍ବର ୱାର୍ଡ ବୃନ୍ଦାବନ କଲୋନୀ ପାଞ୍ଚ ନମ୍ବର ଅଞ୍ଚଳରେ। ଦୀର୍ଘ ୩୦ବର୍ଷ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଅଞ୍ଚଳର ଶେଷଦେବ ସାହୁ ପାରାଦୀପ ଆସି ଏହି ବୃନ୍ଦାବନ କଲୋନୀରେ ରହି ଦହିବରା ବେପାରକରି ନିଜର ପେଟ ପୋଷଣ କରୁଥିଲେ। ୩ ଝିଅଙ୍କୁ ବିବାହ ଦେବାପରେ ଦହିବରା ବ୍ୟବସାୟ କରି ଶେଷଦେବ ଓ ପତ୍ନୀ ଶକୁନ୍ତଳା ବାକି ଜୀବନ ହସଖୁସିରେ ଚାଳିଥିଲା। ଥଣ୍ଡା ଜ୍ୱର ପାଇଁ ବଡ଼ପଡ଼ିଆ ମାର୍କେଟରୁ ମେଡିସିନ୍ ଆଣି



ଘରକୁ ଆସୁଥିବା ସମୟରେ ଏକ ଦୁର୍ଘଟଣାରେ ଗୋଟିଏ ଦୁଇଟି ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଡାକ୍ତର ଗୋଟିଏ ଗୋଡ଼ କାଟିଦେଇଥିବା ବେଳେ ଶେଷଦେବ ଘରକୁ ଆସି ଆଶାବାଡି ଧରି ଜା ଆସ କରୁଥିବା ବେଳେ ପତ୍ନୀ ଶକୁନ୍ତଳା ଘରେ ବାଦାମ, ମଟର ଭାଜି ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବୁଲି ବ୍ୟବସାୟ କରିବା ଦ୍ୱାରା କିଛି ମାତ୍ରରେ ପରିବାର ଚାଲୁଥିବା ବେଳେ ହଠାତ ଶକୁନ୍ତଳାଙ୍କୁ ବ୍ରେନ୍‌ଷ୍ଟ୍ରୋକ୍ ହେବାରୁ ସେ ଘରେ ରହିଯାଇଥିଲେ। ଶେଷଦେବଙ୍କ ଗୋଟିଏ ଗୋଡ଼ କାଟିଥିବା ବେଳେ ଅନ୍ୟ ଗୋଟିଏ ଗୋଡ଼ ଧୀରେଧୀରେ ସଂକ୍ରମଣ ହୋଇ ଦୁର୍ଗନ୍ଧ ହେବାରୁ ଡାକ୍ତରଙ୍କୁ ଦେଖାଇଥିଲେ। ଯାହା ଫଳରେ ଏହି ଗୋଡ଼ କାଟିବାକୁ ଡାକ୍ତର ପରାମର୍ଶ ଦେବା ସହିତ କଟାଯାଇଥିଲା। ଶେଷଦେବ ଦୁଇଟି ଗୋଡ଼ ହରାଇ ଶଯ୍ୟାଶାୟୀ ହୋଇପଡିଥିବା ବେଳେ ଶକୁନ୍ତଳା ମଧ୍ୟ ରୋଗଗ୍ରସ୍ତ। ଯାହା ଫଳରେ ଦୁଇଓଳି ପେଟକୁ ଆହାର ଯୋଗାଇବା ଏହି ବୃଦ୍ଧ ଦମ୍ପତ୍ତିଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି। ଏହି ଖବର ପାଇବା ପରେ ପାରାଦୀପ ର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଆଦିଶକ୍ତି ପରିବାରର ଅଧ୍ୟକ୍ଷା ଡ. ବନ୍ଦିତା ପଟ୍ଟନାୟକଙ୍କ ସହିତ ସମସ୍ତ ସଦସ୍ୟ ସଦସ୍ୟାମାନେ ନିଜ ସମ୍ବଳ ଅନୁଯାୟୀ ଏହି ବୃଦ୍ଧ ଦମ୍ପତ୍ତିଙ୍କୁ ସାହାଯ୍ୟର ହାତ ବଢାଇବା ସହିତ ସ୍ୱାମୀ, ସ୍ତ୍ରୀଙ୍କ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଛନ୍ତି। ଅସମୟରେ ଦୁଃଖ ଯନ୍ତ୍ରଣାରେ ଜୀବନ ଅତିବାହିତ କରୁଥିବା ଏହି ବୃଦ୍ଧ ଦମ୍ପତ୍ତିଙ୍କ ମୁହଁରେ ହସ ଫୁଟାଇବା ପାଇଁ ସରକାରୀ ହେଉ କିମ୍ବା ବେସରକାରୀସ୍ତରରେ ଏହି ସ୍ୱାମୀ, ସ୍ତ୍ରୀଙ୍କୁ ସହାୟତା କରିବାକୁ ନିବେଦନ କରିଛନ୍ତି। ଦୁଇଗୋଡ଼ ହରାଇ ଅସହାୟ ଅବସ୍ଥାରେ ଶଯ୍ୟାଶାୟୀ ହୋଇ ପଡ଼ିଥିବା ଶେଷଦେବଙ୍କର ବିକଳାଙ୍ଗ ଭତ୍ତା ବାବଦକୁ ମିଳୁଥିବା ୩୫୦୦ ଟଙ୍କା ପରିବାର ଚାଲିବାର ସମ୍ବଳ ହୋଇଥିବା ବେଳେ ଏହା ସମୁଦ୍ରକୁ ଶଙ୍ଖେ ଭଳି। ଶେଷଦେବଙ୍କୁ ଏକ ବ୍ୟାଟେରୀ ଚାଳିତ ଗାଡି ସହାୟତା କରିବା ସହିତ ବୃଦ୍ଧ ଦମ୍ପତି ଦୁଇଓଳି ଦୁଇମୁଠା ଆହାର ପାଇଁ ପାରାଦୀପର ବଡ଼ ବଡ଼ ଶିଳ୍ପସଂସ୍ଥା ଓ ସମାଜସେବୀ ସଂଗଠନମାନେ ସାହାଯ୍ୟ ଓ ସହଯୋଗ କରିବାକୁ ନିବେଦନ କରିଛନ୍ତି ଆଦିଶକ୍ତି ପରିବାରର ସଦସ୍ୟମାନେ।

## ଧାନ ବିକ୍ରିକୁ ନେଇ ଚାଷୀ ହନ୍ତସନ୍ତ

# ମଣ୍ଡିରୁ ମିଲରଙ୍କ ଯାଏଁ ଧାଉଛନ୍ତି ଜିଲ୍ଲାର ଶତାଧିକ ଚାଷୀ

**କାମାକ୍ଷାନଗର, ୧୧।୩/ଏନ୍‌ଏନ୍‌ଏସ୍:** ସାରା ରାଜ୍ୟରେ ଧାନବିକ୍ରିକୁ ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଏଥିରୁ ବାଦ ପଡ଼ିନି ଢେଙ୍କାନାଳ ଜିଲ୍ଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳର ଶତାଧିକ ଚାଷୀ ନିଜ ଧାନକୁ ବିକ୍ରି କରିବା ପାଇଁ ମଣ୍ଡିକୁ ଯାଉଥିବା ବେଳେ ସେମାନଙ୍କୁ ମିଲରଙ୍କ ପାଖକୁ ପଠାଇ ଦେଉଛନ୍ତି। କିପରି ନିଜ ବର୍ଷଯାକର ପରିଶ୍ରମ କରିଥିବା ଧାନ ବିକ୍ରି କରିପାରିବେ ସେ ନେଇ ମିଲ୍ ସାମ୍ନାରେ ଘଣ୍ଟାଘଣ୍ଟା ଧରି ଭୋକ ଉପାସରେ ଛିଡା ହେଉଛନ୍ତି ଚାଷୀ। କିନ୍ତୁ ଧାନ ରଖିବାରେ ଅହେତୁକ ବିଳମ୍ବ କରୁଛନ୍ତି ମିଲର। ଯାହାକୁ ନେଇ ଅଁଳାବେରେଣୀ ଠାରେ ଥିବା ନାଚୁରାଲ ଏଗ୍ରିଟେକ ରାଇସ ମିଲ୍ ସାମ୍ନାରେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଚାଷୀମାନେ ଭୋକ ଉପାସରେ ଘଣ୍ଟାଘଣ୍ଟା ଧରି ଅପେକ୍ଷାରେ ବସୁଛନ୍ତି। କେତେବେଳେ ଧାନକୁ ମିଲରଙ୍କୁ ଦେଇ ନିଜ ବର୍ଷକର ଋଣ ପରିଶୋଧ କରିବେ ତାହାକୁ ନେଇ ଖରାକୁ ଖାତିର କରୁନାହାନ୍ତି ଚାଷୀ। ମଣ୍ଡିରୁ ମିଲର ଯାଏଁ ଧାଇଁଧାଇଁ ଅପେକ୍ଷା ପରେ ଅପେକ୍ଷା କରୁଥିଲେ ମଧ୍ୟ ନିଜ ପାଳି କେବେ ପଡିବ ତାହାକୁ ନେଇ ଅନିଶ୍ଚିତତା ଭିତରେ ଚାଷୀ। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେଇ କିପରି ଚାଷୀ ସୁରୁଖୁରୁରେ ଧାନ ବିକ୍ରି



କରିପାରିବେ ସେ ନେଇ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଯେହେତୁ ଚଳିତବର୍ଷ ଧାନ ବିକ୍ରିକୁ ନେଇ ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଚାଷୀ, ତେଣୁ ତୁରନ୍ତ ନିଜ ଧାନକୁ କିପରି ସୁବିଧାରେ ବିକ୍ରି କରିବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି ଚାଷୀ। ଗୋଟିଏ ପଟେ ମଣ୍ଡିରେ ଠିକ୍‌ରେ ଟୋକନ ନମିଳିବା, ମଣ୍ଡିରେ ସୁବିଧାରେ ଧାନ ଦେଇ ନପାରିବା କାରଣରୁ ମଣ୍ଡି ଆରମ୍ଭରୁ ଚାଷୀ ହନ୍ତସନ୍ତ ହେଉଥିବା ବେଳେ ଏବେ ମଣ୍ଡିକୁ ଗଲେ ମଣ୍ଡି ତରଫରୁ ସିଧାସଳଖ ମିଲରଙ୍କ ପାଖକୁ ଚାଷୀଙ୍କୁ ପଠେଇ ଦିଆଯାଉଛି। ଚାଷୀ ମିଲରଙ୍କ ସହ ପ୍ରତ୍ୟକ୍ଷ ଭାବେ କୌଣସି ସମ୍ପର୍କ ନଥିବା ବେଳେ ମଣ୍ଡି ତରଫରୁ ମିଲରଙ୍କ ସହ ବୁଝାମଣା ହୋଇଥିବା କହି ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ପଠାଯାଉଛି। ଜିଲ୍ଲାର ଭାପୁର, କାମାକ୍ଷାନଗର, ଅଞ୍ଚଳରୁ ଶତାଧିକ ଚାଷୀ ଭୋକ ଉପାସରେ ଗାଡି ଭଡା କରି ମିଲ୍ ସାମ୍ନାରେ ପଡିରହିଥିବା ବେଳେ ମିଲର ଧାନ ନେବା ପାଇଁ ବହୁତ ବିଳମ୍ବ କରୁଛନ୍ତି। ତେଣୁ ଢେଙ୍କାନାଳ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ ଖୋଦ ଜିଲ୍ଲାର ଯୋଗାଣମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଶତାଧିକ ଚାଷୀ ପ୍ରଶାସନ ଓ ସରକାରଙ୍କୁ ଦାବି କରିଛନ୍ତି।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ମହିଳା ଦିବସ

**ଯାଜପୁର, ୧୧।୩/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା କଳିଙ୍ଗନଗରରେ ଅନ୍ତର୍ଜାତିକ ମହିଳା ଦିବସର ସ୍ମୃତିକୁ ଉଜ୍ଜୀବିତ ରଖି ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ବୁଧବାର ଦାନଗଦୀ ସ୍ଥିତ ମଲ୍ଟି ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗଗତ ସମାନତା ଏବଂ ସାମାଜିକ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟିଏସ୍‌ଏଫ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ବିକାଶ କ୍ଷେତ୍ରରେ ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ସଫଳତାକୁ ସମ୍ମାନ ଜଣାଯାଇଥିଲା। ଦାନଗଦୀ ଏବଂ ସୁକିନ୍ଦା ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଅଧିକ ମହିଳା ଏହି ଉତ୍ସବରେ ଉତ୍ସାହର ସହ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଜେଣ୍ଡର ଷ୍ଟଡିଜ୍ ବିଭାଗର ଅବସରପ୍ରାପ୍ତ ପ୍ରଫେସର ନବନୀତା ରଥ, ଦାନଗଦୀ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଏବଂ ସୁକିନ୍ଦା ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ସମେତ ତ୍ରିଜଙ୍ଗା ପଞ୍ଚାୟତର ସରପଞ୍ଚ କାଗଜି ପାତ୍ର ଏବଂ ନଡ଼ିଆ ଭଙ୍ଗା ପଞ୍ଚାୟତର ସରପଞ୍ଚ ରଶ୍ମିତା ସାହୁ, ବିସ୍ଥାପନ ଓ ପୁନର୍ବାସ କଲୋନୀର ସଦସ୍ୟ ଏବଂ ରାଜ୍ୟସ୍ତରୀୟ ସମ୍ପଦ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ଟିଏସ୍‌ଏଫ୍‌ର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ନୂତନ ପ୍ରୟାସ ଏବଂ ସେମାନଙ୍କ ସଫଳତା ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ୪୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧନା



କରାଯାଇଥିଲା। ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ସମାଜରେ ପରିବର୍ତ୍ତନ ଆଣିଥିବାରୁ ସେମାନଙ୍କୁ 'କାଟାଲିଷ୍ଟ ଫର ଚେଞ୍ଜ' ବା 'ପରିବର୍ତ୍ତନର ସାରଥି' ଭାବେ ସମ୍ମାନିତ କରାଯାଇଥିଲା। ଏହା ସହିତ ସ୍ଥାନୀୟ ମହିଳାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପୂର୍ବରୁ ଦାନଗଦୀ ଏବଂ ସୁକିନ୍ଦା ବ୍ଲକ୍‌ର ୨୪ଟି ପଞ୍ଚାୟତ ସମେତ ଗୋବରଘାଟି, ସନସାଇଲୋ ଏବଂ ତ୍ରିଜଙ୍ଗା ପୁନର୍ବାସ କଲୋନୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ତୃଣମୂଳସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କୁ ନିଜର ଅଭିଜ୍ଞତା ଆଦାନ ପ୍ରଦାନ, ଦକ୍ଷତା ପ୍ରଦର୍ଶନ କରିବା ଏବଂ ନେତୃତ୍ୱ ସମ୍ପର୍କରେ ଆଲୋଚନା କରିବା ପାଇଁ ଏକ ପ୍ରଶସ୍ତ ମଞ୍ଚ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୧,୪୫୦ରୁ ଅଧିକ ମହିଳା ଏହି ପ୍ରୟାସରେ ସାମିଲ ହୋଇଥିଲେ। ଯାହା ଅଞ୍ଚଳରେ ବଢୁଥିବା ମହିଳା ସଶକ୍ତିକରଣ ଏବଂ ଉତ୍ସାହକୁ ପ୍ରଦର୍ଶିତ କରୁଛି।

# ସ୍ୱୟଂଚାଳିତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**ବଡ଼ଚଣା, ୧୧।୩/ଏନ୍‌ଏନ୍‌ଏସ୍:** ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧୀନରେ ମହାବିନାୟକ (ଭୁଷଣ୍ଡପୁର) ଠାରେ ପ୍ରତିଷ୍ଠିତ ସ୍ୱୟଂ ଚାଳିତ ପ୍ରଶିକ୍ଷଣ କେନ୍ଦ୍ର ଯାଜପୁରକୁ ସ୍ଥାନାନ୍ତର ନିଷ୍ପତିକୁ ବିରୋଧ କରି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ, ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ଓ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ବଡଚଣା ବିଧାୟକ ଅମର କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପରିବହନ କମିଶନରଙ୍କ ସୂଚନା ଅନୁସାରେ ଏଠାରେ ସ୍ୱୟଂ ଚାଳିତ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ଆବଶ୍ୟକ ହେଉଥିବା ୪ଏକର ଜମି ନଥିବା ଏବଂ ଆବଶ୍ୟକ ଜମି ଯୋଗାଇ ଦେବାରେ ବହୁ ବିଳମ୍ବ ହେବାରୁ ଏହାକୁ ଯାଜପୁରକୁ ସ୍ଥାନାନ୍ତର ନିଷ୍ପତି ନିଆଯାଇଛି। ଫଳରେ ଚଣ୍ଡିଖୋଲ ଗାଡ଼ି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଥିବା ସ୍ଥାନ ଜବରଦଖଲ ଉଚ୍ଛେଦ ହେଲାପରେ ସେଠାରେ ପର୍ଯ୍ୟାପ୍ତ ପରିମାଣରେ ସ୍ଥାନ ମହଜୁଦ ଅଛି। ଏଠାରେ ନୂତନ ସ୍ୱୟଂ ଚାଳିତ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେଲେ ଚଣ୍ଡିଖୋଲ ଗାଡ଼ି ମାଲିକମାନେ ଦୂରତା ଓ ଖର୍ଚ୍ଚାନ୍ତରୁ ରକ୍ଷା ପାଇଯିବେ। ପ୍ରକାଶ, ଚଣ୍ଡିଖୋଲ ସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରଜ୍ୟରେ ରାଜସ୍ୱ ଆଦାୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ



କରିଥାଏ। ଗତ ୨୦୨୪/୨୫ଆର୍ଥିକ ବର୍ଷ ରେ ୧୦ହଜାର ୪୬୨, ଓ ୨୦୨୫/୨୬ ଫେବୃଆରୀ ସୁଦ୍ଧା ଏହି ୧୧ହଜାର ୧୭୨ଟି ଗାଡ଼ି ଫିଟ୍‌ନେସ ପ୍ରମାଣ ପତ୍ର ପ୍ରଦାନ କରି ରେକର୍ଡ ସୃଷ୍ଟି କରିଛି। ଏହାକୁ ଆଖି ଆଗରେ ରଖି ଚଣ୍ଡିଖୋଲ ଗାଡ଼ି ମାଲିକ ମାନେ ସ୍ୱୟଂ ଚାଳିତ ପ୍ରଶିକ୍ଷଣ କେନ୍ଦ୍ର ଏଠାରେ ରଖିବା ପାଇଁ ବଡଚଣା ବିଧାୟକ ଅମର କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରକୁ ଗ୍ରହଣ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲେଚନା କରି ଏହାର ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ମାର୍ଶାଘାଇ, ୧୧।୩/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ବଛରାଇ ପଞ୍ଚାୟତ ଗୋଧନ ଗ୍ରାମ ନିକଟ ଲୁଣା ନଦୀରେ ଗାଧୋଇବା ସମୟରେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଆସମାନ ରାଉତ (ଗୁଡୁ)। ବୟସ ୨୨ ବର୍ଷ ବୋଲି ଜଣାପଡିଛି। ସୂଚନା ଅନୁସାରେ, ଆଜି ମଧ୍ୟାହ୍ନ ସମୟରେ ତାଙ୍କ ଭାଇଙ୍କ ନଦୀଙ୍କୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତ ଗୋଡ଼ ଖସି ଯିବାରୁ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ମାର୍ଶାଘାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଖୋଜା ଖୋଜି କରି ନଦୀରୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୋଖରୀରେ ବୁଡ଼ି ଚତୁର୍ଥ ଶ୍ରେଣୀ ଛାତ୍ର ମୃତ

**ରାଜନଗର, ୧୧।୩/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଇଶ୍ୱରପୁର ପଞ୍ଚାୟତ ଅଜଗରପାଟିଆ ଗ୍ରାମର କାର୍ତ୍ତିକ ଖଟୁଆଙ୍କ ପୁଅ ରବିନ୍ଦ୍ର ଖଟୁଆ(୯ବର୍ଷ) ପୋଖରୀରେ ବୁଡି ପ୍ରାଣ ହରାଇଥିବା ଜଣାପଡିଛି। ରାଜନଗର ଥାନାରେ ମୃତକଙ୍କ ବଡ଼ବାପା ଗଣେଷ ଖଟୁଆଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁତୁରା ରବିନ୍ଦ୍ର ଅଜଗରପାଟିଆ ସ୍କୁଲ୍‌ରେ ଚତୁର୍ଥ ଶ୍ରେଣୀରେ ପଢୁଥିଲା। ବୁଧବାର ସକାଳ ୭ଟା ସମୟରେ ପରୀକ୍ଷା ଦେବା ପାଇଁ ସ୍କୁଲ୍‌କୁ ଯାଇଥିଲା। ପରୀକ୍ଷା ପରେ ଘରକୁ ନଫେରିବାକୁ ପ୍ରାୟ ସାଢେ ୧୨ଟା ସମୟରେ ଖୋଜାଖୋଜି କରିଥିଲେ। ଘର ପଛ ପଟରେ ଥିବା ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ରବିନ୍ଦ୍ରକୁ ଉଦ୍ଧାର କରି ସ୍ଥାନୀୟ ଇଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ୫୫.୬୪ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୧୦ ଗିରଫ

**ତାଳଚେର, ୧୧।୩/ଏନ୍‌ଏନ୍‌ଏସ୍:** ଗତକାଲି ସନ୍ଧ୍ୟା ସମୟରେ ତାଳଚେର ଜନ୍ଦାବାହାଳ କେନାଲ ପାଖରେ ଥିବା ଏକ ବନ୍ଦ ଆଶ୍ରମ ଘରପାଖରେ ବିପୁଳ ପରିମାଣର ବ୍ରାଉନସୁଗାର କାରବାର ହେଉଥିବା ଖବର ପାଇ ଏସପିଙ୍କ ନିର୍ଦ୍ଦେଶକ କ୍ରମେ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ତାଳଚେର ଆଇଆଇସି ଏକ ଟିମ ଗଠନ କରି ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଚଢ଼ାଉ ସମୟରେ ୫୫.୬୪ ଗ୍ରାମ୍ ବ୍ରାଉନ୍‌ସୁଗର ଯାହାର ମୂଲ୍ୟ ୫ ଲକ୍ଷ ୬୦ହଜାର, ୮ଗୋଟି ମୋବାଇଲ୍ ଫୋନ୍, ୧୨ହଜାର ଟଙ୍କା ଓ ୪ଗୋଟି ମଟରସାଇକେଲକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତାଳଚେର ବାଘୁଆବୋଲ ଅଞ୍ଚଳର କିଶାନ ବାରିକ (୨୫), ତାଳବେଡ଼ା ଗ୍ରାମର ଆଦିତ୍ୟ ସାହୁ (୨୬), ହାଟତୋଟା ଅଞ୍ଚଳ କ୍ରିତିଆଜାଦ ପ୍ରଧାନ (୨୫), ହାଟତୋଟା ସୂର୍ଯ୍ୟନଗରର ପୂର୍ଣ୍ଣାନନ୍ଦ ସାହୁ (୨୭), କିଶୋର ଗଞ୍ଜ ପାଟଣା ପ୍ରଶାନ୍ତ ନାହାକ (୨୪), କଙ୍କିଳି ଗ୍ରାମର ଅମର ଦେହୁରୀ (୩୨), ସାଉଥବଲଣ୍ଡାର ସୁରଜ ଭଗତ (୨୮),ସୌରଭ ସିଂହ(୨୩), ମହାନ୍ତି ନାଏକ(୨୪) ଓ ବାଘୁଆବୋଲ ଅଞ୍ଚଳର ସୁବ୍ରତ ନାଏକ (୨୨) ବୋଲି ଜଣାପଡ଼ିଛି। ଏହି ୧୦ ଜଣଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଥିବା ତାଳଚେର ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଆର୍‌ଏମ୍‌ସି ପକ୍ଷରୁ ନୂତନ ହାଟ ସ୍ଥାପନ

**ତାଳଚେର, ୧୧।୩/ଏନ୍‌ଏନ୍‌ଏସ୍:** ଆଜି ତାଳଚେର ଆର୍‌ଏମ୍‌ସି ପକ୍ଷରୁ ଗୋଡ଼ିବନ୍ଧ ଫାଣ୍ଡି ସମ୍ମୁଖରେ ରହିଥିବା ମେଲଣପଡ଼ିଆ ପରିସରରେ ଏକ ନୂତନହାଟର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ହାଟ ବହୁ ଦିନରୁ ଆର୍‌ଏମ୍‌ସି ପକ୍ଷରୁ ପରିକଳ୍ପନା କରାଯାଇଥିଲେ ମଧ୍ୟ ଆଜି ଏହାର ଉଦ୍‌ଘାଟନ ଅବସରରେ ସ୍ଥାନୀୟ ବାସୀନ୍ଦାଙ୍କ ମନରେ ଖୁସିର ମାହୋଲ ଖେଳିଯାଇଛି। ପ୍ରଥମ ଦିବସରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୩ଜଣ ବ୍ୟବସାୟୀ ଆସି ତାଙ୍କର ପସରା ମେଲାଇଥିଲେ ଓ ପାଖାପାଖି ଦେଢ଼ଲକ୍ଷ ଟଙ୍କା ବେପାର ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଯଦି ଏଭଳି ହାରରେ ହାଟଟି ଚାଲେ ତେବେ ଆଗାମୀ ଦିନରେ ଏକ ବଡ଼ ହାଟ ହେବାର ପରିକଳ୍ପନାକୁ ଏଡ଼ାଇ ଦିଆଯାଇନାପାରେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ବିଭୂପ୍ରସାଦ ପତି, ନିୟନ୍ତ୍ରୀତ ବଜାକମିଟିର ଉପାଧ୍ୟକ୍ଷ ପେସ୍କାର ଗଡ଼ନାୟକ, ସମ୍ପାଦକ ଅଶୋକ ବେହେରା, ସଭ୍ୟ ଅଶୋକ ଶତପଥୀ, ସୁଶାନ୍ତ ପ୍ରଧାନ, ଦିବ୍ୟଲୋଚନ ପ୍ରଧାନ, ବଜାର କମିଟିର କର୍ମଚାରୀ ସତ୍ୟନାରାୟଣ ପଟ୍ଟନାୟକ, ବସନ୍ତ ମହାନ୍ତି, ମନମୋହନ ପତିଙ୍କ ସାହାଯ୍ୟ ସହଯୋଗରେ ଉକ୍ତ ହାଟଟିର ଉଦଘାଟନ ହୋଇଛି। ଏହାର ପାଖଆଖ ଅଞ୍ଚଳଗୋଡ଼ିବନ୍ଧ, ବେଲପଡ଼ା, ଲୁହୁଣ୍ଡି, ଗୁରୁଜାଙ୍ଗ, ଜନ୍ଦାବାହାଳ, ଦୁମଦୁମା, ହରିହରପୁର, ସମଲ, ଟିପୋ, ବିକଶର, ବ୍ରଜନାଥପୁର, କଣ୍ଡାଳ, ଅରଖପାଳ, ରଘୁନାଥପୁର, ଯଦୁନାଥପୁର, ତାଳବେଡ଼ା, ସୁନାଖଣି, କାଳନ୍ଦିପ୍ରସାଦ, ସମେତ ଅନେକ ଗ୍ରାମ ଗୁଡ଼ିକ ଉପକୃତ ହେବେ ବୋଲି ଜନସାଧାରଣ ମତ ଦେଉଛନ୍ତି।

# ପଦ୍ମଶ୍ରୀ ବାବା ବଳିଆଙ୍କ ଜନ୍ମୋତ୍ସବ ପ୍ରସ୍ତୁତି

**ରାହାମା, ୧୧।୩/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ତଥା ସମାଜ ସଂସ୍କାରକ ପଦ୍ମଶ୍ରୀ ବାବା ବଳିଆଙ୍କ ରାଜ୍ୟସ୍ତରୀୟ ଜନ୍ମୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରାହାମାର ବଣିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ମାସ ୮ ତାରିଖ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ଧରାବତରଣ ଦିବସ ଅବସରରେ ନାମାଚାର୍ଯ୍ୟ ବାୟାଙ୍କ ସ୍ମୃତି ଉଦେଶ୍ୟରେ ରାହାମା କଲେଜ ପଡିଆରେ ଶତାଧିକ ସଂକୀତର୍ଣ୍ଣ ମଣ୍ଡଳୀକୁ ନେଇ ଏକ ସଂକୀର୍ତନ ମହାକୁମ୍ଭ, ଶ୍ରୀଗୁରୁ ପୂଜନ, ବୃକ୍ଷ ରୋପଣ, ଯୁବ ଉଦ୍ୟୋଗୀ ସମ୍ବର୍ଦ୍ଧନା, ନିଶାମୁକ୍ତ ଯୁବ ସଂକଳ୍ପ, ବିଦ୍ୟାର୍ଥୀ ସମ୍ବର୍ଦ୍ଧନା, ନାମଯଜ୍ଞ, ଭାଗବତ କଥା, ଆୟୋଜନ କରାଯିବା ପରିପ୍ରେକ୍ଷୀରେ ଆଜି ରାହାମା ବଣିକ ସଂଘ ସଭାପତି ସମାଜସେବୀ ଶିଶିର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଶିଶୁ ଅନନ୍ତ ଆଶ୍ରମର ଋଷି ଶ୍ରୀବାସ ଦାସ, ବାବାଜୀ ପ୍ରଣବାନନ୍ଦ ଦାସ, ବାବାଜୀ ପରମାତ୍ମା ଦାସ, ଜ୍ୟୋତିର୍ବିଦ ଡଃ ଅରୁଣ କୁମାର ପାଣି, ଭିକାରି ଚରଣ ସେନାପତି, ପ୍ରଶାନ୍ତ କୁମାର ସାହୁ, ସରୋଜ କୁମାର ଦାସ, ବଂଶୀଧର କୁଣ୍ଠ, ଆଇନଜୀବୀ ଶ୍ରୀଧର ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

**ନିତି ଭାରତୀ** ଅନ୍ୟମାନଙ୍କ ସ୍ୱରରେ ସ୍ୱର ମିଳାଇବା ଖୁବ୍ ସହଜ। ନିଜର ସ୍ୱର ଉତ୍ତୋଳନ କରିବା ନିମନ୍ତେ ସାହସର ଆବଶ୍ୟକତା ରହିଛି। - ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ଗୁରୁବାର, ୧୨ ମାର୍ଚ୍ଚ ୨୦୨୬

# ଅଧିକାର ବନାମ କର୍ତ୍ତବ୍ୟ



କମଳା ପ୍ରସାଦ ମହାପାତ୍ର

ମାନବ ସଭ୍ୟତାର ଉନ୍ମେଷ କାଳରୁ ହିଁ ସମାଜରେ ସୁଖଦ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସମସ୍ତଙ୍କ ସହମତିରେ ଆମ ଐତିହ୍ୟ, ସଂସ୍କୃତି ଆଧାରରେ କେତେକ ସାମାଜିକ ନୀତି ନିୟମ ଧାର୍ଯ୍ୟ କରାଯାଇଛି। ସେଥି ମଧ୍ୟରୁ ଦୁଇଟି ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗୋଟିଏ ହେଲା କର୍ତ୍ତବ୍ୟ ଅନ୍ୟଟି ହେଲା ଅଧିକାର। ଆମ ଶାସ୍ତ୍ର କୁହେ, କର୍ତ୍ତବ୍ୟର ସଠିକ୍ ସମ୍ପାଦନ ଦ୍ୱାରା ଅଧିକାର ସାବ୍ୟସ୍ତ ହେବା ସଙ୍ଗେ ସଙ୍ଗେ ଅସୀମ ଆନନ୍ଦ ପ୍ରାପ୍ତି ହୋଇଥାଏ। କାଳକ୍ରମେ ଆବଶ୍ୟକ ଅନୁସାରେ ପ୍ରାଚୀନ ପରମ୍ପରାରେ କେତେକ ତ୍ରୁଟି ବିଚ୍ୟୁତିକୁ ମଧ୍ୟ ସଂଶୋଧନ କରାଯାଇଛି। ଆଦିମ ଯୁଗରୁ ମଣିଷ ସଂଘର୍ଷ କରିବା ସହ ନିଜର ଧୀଶକ୍ତି, ବୁଦ୍ଧିମତ୍ତା, ବିବେକ ଓ ଶକ୍ତି ବଳରେ ବିଜ୍ଞାନ ଓ କାରିଗରୀ କୌଶଳକୁ ଆୟତ୍ତ କରି ସମଗ୍ର ସୃଷ୍ଟିରେ ନିଜର ଆଧିପତ୍ୟ ବିସ୍ତାର କରି ପାରିଛି। ପ୍ରଚଣ୍ଡ ଅହଙ୍କାରର ମଦମତ୍ତରେ ମଜ୍ଜି ଯାଇ ନିଜର ମୌଳିକ କର୍ତ୍ତବ୍ୟ ଭୁଲିଯାଇ କେବଳ ନିଜ ଅଧିକାର ପାଇବା, ଭୌତିକ ଫାଇଦା ହାସଲ କରିବା ବିଷୟରେ ବେଶି ସମୟ, ଶକ୍ତିର ଉପଯୋଗ କରୁଛି। ଅନେକ କ୍ଷେତ୍ରରେ ସଫଳତା ମଧ୍ୟ ପାଉଛି। ତଥାପି ମନରେ ସନ୍ତୁଷ୍ଟି, ପରିତୃପ୍ତି ଆସୁନାହିଁ। ଇଚ୍ଛା ହେଉଛି ଆହୁରି ଧନ ସମ୍ପତ୍ତି ଠୁଳ କରି ଅୟସ ଆରାମରେ ଜୀବନ ବିତାଇବାକୁ। କେତେ ଧନ ଅର୍ଜନ କଲେ ମନରେ ଶାନ୍ତି, ତୃପ୍ତି ଆସିବ- ତାହା କେବଳ ସେହିମାନଙ୍କୁ ଜଣା!

ପାଶ୍ଚାତ୍ୟ ଦାର୍ଶନିକମାନେ, ଯେପରିକି ଟମାସ୍ ହବ୍ସ, ଜନ୍ ଲକ୍, ଜାହାଁ ଜ୍ୟାକ ରୁଶୋ ନୈସର୍ଗିକ ଅଧିକାର ସମ୍ପର୍କରେ ଚର୍ଚ୍ଚା କରି ସାର୍ବଜନୀନ ମାନବାଧିକାର ଉପରେ ଗୁରୁତ୍ୱ ଦେଇଥିଲେ। ଭାରତୀୟ ଦର୍ଶନରେ ଧର୍ମ, ଅର୍ଥାତ୍ କର୍ତ୍ତବ୍ୟକୁ ମାନବ ଜୀବନର ଏକ ନୀତିଗତ ଆଧାର ରୂପେ ବିବେଚନା କରାଯାଏ। ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଷ୍କାମ କର୍ମର ଶିକ୍ଷା ଦେଇଥିଲେ। ସେ କହିଛନ୍ତି, 'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ।' ଅର୍ଥାତ୍ ଫଳକୁ ଆଶା ନରଖି କର୍ତ୍ତବ୍ୟ କରିଚାଲ। ମନୁ ସଂହିତା, ଉପନିଷଦରେ ମଧ୍ୟ ବ୍ୟକ୍ତିର ଅଧିକାରଠାରୁ ସାମାଜିକ କର୍ତ୍ତବ୍ୟକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି। କର୍ତ୍ତବ୍ୟ ଓ ଅଧିକାର ପରସ୍ପରର ବିରୋଧୀ ନୁହେଁ, ବରଂ ପରିପୂରକ ଅଟନ୍ତି। ଦୁଇଟି ଧାରାର ସମନ୍ୱୟରେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇଥାଏ। ମହାତ୍ମା ଗାନ୍ଧୀ କୁହନ୍ତି, କର୍ତ୍ତବ୍ୟର ସଠିକ୍ ପାଳନ ମାଧ୍ୟମରେ ଅଧିକାର ସ୍ୱୟଂ ଆସିଥାଏ। ଜଣେ ବ୍ୟକ୍ତିର ଅଧିକାର ଅନ୍ୟ ଜଣକର କର୍ତ୍ତବ୍ୟ ଦ୍ୱାରା ସୁରକ୍ଷିତ ହୁଏ। ସେହିପରି କର୍ତ୍ତବ୍ୟ ପାଳନ ମାଧ୍ୟମରେ ଜଣେ ବ୍ୟକ୍ତି ନିଜ ଅଧିକାରର ମହନୀୟତା ଓ ସାମାଜିକ ପ୍ରାସଙ୍ଗିକତାକୁ ଉପଲବ୍ଧି କରିଥାଏ।

ଛାନ୍ଦୋଗ୍ୟ ଉପନିଷଦରେ ସତ୍ୟକାମ ଜାବାଳ ଉପାଖ୍ୟାନରେ ବାଳକ ସତ୍ୟକାମ ନିଜର ଶିକ୍ଷାଲାଭର ଅଧିକାରକୁ ସାକାର କରିବା ପାଇଁ ଜାଗ୍ରତ ହେବା ସତ୍ତ୍ୱେ ନିଜର ସଚ୍ଚୋଟ ଚରିତ୍ର ଦ୍ୱାରା ଗୌତମ ଋଷିଙ୍କ ଆଶ୍ରମରେ ଶିଷ୍ୟତ୍ୱ ଲାଭ କରି ପ୍ରତିବଦ୍ଧତା ସହ ଚାରି ଶହ ରୁଗ୍ଣ ଗାଈଙ୍କ ସେବା କରି ଏକ ହଜାରରେ ପରିଣତ କରି ନିଜ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରିଛି। ଅଧିକାର ଓ କର୍ତ୍ତବ୍ୟରେ ସମନ୍ୱୟ ରକ୍ଷା କରି ସତ୍ୟକାମ ଗୌତମ ଋଷିଙ୍କର ପ୍ରିୟପାତ୍ର ହେବା ସହ ଆଶ୍ରମକୁ ଫେରିବା ବାଟରେ ବାୟୁ, ଅଗ୍ନି, ଆଦିତ୍ୟ ଓ ପ୍ରାଣ- ଏହି ଚାରି ଦେବତାଙ୍କଠାରୁ ବ୍ରହ୍ମଜ୍ଞାନ ଲାଭ କରି ପାରିଛି। ସେମାନେ ସମସ୍ତେ ସମସ୍ୱରରେ କହିଛନ୍ତି- ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଜଳ, ସ୍ଥଳ, ବାୟୁ, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ତାରା, ଆକାଶ, ନାସା, କର୍ଣ୍ଣ, ଚକ୍ଷୁ, କପାଳ, ସର୍ବତ୍ର ବ୍ରହ୍ମ ବିଦ୍ୟମାନ। ମଣିଷ ଭିତରେ ଯେଉଁ ଆତ୍ମନ୍ ଅଛି, ତାହା ହେଉଛି ଏଇ ବ୍ରହ୍ମର ଅଂଶବିଶେଷ।

ମାତ୍ର ଅଧୁନା ସମାଜରେ ଅଧିକାରର ଉଗ୍ର ଆଭିମୁଖ୍ୟ, ଅତି ସହଜରେ ଫାଇଦା ପାଇବା, ସଫଳତା ହାସଲ କରିବା, କର୍ତ୍ତବ୍ୟକୁ ଗୌଣ ମନେ କରିବା, କର୍ତ୍ତବ୍ୟ ରହିତ ସଚେତନତା ପ୍ରଦର୍ଶନ କରିବା ଇତ୍ୟାଦି ବହୁଳ ଭାବେ ପରିଲକ୍ଷିତ ହେଉଛି। ସେହି ତୁଳନାରେ ବିବେକଶୂନ୍ୟତା, ଅନୈତିକତା, କର୍ତ୍ତବ୍ୟରେ ଅବହେଳା ଉଦ୍‌ବେଗଜନକ ଭାବେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଧୁନିକ ଯୁଗର ମଣିଷ ସବୁ ପାଇବା ପରେ ମଧ୍ୟ ଅପୂର୍ଣ୍ଣ ଭାବ ଅନୁଭବ କରୁଛି। ତେବେ ପ୍ରଶ୍ନ ଉଠେ- ସବୁ ଥାଇ, ସବୁ ପାଇ ମଣିଷ କାହିଁକି ଅମୋକ୍ଷ ପ୍ରେତାତ୍ମା ଭଳି ଏତେ ବିବ୍ରତ, ଅଶାନ୍ତ, ଅସନ୍ତୁଳିତ, ଚିନ୍ତାଗ୍ରସ୍ତ, ଅସନ୍ତୁଷ୍ଟ ରହି ପଥଭ୍ରଷ୍ଟ ହେଉଛି? କାରଣ ଅତ୍ୟନ୍ତ ସ୍ୱଚ୍ଛ। ଆଜିର ପ୍ରତିଯୋଗିତାପୂର୍ଣ୍ଣ ଜୀବନରେ ନୈତିକ ଉପାୟରେ ହେଉ ବା ଅନୈତିକ ଉପାୟରେ, ପ୍ରଚୁର ଅର୍ଥ ଉପାର୍ଜନ କରିବାକୁ ହେବ। ଅମୁକ ବାବୁ ସମୁକ ବାବୁ ଯଦି ଦପ୍ତରରେ ଉତ୍କୋଚ ନେଇ ଅମାପ ଧନ ସଞ୍ଚୟ କରି ପାରିଲେ, ତେବେ ମୁଁ ଉତ୍କୋଚ ନେବାରେ ଅସୁବିଧା କେଉଁଠି? ସମସ୍ତ ବ୍ୟକ୍ତି ପାଗଳଙ୍କ ପରି ଏହି ପାର୍ଥିବ ଭୋଗ ବିଳାସ ପଛରେ ଧାଇଁ ନିଜର ମୌଳିକ ଓ ନୈତିକ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିବାରେ ଲାଗିଲେ। ନିଜର ବୃତ୍ତିଗତ ଦାୟିତ୍ୱ ଓ ପେସାଗତ ପ୍ରତିବଦ୍ଧତାକୁ ଗୌଣ ମନେକରି ଆର୍ଥିକ ମୁନାଫା, ଅଳ୍ପ କାମରେ ଅଧିକ ସଫଳତା ପାଇବାର ଝୁଙ୍କରେ ଆକ୍ରାନ୍ତ ହୋଇ ନୈତିକ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଭୁଲିଗଲେ। ଆଧୁନିକ ସମାଜରେ ଆମେ ସଭିଏଁ ଯନ୍ତ୍ରଚାଳିତ ରୋବୋଟ୍ ଭଳି ନିଜ ନିଜକୁ ପରିଚାଳିତ କରୁଛେ। ଅଧିକାଂଶ ସମୟରେ ଆମେ ଚାପଗ୍ରସ୍ତ ହୋଇ ରହୁଛେ, ମୁଣ୍ଡ ଠିକ୍ ଭାବେ କାମ କରୁନାହିଁ, ରାତିରେ ନିଦ ହେଉନାହିଁ। କିଛି ମନେ ରହୁନାହିଁ। ଅଫିସ କାମରେ ମନ ଲାଗୁ ନାହିଁ। ଠିକ୍ ସମୟରେ କାମ ସାରି ନ ପାରିବାରୁ ହାକିମ ରାଗୁଛନ୍ତି, ସିସିଆର ଖରାପ ହେଉଛି। ମାସସାରା ମାନସିକ ଦୁଶ୍ଚିନ୍ତା, ଅପ୍ରାପ୍ତିର ଅବସୋସ, ଅସଫଳତାର ଗ୍ଲାନି ପୌଷ ସକାଳର କୁହୁଡ଼ି ପରି ମନକୁ ଆଛନ୍ନ କରି ରଖୁଥିବା ବେଳେ ମାସ ଶେଷରେ ବେତନ ମିଳିବା ସମୟରେ ସାମୟିକ ଆନନ୍ଦ ପ୍ରାପ୍ତି ହେଉଛି। ତେବେ ଏହାର ମୁଖ୍ୟ କାରଣ କ'ଣ ହୋଇପାରେ। ଏହି ମୁଖ୍ୟ କାରଣ ଅନୁସନ୍ଧାନ କରିବା ଆମ ଆଲେଖ୍ୟର ଏକ ବିଶେଷ ଉଦ୍ଦେଶ୍ୟ ଅଟେ। ବେଶି ପରିଶ୍ରମ କରିବାକୁ ହେବନାହିଁ। କାରଣଟା ଆମ ସାମ୍ନାରେ ଜଳ ଜଳ ହୋଇ ଦିଶୁଛି।

ଯଦି ଆମେ ବେତନ ପ୍ରାପ୍ତିରେ ସାମୟିକ ଆନନ୍ଦ ପାଉଛେ, ସେହି ଆନନ୍ଦ ମଧ୍ୟ କ୍ଷଣସ୍ଥାୟୀ। କାରଣ, ମାସ ଅଧା ବେଳକୁ ବେତନ ପ୍ରାୟ ଖର୍ଚ୍ଚ ହୋଇ ସାରିଥାଏ। ଆମେ ଭାବୁ, ବେତନ ରାଶି ଖୁବ୍ ସ୍ୱଳ୍ପ ହୋଇଥିବାରୁ ଏତେ ଶୀଘ୍ର ଖର୍ଚ୍ଚ ହୋଇଗଲା, ଯଦି ଏହା ଏବକା ବେତନର ଦୁଇ ଗୁଣ ହୋଇଥାନ୍ତା, ଏତେ ଶୀଘ୍ର କ'ଣ ସରି ଯାଇଥାନ୍ତା? କେବେ ସରି ନଥାନ୍ତା। ତେବେ ଉପାୟ କ'ଣ? କଣ ଆଉ ଉପାୟ? ଅନେକ ଉପାୟ ଅଛି। ସୁରଜ ବାବୁ ତ ପୁଣି ମୋ'ଠାରୁ କନିଷ୍ଠ ପାହ୍ୟାରେ ଚାକିରି କରି ଏତେ ସମ୍ପତ୍ତି ଠୁଳ କରି ପାରିଛନ୍ତି, ଯେଉଁଥିପାଇଁ ମୋ ପତ୍ନୀ ମୋତେ ସବୁବେଳେ କଟାକ୍ଷ କରନ୍ତି। ସୁତରାଂ, ସୂକ୍ଷ୍ମ ଉପାୟ ହେଲା ଚୋରି କରିବା, ମିଛ କହିବା, ଲାଞ୍ଚ ନେବା, ତସ୍କରି କରିବା, ପ୍ରବଞ୍ଚନା ଦ୍ୱାରା ପ୍ରତାରିତ କରି ମୋଟା ଅଙ୍କର ଉତ୍କୋଚ ଅର୍ଥ ରାଶି ଦାବି କରିବା। ଏଇଟା ହେଲା ବିନା ପରିଶ୍ରମରେ ଅର୍ଥ ଉପାର୍ଜନର ସବୁଠାରୁ ସରଳ ଓ ସୁଗମ ପନ୍ଥା।

ତେବେ ଆମ ଅଶାନ୍ତି ଓ ମୁଣ୍ଡ ବ୍ୟଥାର ମୁଖ୍ୟ କାରଣ ହେଉଛି ଅର୍ଥାଭାବ, ଅପ୍ରାପ୍ତିର ଗ୍ଲାନି ଓ ଅସଫଳତାର ଅବସୋସ। ଏଠି ଆଉ ଟିକେ ଗଭୀରକୁ ପ୍ରବେଶ କରିବାକୁ ହେବ। ଆମେ ନିଜକୁ ପ୍ରଶ୍ନ କରିବା- ପ୍ରାପ୍ତି ଓ ସଫଳତାର ସଂଜ୍ଞା କ'ଣ, ଯାହାର ଉତ୍ତର ହୁଏତ ଆମ କାହାରି ପାଖରେ ନାହିଁ। ଆମେ ସବୁ ଜାଣି ଅଜଣାର ଅଭିନୟ କରୁଛୁ। ଆସନ୍ତୁ, ନିଜକୁ ପ୍ରଶ୍ନ କରିବା- ବିପୁଳ ଅର୍ଥ ଉପାର୍ଜନ କ'ଣ ସଫଳତାର ମାପକାଠି? କେତେ ଅର୍ଥ ଠୁଳ କଲେ ଜଣେ ଭାବିବ, ହଁ ଠିକ୍ ଅଛି, ମୋର ଢେର୍ ହେଇଗଲା। ଆଉ ଅର୍ଥର ଆବଶ୍ୟକତା ନାହିଁ। ମାତ୍ର ଏପରି କେହି କେବେ କରୁଛନ୍ତି ବା କହୁଛନ୍ତି କି? କେହି ନୁହେଁ। କାରଣ ଲିଓ ଟଲଷ୍ଟୟଙ୍କ ପାହମ୍ ଚରିତ୍ର ଭଳି ମଣିଷର ଚାହିଦା ଅସୀମ, ଅପରିସୀମ; ଆକାଶ ହେଉଛି ତା'ର ସୀମା। ମଣିଷକୁ ସୃଷ୍ଟିର ସର୍ବୋତ୍ତମ ପ୍ରାଣୀ ଭାବରେ ବିବେଚନା କରାଯାଏ ଏବଂ ଆଶା କରାଯାଏ ଯେ ମଣିଷ ଭଳି ଜଣେ ଉତ୍ତମ ଜୀବ ପାଖରେ ମାନବୀୟ ଗୁଣ, ଯଥା ଦୟା, ଅନୁକମ୍ପା, କ୍ଷମା, ତ୍ୟାଗ, ତିତିକ୍ଷା, ସହନଶୀଳତା, ସହଯୋଗ, ସ୍ନେହ, ଶ୍ରଦ୍ଧା, ବନ୍ଧୁତା, ଉଷ୍ମତା ଇତ୍ୟାଦି ବିଦ୍ୟମାନ ଥାଏ ଏବଂ ସେହି ବ୍ୟକ୍ତି ସମାଜରେ ଏକ ଆଦର୍ଶ ଏବଂ ସମ୍ମାନାସ୍ପଦ ସ୍ଥାନର ଅଧିକାରୀ ହୋଇଥାନ୍ତି।

ମାତ୍ର ଆମ ଚରିତ୍ରରେ ଅନେକ ବ୍ୟତିକ୍ରମ ଦେଖାଯାଇଥାଏ। ଦପ୍ତରରେ ଆମେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଅନିଚ୍ଛୁକ, ମାତ୍ର ଯେତେବେଳେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବେତନ ବୃଦ୍ଧି, ପଦୋନ୍ନତି ଆନ୍ଦୋଳନର ଆୟୋଜନ ହୁଏ, ସେତେବେଳେ ଆମେ ଖୁବ୍ ସକ୍ରିୟ ହୋଇଉଠୁ ଏବଂ ଅନ୍ୟ ସହକର୍ମୀମାନଙ୍କୁ ନିଜର ଅଧିକାର ପ୍ରାପ୍ତି ପାଇଁ ଏହି ଆନ୍ଦୋଳନର ଆବଶ୍ୟକତା ଅଛି ବୋଲି କହି ପ୍ରବର୍ତ୍ତାଇ ଥାଉ। ବିଡ଼ମ୍ବନାର ବିଷୟ ହେଲା ଯେ ଆମ କର୍ତ୍ତବ୍ୟ ସମ୍ପାଦନ କରିବାକୁ, ଦାୟିତ୍ୱ ନିର୍ବାହ କରିବାକୁ ଆମେ ଅନାଗ୍ରହୀ, ମାତ୍ର ବେତନ ବୃଦ୍ଧି, ପଦୋନ୍ନତି ସକାଶେ ଆମେ ଆନ୍ଦୋଳନ କରି ଜନସାଧାରଣ ଓ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାକୁ ଅସୀମ ଉତ୍ସାହ ଓ ମାତ୍ରାଧିକ ଆଗ୍ରହ ପ୍ରଦର୍ଶନ କରୁଅଛୁ। କିଏ ପ୍ରଶ୍ନ କଲେ ଆମେ କହିବାକୁ ଦ୍ୱିଧା କରୁନାହିଁ ଯେ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ ସରକାର ଚରମ ଉଦାସୀନତା ପ୍ରଦର୍ଶନ କରିବାରୁ ଆମ ନ୍ୟାୟୋଚିତ ଅଧିକାର ହାସଲ କରିବା ପାଇଁ ଆମେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେଲୁ।

କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ଊଣା ଅଧିକେ ସମସ୍ତେ ଅବହେଳା କରନ୍ତି। କିଭଳି ଭାବେ ସ୍ୱଳ୍ପ ପରିଶ୍ରମରେ ଅଧିକ ଫାଇଦା ହୋଇ ପାରିବ, ସେଥି ନିମିତ୍ତ ଯୁବକଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଚେଷ୍ଟା ଜାରି ରଖନ୍ତି। ଉଦାହରଣ ସ୍ୱରୂପ, ଜଣେ ଛାତ୍ର ଚାହେଁ ଅଳ୍ପ ସମୟ ପାଠ ପଢ଼ି ଅଧିକ ନମ୍ବର ରଖିବ; ଶିକ୍ଷକ ଚାହାନ୍ତି ଅଳ୍ପ ସଂଖ୍ୟକ କ୍ଲାସ୍ ନେଇ ଘରେ ଟ୍ୟୁସନ କରି ଅଧିକ ଅର୍ଥ ଉପାର୍ଜନ କରିବେ। ରାଜନେତା ଚାହାନ୍ତି ବିଭିନ୍ନ ଯୋଜନାରୁ ପିସି ଆଦାୟ କରି ଅର୍ଥ ଠୁଳ କରିବେ। ଦପ୍ତରରେ ଅଧିକାରୀ ଚାହାନ୍ତି କିପରି ଅଳ୍ପ ସମୟ କାମ କରି ଅଧସ୍ତନ କର୍ମଚାରୀ ମାଧ୍ୟମରେ ଉତ୍କୋଚ ସଂଗ୍ରହ ହୋଇ ପାରିବ। ଠିକାଦାର ଚାହାନ୍ତି କିପରି କମ୍ ସିମେଣ୍ଟରେ କାମ ହେଲେ ପଇସା ବଞ୍ଚେଇ ଇଞ୍ଜିନିୟରଙ୍କୁ ଉତ୍କୋଚ ଦେଇ ବିଲ୍ ପାସ କରାଇବେ। ଡାକ୍ତର ଚାହାନ୍ତି କିପରି ଶୀଘ୍ର ଆଉଟଡୋର କାମ ସାରି ବାସଭବନରେ ରୋଗୀ ଚିକିତ୍ସା କରିବେ। ଦଲାଲ ମାଧ୍ୟମରେ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ପାଇବା ପାଇଁ ନିଜ କ୍ଲିନିକ୍ ଆସିବାକୁ ପ୍ରବର୍ତ୍ତାଇବେ।

ବୃହଦାରଣ୍ୟକ ଉପନିଷଦରେ ବର୍ଣ୍ଣିତ ଥିବା ଘଟଣାର ବ୍ୟାଖ୍ୟାରୁ ଜଣାଯାଏ ଯେ ସୃଷ୍ଟିକର୍ତ୍ତା ପ୍ରଜାପତି ତାଙ୍କର ଦାୟାଦ ଦେବ, ଦାନବ, ମାନବମାନଙ୍କୁ ଶିକ୍ଷାଦାନ ସମୟରେ ଅତୀବ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ଶିକ୍ଷା ସମାପ୍ତି ପରେ ପ୍ରଜାପତି କେବଳ କହିଲେ 'ଦ', ଯାହାର ପୂର୍ଣ୍ଣ ଅର୍ଥ ହେଲା 'ଦତ୍ତମ୍, ଦ୍ୱୈଧମ୍, ଦମ୍ୟତମ୍।' ଦେବତାମାନଙ୍କୁ 'ଦମ୍ୟତମ୍' ବା ଆତ୍ମସଂଯମୀ ହେବାକୁ କହିଲେ, ଦାନବମାନଙ୍କୁ ଦୟାଳୁ, ସମ୍ବେଦନଶୀଳ ହେବାକୁ କହିବା ବେଳେ ମାନବମାନଙ୍କୁ କର୍ତ୍ତବ୍ୟ, ଦାନ, ଧର୍ମ, ତ୍ୟାଗ କରିବା ଗୁଣ ଆହରଣ କରିବାକୁ ପରାମର୍ଶ ଦେଇଥିଲେ।

ଆମ ସମ୍ବିଧାନର ଭାଗ-୩, ଧାରା- ୧୪ରୁ ୨୧ରେ ନାଗରିକର ମୌଳିକ ଅଧିକାର ସମ୍ପର୍କରେ ବର୍ଣ୍ଣିତ ହୋଇଥିବା ବେଳେ ଭାଗ-୪, ଧାରା-୩୬ରୁ ୫୧ରେ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରାଯାଇଛି। ସମ୍ବିଧାନରେ ଉଲ୍ଲେଖ ଅଛି, ଏକ ଜନମଙ୍ଗଳ ରାଷ୍ଟ୍ରରେ ଜଣେ ନାଗରିକ ନିଜ ଅଧିକାର ବିଷୟରେ ସଚେତନ ହେବା ଯେତିକି ଜରୁରୀ, ମୌଳିକ କର୍ତ୍ତବ୍ୟ ବା ଦାୟିତ୍ୱକୁ ଗୁରୁତ୍ୱର ସହ ନିର୍ବାହ କରିବା ସେତିକି ଅପରିହାର୍ଯ୍ୟ ଅଟେ। ବର୍ତ୍ତମାନ ପରିସ୍ଥିତିରେ ପ୍ରତ୍ୟେକ ନାଗରିକ ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରକ୍ଷା କରି ସମାଜରେ ଏକ ଉଚ୍ଚ ଆଦର୍ଶ ଓ ଅନନ୍ୟ ମୂଲ୍ୟବୋଧର ପ୍ରତିଷ୍ଠା କରି ଆଲୋକ ବର୍ତ୍ତିକା ଭାବେ ଅନ୍ୟମାନଙ୍କ ପାଇଁ ପଥପ୍ରଦର୍ଶକ ଓ ପ୍ରେରଣାର ଉତ୍ସ ହେବା ଆଶା କରିବା ସମୀଚୀନ ମନେହୁଏ।

ମୋ: ୭୩୮୧୦୭୩୧୩୬

# ଇରାନ୍ ଯୁଦ୍ଧ ଓ ତୈଳ ଦର

ଇସ୍ରାଏଲ ସହିତ ମିଶି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଇରାନ୍ ବିରୁଦ୍ଧରେ ଆରମ୍ଭ କରିଥିବା ଯୁଦ୍ଧକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା- ଅର୍ଥାତ୍ କେତେବେଳେ ଏହା ଆହୁରି ବଢ଼ିବ ତ କେତେବେଳେ ଏହାର ପରିସମାପ୍ତି ଘଟିବାକୁ ଯାଉଛି- କହୁଥିବା ବେଳେ ସମଗ୍ର ବିଶ୍ୱରେ ତୈଳ ଦର ଉତ୍ଥାନ ପତନ ଦେଇ ଗତି କରୁଛି। ଦିନର ବିଭିନ୍ନ ସମୟରେ ସାମ୍ବାଦିକମାନଙ୍କ ପ୍ରଶ୍ନରେ ନିଜର ଅସ୍ଥିର ମନୋବସ୍ଥାକୁ ନେଇ ଡୋନାଲ୍ଡ ଟ୍ରମ୍ପ ଦେଉଥିବା ଉତ୍ତର କେତେବେଳେ ବେପରୁଆ ହେଉଛି ତ ଆଉ କେତେବେଳେ ବିରୋଧାଭାସୀ। ଉପରୋକ୍ତ ଯୁଦ୍ଧ ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି ବୋଲି ଶ୍ରୀଯୁକ୍ତ ଟ୍ରମ୍ପ କହିବା ପରେ ବ୍ୟାରେଲ ପିଛା ୧୨୦ ଡଲାରକୁ ବୃଦ୍ଧି ପାଇଥିବା ଅଶୋଧିତ ତୈଳ ଦର ୯୦ ଡଲାରକୁ ଖସି ଆସିଥିଲା। ପ୍ରଶ୍ନ ଉଠେ- ଏ ଯୁଦ୍ଧ କାହିଁକି ଲଢ଼ା ଯାଉଛି ଏବଂ କିଏ ଲଢୁଛି ଓ କିଏ ଏହାକୁ ବନ୍ଦ କରିବ- ମେସର୍ସ ଟ୍ରମ୍ପ ଏବଂ ନେତାନ୍ୟାହୁ ନା ଇରାନ୍‌ର ନବ ଘୋଷିତ 'ସର୍ବୋଚ୍ଚ ନେତା' ଆୟାତୋଲ୍ଲା ମୋଜତାବା ଖାମେନେଇ, ଯିଏକି ଆରମ୍ଭ ହୋଇଥିବା ଯୁଦ୍ଧରେ ଲମ୍ଫ ପ୍ରଦାନ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ଆହତ ହୋଇଥାଇ ପାରନ୍ତି, ନା ଇରାନୀୟ ରିଭଲ୍ୟୁସନାରୀ ଗାର୍ଡସ୍ କର୍ପସ୍, ଯାହାଙ୍କୁ ଇରାନ୍‌ରେ ପ୍ରକୃତ ଶାସକ ବୋଲି ବିବେଚନା କରାଯାଇଥାଏ ଏବଂ ଯିଏକି ବାଲିଷ୍ଟିକ୍ ମିସାଇଲ ଓ ଡ୍ରୋନ୍‌ଗୁଡ଼ିକର ମୁତୟନକୁ ନିୟନ୍ତ୍ରଣ କରିଥାଏ ଏବଂ ସେଗୁଡ଼ିକ ଯେତେବେଳେ ଛଡ଼ାଯାଏ, କେଉଁ ସ୍ଥାନକୁ ଲକ୍ଷ୍ୟଭୁକ୍ତ କରାଯାଏ, ତାହା ସ୍ଥିର କରିଥାଏ? ଏମିତିକି ଶ୍ରୀଯୁକ୍ତ ଟ୍ରମ୍ପ ଯେତେବେଳେ କହୁଛନ୍ତି, 'ଯୁଦ୍ଧରେ ବିଜୟ ହାସଲ ହୋଇ ସାରିଛି' କିନ୍ତୁ 'ପର୍ଯ୍ୟାପ୍ତ ଭାବରେ ବିଜୟ ହାସଲ ହୋଇନାହିଁ', ସେତେବେଳେ ସମଗ୍ର ବିଶ୍ୱ ତା'ର ମୂଲ୍ୟ ଦେଉଛି, ଯାହା ମଧ୍ୟରେ ଭାରତ ବି ରହିଛି, ଯାହାକି ଖାଦ୍ୟ ଶିଳ୍ପ, ହସ୍‌ପିଟାଲ, ସ୍କୁଲ ଏବଂ ଗୋଷ୍ଠୀ ପାକଶାଳାଗୁଡ଼ିକୁ ଏଲ୍‌ପିଜି ଯୋଗାଇବା ପାଇଁ ବର୍ତ୍ତମାନ ସଂଘର୍ଷ କରୁଛି। ଏଇ ପାଗଳାମି ଭିତରେ, ଯୁଦ୍ଧର କାରଣ, ଯାହା ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣଠାରୁ ସେମିତି କିଛି ଭିନ୍ନ ନୁହେଁ- ସବୁକିଛି ଭୁଲି ହୋଇ ଯାଉଛି କେବଳ ସମଗ୍ର ଅଞ୍ଚଳରେ ମିସାଇଲ ଏବଂ ଡ୍ରୋନ୍‌ଗୁଡ଼ିକର ଆକ୍ରମଣ ବ୍ୟତୀତ।

୧.୫ ବିଲିଅନ୍ ଲୋକମାନଙ୍କର ବାସସ୍ଥଳୀ ହୋଇଥିବା ଏକ ଦେଶ, ଯାହା ମଧ୍ୟ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି, ଯଦି ଏହାର ଶକ୍ତି ଚାହିଦାକୁ ପୂରଣ କରିବା ପାଇଁ ଆମଦାନୀ ଉପରେ ନିର୍ଭର କରେ, ତା'ହେଲେ ବିଶ୍ୱର ତୈଳ ଯୋଗାଣଜନିତ ଆଘାତ ଏହାକୁ ଯେତେବେଳେ ଆକ୍ରମଣ କରିବ, ସେତେବେଳେ କଷ୍ଟ ଯନ୍ତ୍ରଣା ତ ଭୋଗିବ ହିଁ ଭୋଗିବ। ପଶ୍ଚିମ ଏସିଆରେ ଚାଲୁ ରହିଥିବା ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ସଦ୍ୟତମ ତୈଳ ସଂକଟ ଆଧୁନିକ ପୁଞ୍ଜିବାଦର ଇତିହାସରେ ପ୍ରଥମ ଥର ପାଇଁ ହୋଇନାହିଁ, ବରଂ ଯେତେଦୂର ଏସୀୟ ଦେଶମାନଙ୍କ କଥା ଉଠେ, ଏହା ହେଉଛି ସବୁଠୁ ବଡ଼ ଧରଣର ସଂକଟ। ଏହାର କାରଣ, ପ୍ରଥମ ଥର ପାଇଁ ହରମୁଜ୍ ପ୍ରଣାଳୀର ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ କୌଣସି ତୈଳ କିମ୍ବା ଗ୍ୟାସ୍ ଚଳାଚଳ କରୁନାହିଁ, ଯାହା ଭାରତ ସମେତ ଏସିଆ ମହାଦେଶର ଅନେକ ଦେଶକୁ ଅଶୋଧିତ ତୈଳ, ଗ୍ୟାସ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ନିବେଶର ଏକ ସିଂହଭାଗ ଯୋଗାଇ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହାର ଅନ୍ୟ ଏକ ଅର୍ଥ ମଧ୍ୟ ହେଉଛି, ସାମ୍ପ୍ରତିକ ତୈଳ ସଂକଟ କେବଳ ବ୍ୟବସାୟ ଦୃଷ୍ଟିରୁ ଭାରତୀୟ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯାହା ପାଇଁ ଅର୍ଥନୀତିଜ୍ଞମାନେ ପ୍ରାୟତଃ ଏକ ପ୍ରାକ୍-ଅଟକଳ କରି ସାରିଥିଲେ- ଅଶୋଧିତ ତୈଳ ଦରରେ ପ୍ରତ୍ୟେକ ୧୦ ଡଲାରର ବୃଦ୍ଧି ମୋଟ ଘରୋଇ ଉତ୍ପାଦ (ଜିଡିପି)ରୁ ୦.୨୫ ବେସିସ୍ ପଏଣ୍ଟ କମାଇ ଚାଲିବ ବା ମୁଦ୍ରାସ୍ଫୀତି ଏବଂ ବ୍ୟବସାୟିକ ନିଅଣ୍ଟ ବା ସେମିତି କିଛିରେ ୫୦ ବେସିସ୍ ପଏଣ୍ଟ ଯୋଗ କରିବ। ସୂଚାଇ ଦିଆଯାଇପାରେ ଯେ ଗୋଟିଏ ବେସିସ୍ ପଏଣ୍ଟ ହେଉଛି ଏକ ଶତକଡ଼ା ପଏଣ୍ଟର ଶହେରୁ ଏକ ଭାଗ। ଯୁଦ୍ଧ ଯଦି ଶୀଘ୍ର ଶେଷ ନ ହୁଏ, ତା'ହେଲେ ଭାରତ ଏମିତି ଏକ ପରିସ୍ଥିତିର ହୁଏତ ସାମ୍ନା କରିପାରେ, ଯେଉଁଠି ଗୁରୁତ୍ୱପୂର୍ଣ୍ଣ ଅର୍ଥନୀତିକ ବିନିବେଶ ସମୂହ- ଗ୍ୟାସ୍‌ଠୁ ଆରମ୍ଭ କରି ଅନ୍ୟାନ୍ୟ ଅଶୋଧିତ ତୈଳ ପରିଷ୍କୃତ ଜିନିଷ ଯଥା ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍ ଏବଂ ଘଟଣାକ୍ରମେ ରାସାୟନିକ ସାର ଇତ୍ୟାଦି- ଯେଉଁଗୁଡ଼ିକ ସ୍ୱାଭାବିକ ଉତ୍ପାଦନ ପାଇଁ ଯେତିକି ପରିମାଣରେ ଆବଶ୍ୟକ, ତାହା ହୁଏତ ଉପଲବ୍ଧ ହୋଇ ନପାରେ।

ମଧ୍ୟପ୍ରାଚ୍ୟର ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ମୁଦ୍ରାସ୍ଫୀତିଜନିତ ମାନ୍ଦାବସ୍ଥା, ଯାହା ସମ୍ଭବତଃ କୋଭିଡ୍ ମହାମାରୀ ପରେ ଦେଖା ଯାଇ ନଥିଲା, ତହିଁରେ ଆକ୍ରମଣ କରିଥିବା ବେଳେ ସାମାନ୍ୟ ପ୍ରସଙ୍ଗ ଏବଂ କ୍ଷୋଭଗୁଡ଼ିକ ସମ୍ପର୍କରେ କୁହାଯାଉଛି। ଆମେରିକାର ସାଧାରଣ ଲୋକମାନେ ମଧ୍ୟ ଏ ବିଷୟରେ ଜାଣିଛନ୍ତି, ଯେହେତୁ ସେମାନେ ମଧ୍ୟ ଗ୍ୟାସୋଲିନ୍ ମୂଲ୍ୟ ବୃଦ୍ଧିକୁ ପରିଲକ୍ଷିତ କରୁଛନ୍ତି, ଠିକ୍ ଯେମିତି ପେଣ୍ଟାଗନ୍ ଏହାର ଅସ୍ତ୍ରଶସ୍ତ୍ର, ମିସାଇଲ ଏବଂ ଡ୍ରୋନ୍‌ଗୁଡ଼ିକ ବିଷୟରେ ଗଭୀର ଭାବରେ ଚିନ୍ତା କରୁଛି। ବିଶ୍ୱ ଶକ୍ତି ଚାହିଦାକୁ ଯୁଦ୍ଧର ଶିକାର ହୋଇଥିବା ଜିନିଷରେ ପରିଣତ କରି ଇରାନ୍ ଏବେ ବିଲେଇ ବେକରେ ଘଣ୍ଟି ବାନ୍ଧି ସାରିଛି। ଇତିହାସ ନିରବଚ୍ଛିନ୍ନ ଭାବରେ ଗୋଟିଏ ଶିକ୍ଷା ଦେଇ ଆସିଛି, ଯାହା ହେଉଛି- ଯୁକ୍ତରାଷ୍ଟ୍ର ଆମେରିକା କି ପଶ୍ଚିମ ଏସୀୟ- ଉତ୍ତର ଆଫ୍ରିକୀୟ ଅଞ୍ଚଳଗୁଡ଼ିକରେ ରୁଷୀୟ ହସ୍ତକ୍ଷେପଗୁଡ଼ିକ କେବଳ ଆମେରିକା କି ପାଶ୍ଚାତ୍ୟ ରାଷ୍ଟ୍ରମାନେ ଚାହୁଁ ନଥିବା ଅଳ୍ପ କେତେଜଣ ନେତାଙ୍କ ପରିବର୍ତ୍ତନ ବ୍ୟତୀତ ଆଉ କିଛି ହେଲେ ସ୍ୱାର୍ଥ ହାସଲ କରିବାରେ ସହାୟକ ହୋଇନାହିଁ। ଲିବିୟା, ସିରିଆ, ସୋମାଲିଆ, ଇରାକ୍, ୟେମେନ୍ ସୁଦାନ୍ ହେଉ କି ଆଫଗାନିସ୍ତାନ- ସବୁ ସ୍ଥାନରେ ଯୁଦ୍ଧ ପରେ ଏକ ଅବ୍ୟବସ୍ଥା ସୃଷ୍ଟି ହେବା ହିଁ ସାର ହୋଇଛି, ଯାହାର ପରିଣତି ସାଧାରଣ ମାନବ ଭୋଗିଛନ୍ତି। ସମାନ ଦଶା ଇରାନ୍ ଯୁଦ୍ଧ ପରେ ମଧ୍ୟ ଦେଖିବାକୁ ମିଳିବାର ସମ୍ଭାବନା ଯେ ଅଧିକ, ଏଥିରେ ସନ୍ଦେହ ନାହିଁ। ତେଣୁ ଯୁଦ୍ଧକୁ ବନ୍ଦ କରିବା ପାଇଁ ମେସର୍ସ ଟ୍ରମ୍ପ ଏବଂ ନେତାନ୍ୟାହୁ ଆଗେଇ ଆସିବା ଉଚିତ ଏବଂ ଆଶା କରାଯାଇପାରେ ଏହା ଖୁବ୍ ଶୀଘ୍ର ହେବ।

# ମୃତ୍ୟୁ ଚିନ୍ତା

ପୂର୍ବ କାଳରେ ବାଜଶ୍ରବା ନାମକ ଜଣେ ଋଷି ଥିଲେ। ସେ କଠୋର ତପସ୍ୟା କରିଥିଲେ। ସେ ଥରେ ବିଶ୍ୱଜିତ୍ ଯଜ୍ଞର ଆୟୋଜନ କଲେ। ବିଶ୍ୱଜିତ୍ ଯଜ୍ଞରେ ସର୍ବସ୍ୱ ଦାନ କରିବାକୁ ପଡ଼ିଥାଏ। ତେଣୁ ବାଜଶ୍ରବା ନିଜର ସମସ୍ତ ଧନ ସମ୍ପତ୍ତି ଦାନ କରୁଥିଲେ। ଧନ ପାଇବା ଆଶାରେ ବହୁ ପୁରୋହିତ ତାଙ୍କ ଦରବାରରେ ଭିଡ଼ ଲଗାଇ ଥାଆନ୍ତି। ଦାନ ଦେବା ପରେ ଦକ୍ଷିଣା ଦେବାର ବିଧି ଥାଏ। ତେବେ ବାଜଶ୍ରବା ଋଷି ଦକ୍ଷିଣା ରୂପେ ବୃଦ୍ଧ ଗାଈମାନଙ୍କୁ ପ୍ରଦାନ କଲେ। ଏହା ତାଙ୍କର ପୁଅ ନଚିକେତାର ଆଖିରେ ପଡ଼ିଲା। ସେ ଚିନ୍ତା କଲେ- 'ଯୋଉ ଦାନ ଅନ୍ୟର ଉପକାରରେ ଆସେନାହିଁ, ସେ ଦାନ ଦେଇ କେହି ଦାତା ହୁଅନ୍ତିନି କିମ୍ବା ସେ ଦାନର ଫଳ ମଧ୍ୟ କିଛି ମିଳେନାହିଁ।' ତେଣୁ ବାପାଙ୍କର ଏ କାର୍ଯ୍ୟରେ ନଚିକେତାଙ୍କ ମନ ଦୁଃଖ ହେଲା। ସେ ବାପାଙ୍କୁ ପଚାରିଲେ- 'ବାପା! ଆପଣ ମୋତେ କାହାକୁ ଦେଲେ?' ବାଜଶ୍ରବା ଜାଣି ପାରିଲେ ଯେ ନଚିକେତା ତାଙ୍କ ଦାନରେ ଅସନ୍ତୁଷ୍ଟ ଅଛି। ତେଣୁ ନଚିକେତାଙ୍କ କଥାରେ ଋଷି ଉତ୍ତର ଦେଲେନି। ନିରବ ରହିଲେ। ନଚିକେତା ପୁଣି ସେହି ପ୍ରଶ୍ନ କଲେ। ଏଥର ମଧ୍ୟ ଋଷି ବାଜଶ୍ରବା ନିରବ ରହିଲେ। ନଚିକେତା ବାପାଙ୍କୁ ତୃତୀୟ ଥର ସେହି ପ୍ରଶ୍ନ ପଚାରିଲେ। ବାଜଶ୍ରବା ରାଗିଯାଇ କହିଲେ- 'ତୋତେ ଯମକୁ ଦେଲି।' ତତ୍‌କ୍ଷଣାତ୍ ନଚିକେତା ଉଠିଲେ। ପୁତ୍ର ହିସାବରେ ବାପାଙ୍କ ଧର୍ମ କାମରେ ଲାଗିବେ ବୋଲି ବହୁତ ଖୁସି ଥିଲେ। ବାପା, ମାଆଙ୍କ ମମତାକୁ ଛିଣ୍ଡେଇ ଯମଦେବଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ହେଲେ। ପିତାଙ୍କଠାରୁ ବିଦାୟ ମାଗିଲେ। ଋଷି ବାଜଶ୍ରବାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା। ନଚିକେତା ଯମଙ୍କ ପାଖକୁ କେମିତି ଯିବ? ହେଲେ କ୍ରୋଧରେ କହିଥିବା କଥା ଭାବି ଭାବି ଋଷି ବହୁତ ଦୁଃଖିତ ହେଲେ। ଅନୁତାପ କଲେ। ପୁଅକୁ ଯେତେ ବୁଝାଇଲେ ମଧ୍ୟ ନଚିକେତା କିନ୍ତୁ ନଛୋଡ଼ବନ୍ଧା ଥିଲେ। ନିଜ କର୍ତ୍ତବ୍ୟ ପାଳନରେ ଅଟଳ ଥିଲେ। ବରଂ ବାପାଙ୍କୁ ବୁଝେଇ ଦେଲେ- 'ବାପା! ଆପଣ ନିଜ କର୍ତ୍ତବ୍ୟ ପାଳନ କରନ୍ତୁ। ଆଉ ମୋତେ ପଥଚ୍ୟୁତ କରନ୍ତୁ ନାହିଁ। ଆପଣଙ୍କ କଥା ଅନ୍ୟଥା ହେଲେ ଆପଣଙ୍କ ଯଶରେ କଳଙ୍କ ଲାଗିବ। ଋଷି କୁଳ ନିନ୍ଦିତ ହେବେ। ପିତାଙ୍କ ମୁଖରୁ ବାହାରି ଥିବା କଥା କ'ଣ କେବେ ଅନ୍ୟଥା ହୁଏ? ଆପଣଙ୍କ ଉପଦେଶ ନିଶ୍ଚିତ ଭାବରେ ମୋର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ।'

ପଦାରବିନ୍ଦ

ନଚିକେତା ବିଦାୟ ନେଲେ। ତପସ୍ୟା ଆରମ୍ଭ କଲେ। ତିନିଦିନ ମଧ୍ୟରେ ଯମଙ୍କ ସହିତ ସାକ୍ଷାତ ହେଲା। ଯମ ଦେଖିଲେ କୋମଳମତି ବାଳକ ତପସ୍ୟାରତ। ତପସ୍ୟାର କାରଣ ଜାଣିବାକୁ ଚାହିଁଲେ ଯମରାଜ। ବର ମାଗିବାକୁ କହିଲେ। ନଚିକେତା ବିନୟତାର ସହିତ କହିଲେ- 'ମର୍ତ୍ତ୍ୟମଣ୍ଡଳରେ ମୋତେ ମୃତ୍ୟୁ ସମ୍ପର୍କରେ ଜ୍ଞାନ ଦିଅନ୍ତୁ।' ଯମ ଭାବିଲେ ଏ ତ ବାଳକ। ମୃତ୍ୟୁ ସମ୍ପର୍କରେ କ'ଣ ଜାଣିବ? ତେଣୁ ନଚିକେତାଙ୍କୁ ରାଜ୍ୟ, ସୁଖ, ସମ୍ପଦ, ବୈଭବ, ରମଣୀ ଇତ୍ୟାଦି ପ୍ରଦାନ କରିବାକୁ ରାଜି ହୋଇଗଲେ। ନଚିକେତା କିନ୍ତୁ ମୃତ୍ୟୁ ବିଦ୍ୟା ହାସଲ ଉଦ୍ଦେଶ୍ୟରେ ଅଟଳ ଥିଲେ। ପୁଣି ଯମରାଜା ତାଙ୍କୁ ଆୟୁଷ ପ୍ରଦାନ କରିବାକୁ ଇଚ୍ଛାକଲେ। ତଥାପି ନଚିକେତା ନିଜ ଜିଦ୍‌ରେ ଅଟଳ ଥିଲେ। କହିଲେ- 'ଆପଣ ଯମ ଦେବତା। କାଳର ଅନ୍ୟ ଏକ ରୂପ। ଯାହା ମୋତେ ଯାଚୁଛନ୍ତି, ସେସବୁକୁ ପୁଣି କାଳ ହୋଇ ଆପଣ ହରଣ କରିନେବେ। ତେଣୁ ଏସବୁ ପାର୍ଥିବ ପଦାର୍ଥରେ ମୁଁ ଅଶାୟୀ ନୁହେଁ। ମୋତେ ମୃତ୍ୟୁ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରନ୍ତୁ।' ଯମ ଦେବତା ଖୁସିରେ ଏ ଜ୍ଞାନ ପ୍ରଦାନ କଲେ।

ସଂସାରରେ ରହିଲେ ମଧ୍ୟ ଆମକୁ ଦିନେ ନା ଦିନେ ବିଦାୟ ନେବାକୁ ହେବ। ତେଣୁ ଉପନିଷଦରେ ଋଷିମାନେ ମୃତ୍ୟୁ ଚିନ୍ତାକୁ ଗୁରୁତ୍ୱ ଦେଇ ସଠିକ୍ ମାର୍ଗରେ ଚାଲିବାକୁ ଆମକୁ ବାରମ୍ବାର ଚେତନା ଦେଇଛନ୍ତି। ତା'ମାନେ ନୁହେଁ ଯେ ମୃତ୍ୟୁ ଚିନ୍ତାକରି ପଙ୍ଗୁ ପରି ବସି ପଡ଼ିବା। ମୃତ୍ୟୁ ଚିନ୍ତା ଅନ୍ୟାୟ ଅନୀତି କରିବାରେ ବାଧା ଦିଏ।

# ପର୍ଦ୍ଦାଫାସ୍



ରାଧାଶ୍ୟାମ ରାଉଳ

ହେତୁ ପାଇବା ଦିନଠୁ ମୁଁ ଜଗତକୁ ବୁଝିଲି; ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦେଖିଲି, ଜାଣିଲି। ଜୀବନ ସଂଗ୍ରାମକୁ ଅତି ସାହସର ସହିତ ଯୁଝି ଜିଇଁ ରହିବାର ଆଦବ କାଇଦା ମଧ୍ୟ ଶିଖିଲି। ପରବର୍ତ୍ତୀ ସମୟରେ 'ବୃତ୍ତିରେ ପୋଷଇ କୁଟୁମ୍ବ' ନୀତିକୁ ଆପଣେଇ ନେବା ପରେ ଜଣେ ଲେଖକର ପରିଚୟ ନେଇ ଜୀବନ ଯାତ୍ରା ପଥରେ ଆଗକୁ ବଢ଼ିବାର ସଂକଳ୍ପ ନେବା ହୁଏତ ମୋ ପାଇଁ ଏତେଟା ସହଜ ନଥିଲା ମୋ ପକ୍ଷରେ। କିନ୍ତୁ ଦିନେ ଅତି ଅପ୍ରତ୍ୟାଶିତ ଭାବରେ ପ୍ରବୀଣ ସାହିତ୍ୟିକ ଚିତ୍ରସେନ ଅଗସ୍ତିଙ୍କର ମୋ ପ୍ରତି ମାଖନବୋଳା ପ୍ରୀତି ମୋତେ ଲାଗିଲା କେମିତି କେମିତି! ତଥାପି ଭାବି ଦେଖିଲି, ଏ ଅଗସ୍ତି ମହାଶୟଙ୍କର କଥାବାର୍ତ୍ତା ତ ବେଶ୍ ମାର୍ଜିତ, ବ୍ୟବହାର ତ ଅତି ସୁନ୍ଦର, ସୁସଂହତ। ଅତଏବ, ଧରାଯାଉ, ମନେ କରାଯାଉ, ମହାଶୟ ଜଣେ ଭଦ୍ରଲୋକ। ୟା ବାଦେ ମେନ୍ କଥା ହେଲା, ଆଜିର ଛଳନା ଓ ପ୍ରବଞ୍ଚନାପୂର୍ଣ୍ଣ ସମୟ ଓ ସମାଜରେ ନିନ୍ଦୁକ, ସମାଲୋଚକମାନେ ଅନାୟାସରେ ମିଳି ଯାଉଥିବା ସ୍ଥଳେ ସ୍ତାବକ, ପ୍ରଶଂସକ ମିଳିବା ବଡ଼ ମୁସ୍କିଲ୍ ବ୍ୟାପାର ଯେତେବେଳେ, ଠିକ୍ ସେଇ ଘଡ଼ିସନ୍ଧି ସମୟରେ ମିଷ୍ଟର୍ ଚିତ୍ରସେନ ଅଗସ୍ତି ମୋ ସୃଜନଶୀଳତାର ଭୂୟସୀ ପ୍ରଶଂସା କରିବା କିଛି କମ୍ କଥା ନୁହେଁ। ତେବେ ତାଙ୍କ ପ୍ରଶଂସା ପରତେ ଯିବା ନିହାତି ଦର୍କାର ବୋଲି ମୁଁ ଆପାତତଃ ବୁଝିଗଲି।

ମନେ ପକେଇବାକୁ ଚେଷ୍ଟା କରୁଥିଲି ମିଷ୍ଟର ଅଗସ୍ତିଙ୍କ ସହ ଭାବ ଯୋଡ଼ିବା ସମ୍ଭବ ହେଲା କେମିତି? ହଁ, ମନେ ପଡ଼ିଲା ଦିନକର କଥା। କୌଣସି ଗୌରଚନ୍ଦ୍ରିକା ନରଖି ନିଜର ସ୍ୱଭାବ ସୁଲଭ ଢଙ୍ଗରେ ମିଷ୍ଟର ଅଗସ୍ତି ମୋର ଅତି ନିକଟକୁ ଆସି ମୋତେ ଆହିସ୍ତା ଆହିସ୍ତା କହିଲେ, 'ଆଜ୍ଞା ନମସ୍କାର। ମୁଁ ଚିତ୍ରସେନ ଅଗସ୍ତି। ସମ୍ବାଦପତ୍ରରୁ ଆପଣଙ୍କର 'ଦେଖା ହେଲେ କହିବି' ସ୍ତମ୍ଭ ରଚନା ପଢ଼ିସାରି ମୁଁ ଆପଣଙ୍କର ମୋବାଇଲ୍ ଫୋନକୁ କଲ୍ କରି ଆପଣଙ୍କର ଏଭଳି ଚମତ୍କାର ଲେଖାକୁ ତାରିଫ୍ କରିବା ସହ ଆପଣଙ୍କର ସାଧନା ପଥ ସର୍ବଦା କୁସୁମିତ ହେଉ ବୋଲି ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲି। କ'ଣ ଏସବୁ ଘଟଣାକୁ ଏତେ ଶୀଘ୍ର ଭୁଲିଗଲେ ଆପଣ?'

ମୁଁ ତାଙ୍କୁ ସେଦିନ କହିଥିଲି, 'ଆପଣଙ୍କର ଏ ବହୁମୂଲ୍ୟବାନ ଶୁଭେଚ୍ଛା ବାର୍ତ୍ତାକୁ ସମ୍ବଳ କରି ମୋ ଲେଖାଲେଖି କ୍ଷେତ୍ରରେ ଆଗକୁ ବଢ଼ିବାର ପ୍ରୟାସ କରିବି ଆଜ୍ଞା। ରହୁଛି। ନମସ୍କାର।' ମୋର ନମ୍ର ସ୍ୱଭାବ, ବିନୟୀ ଭାବକୁ ଅତି ନିକଟରୁ ଦେଖି ଚିତ୍ରସେନବାବୁ ମୋ ପିଠିକୁ ଥାପୁଡ଼େଇ ଦେଇ କହିଲେ, 'ନିରଳସ ସାଧନା ଜାରି ରଖି ଯଶସ୍ୱୀ ହୁଅ ଶ୍ରଦ୍ଧେୟ ସାନଭାଇ। ମୋ ସଦିଚ୍ଛା, ଶୁଭେଚ୍ଛା ରହିଛି, ରହିଥିବ ମଧ୍ୟ ସବୁବେଳେ ତୁମ ପାଇଁ।'

ଚିତ୍ରସେନବାବୁଙ୍କ ମୁହଁରୁ 'ଶ୍ରଦ୍ଧେୟ ସାନଭାଇ' ଶୁଣି ଯଦିଓ ଆଶ୍ଚର୍ଯ୍ୟ ହେଲି, ତଥାପି ପରିସ୍ଥିତିକୁ ଅତି ବିଜ୍ଞତାର ସହ ବିଶ୍ଳେଷଣ କରି ବସ୍ତୁତଃ କିଛି କ୍ଷଣ ନିରବ ରହିବାକୁ ଉଚିତ ମନେ କଲି। ଅତଃପର ସ୍ମିତହସି କହିଲି, 'ଆହା, ଅହୋଭାଗ୍ୟ ମୋର। ମୁଁ ଆପଣଙ୍କର ସ୍ନେହର ସାନଭାଇ ଆଉ ଆପଣ ମୋର ସମ୍ମାନନୀୟ ବଡ଼ଭାଇ! ଅତଏବ, ଆପଣଙ୍କୁ ପୁନଃ କରୁଛି ନମସ୍କାର ଓ ଜଣାଉଛି ବିଶେଷ ଧନ୍ୟବାଦ।'

ମୋ କଥା ଶୁଣି ଚିତ୍ରସେନବାବୁ ନିଜର ଖୁସି ବ୍ୟକ୍ତ କରି କହିଲେ, 'ସାବାସ୍ ସାନଭାଇ, ଆଗକୁ ମାଡ଼ିଚାଲ।'

ସୁଧୀବୃନ୍ଦ, ସମୟର ଗତି ହେଉଛି ଜୀବନର ଗତି। ସମୟର ଗତି ସହ ତାଳ ଦେଇ ଜୀବନର ଗତି ବି ଆଗକୁ ବଢ଼ୁଛି। କିଛି ମାସର ବ୍ୟବଧାନ ପରେ ଏକ ବିଶ୍ୱସ୍ତ ସୂତ୍ରରୁ ମୋତେ ଅବଶ୍ୟ ଖବର ମିଳିଲା ଯେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ପ୍ରାଚୀନରୁ ନବୀନ ପିଢ଼ି ପର୍ଯ୍ୟନ୍ତ ନିର୍ବାଚିତ ପଚାଶ ଜଣ ବ୍ୟଙ୍ଗ ଲେଖକଙ୍କ ପରିଚିତି, କୃତୀ, ସ୍ୱୀକୃତି ସମ୍ପର୍କରେ ସବିଶେଷ ତଥ୍ୟ ସମ୍ବଳିତ ପୁସ୍ତକ ଚିତ୍ରସେନବାବୁଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି, ଯେଉଁ ପୁସ୍ତକରେ ଜଣେ ବ୍ୟଙ୍ଗ ଲେଖକ ହିସାବରେ ମୋତେ ସ୍ଥାନ ଦିଆଯାଇ ନାହିଁ!

ଏଭଳି ମର୍ମଭେଦୀ ତଥା ବେଦନାଦାୟକ ଖବର ଜାଣିବା ପରେ ଯଦିଓ ମାତ୍ରାଧିକ ମ୍ରିୟମାଣ ହେଲିନାହିଁ, ତଥାପି ବିଦ୍ରୋହୀ ମନ ନେଇ ମୋବାଇଲ ଫୋନରେ ଚିତ୍ରସେନବାବୁଙ୍କୁ ସିଧାସଳଖ ପ୍ରଶ୍ନ କଲି, 'ନମସ୍କାର ବଡ଼ଭାଇ, ଆପଣଙ୍କୁ ଭାବିଥିଲି ଆପଣ ମୋ ପାଇଁ ଆଦର୍ଶ, ମୋ ପ୍ରେରଣାର ଉତ୍ସ। ହେଲେ ଆପଣଙ୍କର ଏ କି ଅବିଚାର? ମୂଳ ହାଣିବାକୁ ବସିଛନ୍ତି ମୋତେ ଗଛରେ ଚଢ଼େଇ ଦେଇ?'

ମୋର ଏମନ୍ତ ଆକ୍ରମଣାତ୍ମକ ସଂଳାପ ଶ୍ରବଣାନ୍ତେ ସେ ସାମାନ୍ୟ ହଡ଼ବଡ଼େଇ ଗଲେ। ଅତଃପର ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ଆରେ ତୁମେ କ'ଣ କହୁଛ, ମୁଁ କିଛି ବୁଝି ପାରୁନାହିଁ ହୋ ସାନଭାଇ! କଥାଟିକୁ ଖୋଲିକିନା କହୁନ, କ'ଣ ହେଇଛି?' ମୁଁ ତ୍ୱରିତେ କହିଲି, 'ହୁଁ, ଲୁଚିଛି ନା ଗୋଡ଼ ଦିଇଟା ଦିଶୁଛି! କ'ଣ ହେଇଛି, ଜମାରୁ ଜାଣିପାରୁ ନାହାନ୍ତି, ନାଇଁ? ତେବେ ଭଲକିନା ଜାଣନ୍ତୁ, କାନ ଖୋଲି ଶୁଣନ୍ତୁ। ଦୀର୍ଘ ତିନି ଦଶନ୍ଧି ଧରି ମୁଁ ବ୍ୟଙ୍ଗଗଳ୍ପ ଓ ରମ୍ୟ ରଚନା ଲେଖି ଆସୁଛି। ମୋ ଲେଖା ପାଇଁ ମଧ୍ୟ ଯଥେଷ୍ଟ ପାଠକୀୟ ଆଦୃତି ଓ ସ୍ୱୀକୃତି ପାଇ ଆସିଛି। ଆପଣଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପଚାଶ ଜଣ ବ୍ୟଙ୍ଗ ସାହିତ୍ୟିକଙ୍କ ନାମ, ପରିଚୟ ଓ ପ୍ରତ୍ୟେକଙ୍କର ଗୋଟିଏ ଲେଖାଏଁ ଲେଖାକୁ ନେଇ ସଂକଳନଟିଏ ପ୍ରସ୍ତୁତ କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କଲେ। ହେଲେ ଆପଣ ଆପଣଙ୍କର ଦାୟିତ୍ୱକୁ ଠିକ୍ ଭାବରେ ନିର୍ବାହ ନ କରି ଆପଣଙ୍କର ମନ ମର୍ଜିରେ ଆପଣ ଯେଉଁମାନଙ୍କୁ ଚାହିଁଲେ, ଛଳ ଛଦ୍ମ କରି ସେମାନଙ୍କର ସଂଖ୍ୟା ପଚାଶ କରିଦେଲେ! ହାତଗଣତି କୋଡ଼ିଏ ପଚିଶ ପ୍ରବୀଣ ଲେଖକଙ୍କ ସହିତ ଏବେ ନୂଆ ନୂଆ ଲେଖୁଥିବା କେତେ ଜଣଙ୍କୁ ମଧ୍ୟ ତାଲିକାଭୁକ୍ତ କରିଦେଲେ? ଅଥଚ ଆଶ୍ଚର୍ଯ୍ୟ, ମୁଁ ଦୀର୍ଘ ବର୍ଷ ଧରି ଲେଖି ଆସୁଥିଲେ ବି ମୋତେ ଆପଣଙ୍କର ମନ ପସନ୍ଦ ତାଲିକାରୁ ବାଦ୍ କରିଦେଲେ? ଆପଣ ବିଚାରକ ଆସନରେ ଥାଇ ମୋ ପ୍ରତି ଯେଉଁଭଳି ଭାବରେ ଅନ୍ୟାୟ ଓ ଅବିଚାର କଲେ, ଆପଣଙ୍କୁ କେବେ ବି ଧର୍ମ ସହିବ ନାହିଁ। ଛି, ଆପଣ ଅହଂସର୍ବସ୍ୱ ହୋଇ ଏତେ ନିମ୍ନ ସ୍ତରକୁ ଖସିଗଲେ?'



ମୋର କ୍ରୋଧ, ଅସନ୍ତୋଷ, ଅବସୋସ ଓ ବିଦ୍ରୋହର ଫେଣ୍ଟାଫେଣ୍ଟି ସଂଳାପରେ ଚିତ୍ରସେନ ବାବୁ ଛାନିଆମାନିଆ ହୋଇ ତରକି ପଡ଼ିଲେ। ହେଲେ ନିଲଠାପଣରେ ପୋଖତ ସେ। ତେଣୁ ସେ ତାଙ୍କର ସ୍ୱଭାବସୁଲଭ ଶୈଳୀରେ ନିଜ ସପକ୍ଷରେ ଯୁକ୍ତି ବାଢ଼ି କହିଲେ, 'ଶୁଣ ସାନଭାଇ, ଏ କ୍ଷେତ୍ରରେ ନିରପେକ୍ଷ ଚୟନ ମୁଁ କରିଛି। ଅର୍ଥାତ୍ ଯେ ଏଥିପାଇଁ ଯୋଗ୍ୟ, ହକଦାର, ତାଙ୍କୁ ମୁଁ ଅବଶ୍ୟ ମୋ ତାଲିକାଭୁକ୍ତ କରିଛି। ୟାର ଅର୍ଥ ନୁହେଁ ଯେ ତୁମେ ଯୋଗ୍ୟ କି ହକଦାର୍ ନୁହଁ ଏଥିପାଇଁ। ତେବେ ଊଣେଇଶ୍ ବିଶ୍ ପରି ମାମଲା ଇଏ। ଯେମିତି ସୁନାରେ ଚବିଶ କ୍ୟାରେଟ୍ ଆଉ ବାଇଶି କ୍ୟାରେଟ୍! ଅସଲ କଥା ହେଲା, ତୁମ ଲେଖାରେ ବ୍ୟଙ୍ଗର ଭାଗ ମାତ୍ରା ଟିକେ କମ୍ ରହୁଛି। ଅର୍ଥାତ୍ ବିଶ୍ ନହୋଇ ଊଣେଇଶ୍; ଚବିଶ କ୍ୟାରେଟ୍ ନ ହୋଇ ବାଇଶି କ୍ୟାରେଟ୍। ସେଇ ଜାଗାରେ କେଁ ରହିବାରୁ ମୁଁ ତୁମକୁ ମୋ ତାଲିକା ଭିତରେ ରଖି ପାରିଲି ନାହିଁ। ହଁ ଆଉ ଗୋଟେ ଶୁଭ ସୂଚନା ଅବଶ୍ୟ ତୁମ ପାଇଁ। ଯେହେତୁ ମୋ ଦୃଷ୍ଟିରେ ତୁମ ଲେଖାଗୁଡ଼ିକ ସମ୍ପୂର୍ଣ୍ଣ ରମ୍ୟଭିତ୍ତିକ, ଅର୍ଥାତ୍ ରମ୍ୟ ରଚନା ଲେଖିବାରେ ତୁମେ ବେଶ୍ ସିଦ୍ଧହସ୍ତ, ଅତଏବ ସେ କ୍ଷେତ୍ରରେ ଊଣେଇଶ୍ ନୁହେଁ ବିଶ୍, ବାଇଶ୍ କ୍ୟାରେଟ୍ ନୁହେଁ, ଚବିଶ କ୍ୟାରେଟ୍ ତୁମର ପ୍ରାୟ ପ୍ରତ୍ୟେକ ରମ୍ୟ ଲେଖାର ଆବେଦନ। ହଁ ଜାଣିରଖ, ଆଗକୁ ମୋ ସମ୍ପାଦନାରେ ରମ୍ୟ ରଚନା ଲେଖୁଥିବା ପଚାଶ ଜଣ ଲେଖକଙ୍କୁ ନେଇ ଏକ ସଂକଳନ ଅତିଶୀଘ୍ର ସମ୍ପାଦିତ ହେବ। ସେ ସଂକଳନରେ ଅଗ୍ରାଧିକାର ଭିତ୍ତିରେ ମୁଁ ତୁମକୁ ସ୍ଥାନ ଦେବି ନିଶ୍ଚୟ। ଠିକ୍ ଅଛି?'

ଚିତ୍ରସେନବାବୁଙ୍କର ଚିକ୍କଣ କଥାରେ ସହଜରେ ଭଳିଯିବା ଲୋକ ମୁଁ ନୁହେଁ କିମ୍ବା ତାଙ୍କ ପ୍ରଲୋଭନର ଥୋପ ଗିଳିଦେଇ ତାଙ୍କର ଶିକାର ହେବା ଜୀବ ମୁଁ ନୁହେଁ। ତେଣୁ ବେଶ୍ ଦମ୍ଭର ସହିତ ତାଙ୍କୁ ରୋକ୍‌ଠୋକ୍ ଶୁଣେଇଲି, 'ବାସ୍, ବହୁତ ହୋଇଗଲା, ଆଉ ନୁହେଁ। ଆପଣଙ୍କର ଦୟା, ଦରଦ, ଅନୁଗ୍ରହ ମୁଁ ଚାହୁଁନାହିଁ। ଆପଣ ଆପଣଙ୍କ ରାସ୍ତାରେ, ମୁଁ ମୋ ରାସ୍ତାରେ ରହିବା ଉଚିତ। ସାରୁ ଭିତରେ ମାରୁ ପରି ଆପଣ ଯେ ଭଦ୍ରମୁଖା ଭଦ୍ରଲୋକ ବଦଳରେ ଜଣେ ପୋଖତ ପ୍ରତାରକ, ଏ ସମ୍ବାଦ ସଂଚାରିବାର କାମ ମୋର। ଅର୍ଥାତ୍ ପର୍ଦ୍ଦାଫାସ୍।'

ଅତଃପର ଚିତ୍ରସେନବାବୁ କିଛି କହିବା ପୂର୍ବରୁ ମୋ ପଟୁ ମୁଁ ଫୋନ୍ ସଂଯୋଗ କାଟିଦେଲି।

ମୋ: ୯୪୩୭୦୯୦୯୮୫
rsroul1966@ gmail. com

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ଚକା ଲିକ୍ ହେବାରୁ ଧରାପଡ଼ିଲା

# କାର୍ ଭିତରୁ ୫ ଗୋରୁ ଉଦ୍ଧାର, ଗୋଟିଏ ମୃତ

**ଧାମନଗର,୧୧।୩/ଏନ୍ଏନ୍ଏସ୍:** ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ଡିଲୋ ନିକଟରେ ଆଜି ସକାଳେ ଏକ କାରରୁ ୫ଟି ଗୋରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ମୃତ୍ୟୁବରଣ କରିଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋରୁ ଚାଲାଣ କରୁଥିବା କାର୍ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଏକ କାର୍ (ଡବ୍ଲ୍ୟୁବି. ୪୦ ଆର୍.-୬୬୩୫) ଭଦ୍ରକ ଆଡ଼କୁ ଯାଉଥିବା ବେଳେ ହଠାତ୍ ଡିଲୋ ନିକଟରେ ଏହାର ଚକା ଲିକ୍ ହୋଇଯାଇଥିଲା। ଡ୍ରାଇଭର ଚକା ବଦଳାଇବା ପାଇଁ ଗାଡ଼ି ରଖିଥିବା ବେଳେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଥିଲେ।



ଲୋକଙ୍କୁ ଦେଖି ଡ୍ରାଇଭର ସେଠାରୁ ଚମ୍ପଟ ମାରିଥିଲା। ଉପସ୍ଥିତ ଲୋକେ ଗାଡ଼ିର ପଛ ସିଟ୍ ଓ ଡିକି ଯାଞ୍ଚ କରିବାରୁ ଭିତରେ ଗୁଞ୍ଜା ହୋଇ ରହିଥିବା ୫ଟି ଗୋରୁଙ୍କୁ ଦେଖିବାକୁ ପାଇଥିଲେ। ଦୁର୍ଭାଗ୍ୟବଶତଃ ସେଥିମଧ୍ୟରୁ ଗୋଟିଏ ଗାଈର ମୃତ୍ୟୁ ହୋଇସାରିଥିଲା। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜୀବିତ ଥିବା ୪ଟି ଗୋରୁଙ୍କୁ ଉଦ୍ଧାର କରି ଅସୁରାଳିସ୍ଥିତ 'ଗିରି ଗୋବର୍ଦ୍ଧନ ଗୋଶାଳା'ରେ ଛାଡ଼ିଛନ୍ତି। ଏନେଇ ଧୂଷୁରୀ ଥାନାରେ କେସ୍ ନଂ-୧୨୧/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଏ.ଏସ୍.ଆଇ. ବୁଦ୍ଧିରାମ ହାଁସଦାଙ୍କୁ ତଦନ୍ତଭାର ଦିଆଯାଇଥିବା ବେଳେ ଗୋରୁ ଚାଲାଣରେ ବ୍ୟବହୃତ କାର୍‌କୁ ପୁଲିସ ଜବତ କରିଛି। ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକମାନେ କାର୍‌କୁ କେତେକାଂଶରେ ଭଙ୍ଗାରୁଜା କରିବା ସହ ରାସ୍ତା ତଳକୁ ଗଡ଼ାଇ ଦେଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ସୋର,୧୧।୩/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଚକବାରାହାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଜୟ ଚନ୍ଦ୍ର ମହାନ୍ତିଙ୍କ ଧର୍ମପତ୍ନୀ ସୁଷମା ମହାନ୍ତିଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ଭୋର ପ୍ରାୟ ୫ଟା ସମୟରେ ସୁଷମା ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏବଂ କିଛି ସମୟ ମଧ୍ୟରେ ତାଙ୍କର ବିୟୋଗ ଘଟିଥିଲା। ସେ ଜଣେ ଅତ୍ୟନ୍ତ ଦୟାଳୁ, ଧର୍ମପରାୟଣ ଓ ମିଷ୍ଟଭାଷୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସୋର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ଏକମାତ୍ର ପୁତ୍ର ଲୋହିତ ଲପଙ୍ଗ ମହାନ୍ତି ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।

## ବିଶ୍ୱ ଗ୍ଲୁକୋମା ଦିବସ ପାଳିତ

**ବାଲେଶ୍ୱର,୧୧।୩/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଗ୍ଲୁକୋମା ଦିବସ - ୨୦୨୬ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ରକ୍ତଚାପ ଏବଂ ଆଖିର ମାତ୍ରାଧିକ ଚାପ ଉପରେ ଗଭୀର ଆଲୋକପାତ କରିଥିଲେ। ଏହାର କୌଣସି ଲକ୍ଷଣ ପ୍ରକାଶ ନ ଥାଇ ଅନ୍ଧ କରିଦେଇଥାଏ। ଏଣୁ ସମସ୍ତେ ୪୦ ବର୍ଷ ଉପରେ ଥିବା ଜନ ସାଧାରଣ ନିୟମିତ ଆଖି ନିକଟସ୍ଥ ଚିକିତ୍ସା କେନ୍ଦ୍ର ମାନଙ୍କରେ ପରୀକ୍ଷା



ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ହୋଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଶ୍ୱ ଗ୍ଲୁକୋମା ଦିବସର ବିଷୟବସ୍ତୁ - ଗ୍ଲୁକୋମା ମୁକ୍ତ ବିଶ୍ୱ ପାଇଁ ଏକାଠି ହେବା। ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନ ରତ ଛାତ୍ରୀମାନେ,ମନୋଜ କୁମାର ଦାସ, ତାଲିମ୍ କେନ୍ଦ୍ରର ଟିଉଟର ମାଡ଼ାମ ମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ କଳାମୋତିଆର କାରଣଗୁଡ଼ିକ ଯଥା ବାର୍ଦ୍ଧକ୍ୟ, ସମୀପ ଦୃଷ୍ଟିଦୋଷ, ଦୀର୍ଘ ମିଆଦି ଷ୍ଟିରଏଡ ଚିକିତ୍ସା, ବଂଶଗତ, ଡାଇବେଟିସ୍, ଉଚ୍ଚ କରାଇବା ଉଚିତ। ମୁଖ୍ୟବକ୍ତା ଭାବେ ଡ଼ାକ୍ତର ବିକାଶ ରଞ୍ଜନ ନାୟକ (ଚକ୍ଷୁ ବିଶେଷଜ୍ଞ) ଅଭିଭାଷଣରେ କହିଥିଲେ ଯେ ସମଗ୍ର ବିଶ୍ୱରେ ୭୮ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ଓ ଏହା ଆରୋଗ୍ୟ ସାଧ ନୁହେଁ, ଏଣୁ ସମସ୍ତେ ନିୟମିତ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଡାକ୍ତର ମନୋଜ ସାହୁ ଭିଟାମିନ (କ) ଯୁକ୍ତ ଖାଦ୍ୟ ଖାଇବା ଉପରେ ମତ ପ୍ରକାଶ କରିଥିଲେ। ସଭାରେ ଡାକ୍ତର ପ୍ରଦୀପ କର (ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ), ଡାକ୍ତର ସଞ୍ଜୀବ କୁମାର ପ୍ରଧାନ କଳାମୋତିଆ ଉପରେ ମତବ୍ୟକ୍ତ କରିଥିଲେ। ସଭା ଶେଷରେ କଳାମୋତିଆ ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଡାକ୍ତର ସୁଜିତ୍ କୁମାର ମହାପାତ୍ର (ବରିଷ୍ଠ ଚକ୍ଷୁ ବିଶେଷଜ୍ଞ)ଙ୍କ ପରିଚାଳନାରେ ହୋଇଥିଲା। ଶେଷରେ ପ୍ରଦୀପ କୁମାର ସାହୁ (ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ) ଧନ୍ୟବାଦ୍ ଦେଇଥିଲେ।

## ଓଡିଶା ଫଟୋଗ୍ରାଫର ସଂଘ ପକ୍ଷରୁ ସ୍ମୃତିସଭା

**ଖଇରା,୧୧।୩/ଏନ୍ଏନ୍ଏସ୍:** ଖଇରା ଓ ଔପଦା ଅଞ୍ଚଳର ଜଣାଶୁଣା ଫଟୋଗ୍ରାଫର ପ୍ରାଥଞ୍ଜୟ ବାରିକଙ୍କ ବିୟୋଗରେ ଏକ ସ୍ମୃତିସଭା କୁରୁଣ୍ଡା ପଞ୍ଚାୟତ ଅଧୀନ ମରିପୁର ଖଇରା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସଂଘର ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଖଇରା ଔପଦା ସଂଘ ଶାଖାର ସଭାପତି ରୋହିତ କୁମାର ରାଉତ,ସମ୍ପାଦକ ରଞ୍ଜନ କୁମାର ବେହେରା ପ୍ରମୁଖ ସ୍ମୃତିସଭାରେ ଉପସ୍ଥିତ ରହି ସ୍ୱର୍ଗତ ବାରିକଙ୍କ କର୍ମନିପୁଣତା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ଶେଷରେ ରାଜ୍ୟ ତଥା ଖଇରା-ଔପଦା ସଂଘ ତରଫରୁ ମିଳିତ ଭାବେ ୪୦ହଜାର ଟଙ୍କାର ଆର୍ଥିକ ସହାୟତା ଶୋକସନ୍ତପ୍ତ ପରିବାରକୁ ପ୍ରଦାନ କରାଯାଇଥିଲା।

## ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

**କେନ୍ଦୁଝର,୧୧।୩/ଏନ୍ଏନ୍ଏସ୍:** ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ, କେନ୍ଦୁଝର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ସଦର ମହକୁମାସ୍ଥ ରୋଟାରୀ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ଦିନମଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲାରୁ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀ ଯୋଗଦାନ କରିଥିଲେ। ସଭାରେ ବରିଷ୍ଠ ଡାକ ଅଧିକାରୀ ରବିନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ନିର୍ମଳେନ୍ଦୁ ଗୁପ୍ତା ମୁଖ୍ୟବକ୍ତା ଏବଂ ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ରବିନ୍ଦ୍ର ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଅବସରପ୍ରାପ୍ତ ପେନସନଭୋଗୀଙ୍କ ବିଭିନ୍ନ ସମସ୍ୟାର ସମାଧାନ, ଅବସରକାଳ ମଧ୍ୟରେ ସମନ୍ୱୟ



ରକ୍ଷା, ସାମାଜିକ ସେବାରେ ନିଜକୁ ନିୟୋଜିତ କରିବା ଏବଂ ସଂଘ ସଂଗଠନକୁ ବଳିଷ୍ଠ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଆଗାମୀ ଦୁଇବର୍ଷ (୨୦୨୬-୨୦୨୮) ପାଇଁ ସର୍ବସମ୍ମତି କ୍ରମେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। କୃପାସିନ୍ଧୁ ଗିରି ସଭାପତି, ଖଗେଶ୍ୱର ମହାନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ଏଚ୍.ବି. ସେଠୀ, ଦିନମଣି ନାୟକ, ରଙ୍କନାଥ ଦାସ, ଭାଗିରଥି ନାଏକ, ଜୟରାମ ମୁଣ୍ଡା, ସରୋଜ କୁମାର ନାୟକ, ସହ ସମ୍ପାଦକ ଭାବେ ଶରତ ଚନ୍ଦ୍ର ପାତ୍ର, ଗୋବିନ୍ଦ ଚନ୍ଦ୍ର ଦାସ, ଡମ୍ବରୁଧର ନାୟକ, ଭଗବାନ ନାଏକ, ନବକିଶୋର ସିଂ, ରଙ୍ଗାଧର ନାଏକ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମାତାରାମ ମୁଣ୍ଡା, ରଘୁନାଥ ଟୁଡ୍ଡୁ, ବୈଷ୍ଣବ ମହାନ୍ତ, ମନମୋହନ ନାଏକ, ମୁକୁନ୍ଦ ଚରଣ ମହାନ୍ତ, ବସନ୍ତ କୁମାର ନାୟକ, କ୍ଷେତ୍ରବାସୀ ନାଏକ ଓ ହିସାବ ରକ୍ଷକ ଭାବେ ରତ୍ନାକର ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଭାସ୍କର ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ସେଠୀ, ଗୋପିନାଥ ମଲ୍ଲିକ, ରବିନ୍ଦ୍ର ନାଥ ନାଏକ, ଶଙ୍କର୍ଷଣ ମହାପାତ୍ର ଓ କୀର୍ତ୍ତିଚନ୍ଦ୍ର ଦାସଙ୍କୁ ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଛି। ସଭା ପରିଚାଳନାରେ ଭଗବାନ ନାଏକ, ସରୋଜ କୁମାର ନାୟକ, ରଙ୍ଗାଧର ନାଏକ, ଗୋବିନ୍ଦ ଚନ୍ଦ୍ର ଦାସ, ନବକିଶୋର ସିଂ ସହଯୋଗ କରିଥିବା ବେଳେ କୀର୍ତ୍ତିଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ଉପସଭାପତି ଖଗେଶ୍ୱର ମହାନ୍ତ ସଭା ସଂଯୋଜନା କରିଥିବା ବେଳେ ଶେଷରେ ସହ ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦାବି ପୂରଣ ନହେଲେ ଏପ୍ରିଲରେ 'ରେଳ ରୋକ': ନାଗରିକ ମଞ୍ଚ




**ସୋର,୧୧।୩/ଏନ୍ଏନ୍ଏସ୍:** ସୋର ଷ୍ଟେସନରେ ଦାବି ପୂରଣ ନହେଲେ ଆସନ୍ତା ଏପ୍ରିଲ ମାସର ପ୍ରଥମ ସପ୍ତାହରେ 'ରେଳ ରୋକ' ଭଳି ଚରମ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୋର ନାଗରିକ ମଞ୍ଚ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଦକ୍ଷିଣ ପୂର୍ବ ରେଳ ବିଭାଗ ଅଧିକାରୀଙ୍କ ଲଗାତାର ଅବହେଳା ଓ ସୋର ଷ୍ଟେସନର ବିକାଶ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ବିରୋଧ କରି ମଞ୍ଚ ପକ୍ଷରୁ ଆୟୋଜିତ ତିନିଦିନିଆ ଗଣଧାରଣା ଆଜି ସଫଳତାର ସହ ଶେଷ ହୋଇଛି। ଷ୍ଟେସନ ସମ୍ମୁଖରେ ଆୟୋଜିତ ଏହି ଆନ୍ଦୋଳନରେ ସୋରର ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ, ବିଭିନ୍ନ ରାଜନୈତିକ ଦଳ ଯଥା- ଜାତୀୟ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ପ୍ରଜାପିତା ବ୍ରହ୍ମକୁମାରୀ ସଂଗଠନ, ଜିଲ୍ଲା ପରିଷଦ ସଦସ୍ୟ ତଥା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନକାରୀମାନଙ୍କ ମୁଖ୍ୟ ଦାବି ମଧ୍ୟରେ ବାଲେଶ୍ୱର, ଚେନ୍ନାଇ, ତ୍ରିଭେନ୍ଦ୍ରମ, ମୁମ୍ବାଇ, ଦିଲ୍ଲୀ, ଗୌହାଟୀ, ପାଟନା, ସିକନ୍ଦରାବାଦ ଓ ଆହମ୍ମଦାବାଦ ଆଦି ପ୍ରମୁଖ ସହରକୁ ଯାଉଥିବା ସମସ୍ତ ସାପ୍ତାହିକ ଓ ଦୈନିକ ଟ୍ରେନର ସୋର ଷ୍ଟେସନରେ ରହଣି, ଦ୍ୱିତୀୟ ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା, ଟିକେଟରେ ରିହାତି, ଯାତ୍ରୀ ବିଶ୍ରାମାଗାର, ଶୁଦ୍ଧ ପାନୀୟ ଜଳ ଓ ସୁଲଭ ଶୌଚାଳୟର ସୁବିଧା ଅନ୍ତର୍ଭୁକ୍ତ। ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଉଦୟ ଚରଣ ବିଶ୍ୱାଳ, ଜିତେନ୍ଦ୍ର ବେହେରା, ସମ୍ପାଦକ ଉଦୟ ଚରଣ ବିଶ୍ୱାଳ, ମାୟାଧର ନାୟକ, ପ୍ରଦୀପ କୁମାର ଦାସଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ। ଖଡ଼ଗପୁର ଡିଭିଜନର ଅଧିକାରୀମାନେ ଯଦି ଏହି ଦାବିଗୁଡ଼ିକର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଅଧିକ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ମୃତକଙ୍କ ପରିବାରକୁ ବନ ବିଭାଗର ସହାୟତା



**ଯୋଡ଼ା,୧୧।୩/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ ଅନ୍ତର୍ଗତ ଯଜାଙ୍ଗ ପାଚେରୀ ସାହିର ମୃତ ଲେମନ୍ତି ମାଝୀଙ୍କ ପରିବାରକୁ ଆଜି ବନ ବିଭାଗ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ରବିବାର ଲେମନ୍ତି ବୈତରଣୀ ନଦୀରୁ ଗାଧୋଇ ଫେରୁଥିବା ସମୟରେ ଏକ ଗୋଠଛଡ଼ା ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଜି ବନ ବିଭାଗ ପକ୍ଷରୁ ତାଙ୍କର ଶୁଦ୍ଧିକ୍ରିୟା ନିମନ୍ତେ ପରିବାରକୁ ଏକ ଲକ୍ଷ ଟଙ୍କାର ଅର୍ଥରାଶି ସହିତ ଶସ୍ୟ ପ୍ରଦାନ କରାଯାଇଛି। ଏହି ସହାୟତା ପ୍ରଦାନ ସମୟରେ ଯଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ସ୍ଥାନୀୟ ୱାର୍ଡ ମେମ୍ବର, ବନପାଳ ତ୍ରିନାଥ ଜେନା, ବନରକ୍ଷୀ ସୁରଜ କୁମାର ଦାସ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ବିଲୋପ ଓ 'ଯଶୋଦା ଯୋଜନା' ସମ୍ପର୍କିତ କର୍ମଶାଳା

**ଭଦ୍ରକ,୧୧।୩/ଏନ୍ଏନ୍ଏସ୍:** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ 'ଶିଶୁ ଶ୍ରମିକ ବିଲୋପ ଓ ଯଶୋଦା ଯୋଜନା ମାଧ୍ୟମରେ ଶିଶୁଙ୍କ ଦକ୍ଷତା ବିକାଶ' ଶୀର୍ଷକ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରେମ ମଞ୍ଜରୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲ୍ଲା କର୍ମ ନିୟୋଜନ ଓ ଦକ୍ଷତା ଅଧିକାରିଣୀ ଅନିତା ନାୟକ, ବିଜ୍ଞାନ ପରିଦର୍ଶିକା ହିମାଦ୍ରି ତନୟା ବିଶ୍ୱାଳ, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ଓ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଷୟ ବିଶାରଦ କଲ୍ୟାଣ କିଶୋର ମହାନ୍ତି ଓ ଲଲାଟେନ୍ଦୁ ମହାନ୍ତି କିଶୋର ନ୍ୟାୟ ଆଇନ ବଳରେ ଶିଶୁଙ୍କ ଦକ୍ଷତା ବିକାଶ, ଯଶୋଦା ଯୋଜନାରେ ପିତୃମାତୃହୀନ ଶିଶୁଙ୍କୁ ସାମିଲ କରିବା ଏବଂ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତିରୁ ଉଦ୍ଧାର ଓ ଥଇଥାନ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ। ଶିଶୁ ଶ୍ରମିକ ପ୍ରଥାକୁ ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ ପାଇଥିଲା। ବରିଷ୍ଠ ଆଇନ ଅଧିକାରୀ ସୁବ୍ରତ ଦାସ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା



ଅଧିକାରୀ, ଚାଇଲ୍ଡ ଲାଇନ୍‌ର ସଦସ୍ୟ ଏବଂ ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀମାନେ ସହଯୋଗ କରିଥିଲେ। ପରିଶେଷରେ ବିଶ୍ୱ ନାରାୟଣ ପଣ୍ଡା ଧନ୍ୟବାଦ୍ ଦେଇଥିଲେ।

## ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ

**ବାରିପଦା,୧୧।୩/ଏନ୍ଏନ୍ଏସ୍:** ଜଙ୍ଗଲରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଉଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବଡ଼ ନେଦାମ ଗ୍ରାମର ଦୁର୍ଯ୍ୟୋଧନ ହାଁସଦା (୫୬)। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ପୀଠାବଟା ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡର କର୍ମଚାରୀମାନେ ନେଦାମ ଅଞ୍ଚଳରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ତିନିଜଣ ବ୍ୟକ୍ତି ଜଙ୍ଗଲରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଉଥିବାର ବନ କର୍ମଚାରୀମାନେ ଦେଖିବାକୁ



ପାଇଥିଲେ। ବନ କର୍ମଚାରୀଙ୍କୁ ଦେଖି ଉକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ କର୍ମଚାରୀମାନେ ସେମାନଙ୍କୁ ପିଛା କରି ଅଟକ ରଖିଥିଲେ। ତଲାସି ନେବା ବେଳେ ଦୁର୍ଯ୍ୟୋଧନ ହାଁସଦାଙ୍କ ନିକଟରୁ ଏକ ବଡ଼ ଦିଆସିଲି ପ୍ୟାକେଟ ଜବତ କରାଯାଇଥିଲା। ବନ୍ୟପ୍ରାଣୀ ସୁରକ୍ଷା ଆଇନ ବଳରେ ତାଙ୍କୁ ଗିରଫ କରାଯିବା ସହ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଜଙ୍ଗଲ ସମ୍ପଦକୁ ନଷ୍ଟ କରିବା ପାଇଁ ଏପରି କାର୍ଯ୍ୟ କରାଯାଇଥିବା ବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯିବାରେ ସଫଳ ହୋଇଥିବା ଜଣାପଡ଼ିଛି।

## ରନ୍ଧନ ଗ୍ୟାସ୍‌ର କୃତ୍ରିମ ଅଭାବ: ଅନ୍‌ଲାଇନ୍ ବୁକିଂ ବନ୍ଦ ଯୋଗୁଁ ଗ୍ରାହକ ହନ୍ତସନ୍ତ

**ସୋର,୧୧।୩/ଏନ୍ଏନ୍ଏସ୍:** ସୋର ଅଞ୍ଚଳରେ ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ବିଶେଷ କରି ସୋର ଉତ୍ତରଶ୍ୱରସ୍ଥିତ ଇଣ୍ଡେନ ଗ୍ୟାସ ଏଜେନ୍ସିର ଅନଲାଇନ ବୁକିଂ ସେବା ବନ୍ଦ ରହିଥିବାରୁ ଗ୍ରାହକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୟୁରୋପୀୟ ଦେଶଗୁଡ଼ିକରେ ଚାଲିଥିବା ଯୁଦ୍ଧ ଯୋଗୁଁ ଗ୍ୟାସ ଆମଦାନୀରେ ଅସ୍ଥିରତା ଦେଖାଦେଇଥିବା ବେଳେ ଏହାର ସୁଯୋଗ ନେଇ କିଛି ମୁନାଫାଖୋର ବ୍ୟବସାୟୀ କୃତ୍ରିମ ଅଭାବ ସୃଷ୍ଟି କରୁଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ଉତ୍ତରଶ୍ୱରସ୍ଥିତ ଡିଲର ଅନଲାଇନ ବୁକିଂ ସିଷ୍ଟମକୁ ଅକାମି କରିଦେଇଥିବାରୁ ଗ୍ରାହକମାନେ ବାଧ୍ୟହୋଇ ଏଜେନ୍ସି କାର୍ଯ୍ୟାଳୟକୁ ଦୌଡୁଛନ୍ତି। ବୁକିଂ ନମ୍ବର ସବୁବେଳେ ବ୍ୟସ୍ତ ରହୁଥିବାରୁ ସାଧାରଣ ଲୋକଙ୍କ ପାଇଁ ଗ୍ୟାସ ପାଇବା କଷ୍ଟକର ହୋଇପଡ଼ିଛି। ଆଗାମୀ ଦିନରେ ଗ୍ୟାସ ଦର ପୁନର୍ବାର ବୃଦ୍ଧି ପାଇବା ଆଶଙ୍କାରେ ଡିଲର ଗ୍ୟାସ ମହଜୁଦ ରଖି କଳାବଜାରୀ କରିବା ଉଦ୍ଦେଶ୍ୟରେ ଏଭଳି କରୁଥିବା ସନ୍ଦେହ କରାଯାଉଛି। ଅନଲାଇନ ସୁବିଧା ଥାଇ ମଧ୍ୟ ଗ୍ରାହକମାନେ ବିଳମ୍ବରେ ଗ୍ୟାସ ପାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି କୃତ୍ରିମ ଗ୍ୟାସ ସଙ୍କଟ ଓ କଳାବଜାରୀ ରୋକିବା ସହ ତୁରନ୍ତ ଅନଲାଇନ ବୁକିଂ ସେବା ସ୍ୱାଭାବିକ କରିବା ପାଇଁ ଯୋଗାଣ ବିଭାଗର ହସ୍ତକ୍ଷେପ ଲୋଡ଼ିଛନ୍ତି ସ୍ଥାନୀୟ ଗ୍ରାହକ।

## ଚୋରି ଉଦ୍ୟମ ବିଫଳ

**ସୋର,୧୧।୩/ଏନ୍ଏନ୍ଏସ୍:** ସୋର ପୌରପାଳିକା ଅନ୍ତର୍ଗତ ଦୁଇଟି ସରକାରୀ ପ୍ରତିଷ୍ଠାନରେ ଚୋରି ଉଦ୍ୟମ ହୋଇଥିବାବେଳେ ଚୋରମାନେ ସେଥିରୁ କିଛି ନପାଇ ନିରାଶ ହୋଇ ଫେରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସୋର ସହରର ରାଧାନାଥ ଉଚ୍ଚ ବିଦ୍ୟାପୀଠ ଏବଂ ସ୍ଥାନୀୟ ଉପ-ଡାକଘରକୁ ଗତକାଲି ରାତିରେ ଚୋରମାନେ ଟାର୍ଗେଟ କରିଥିଲେ। ଆଜି ସକାଳେ ସ୍କୁଲ ଓ ଡାକଘର କର୍ମଚାରୀମାନେ କାର୍ଯ୍ୟାଳୟ ଖୋଲିବାକୁ ଆସିବା ବେଳେ ଗେଟ୍ ଓ କବାଟର ଚାବି ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସୋର ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଟିମ୍ ଉଭୟ ସ୍ଥାନରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଚୋରମାନେ ଆଲମାରି ଓ ସିନ୍ଦୁକ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ମୂଲ୍ୟବାନ ସାମଗ୍ରୀ କିମ୍ବା ନଗଦ ଅର୍ଥ ହାସଲ କରିବାରେ ବିଫଳ ହୋଇଛନ୍ତି। ଡାକଘର ପରିସରରେ ସିସିଟିଭି କ୍ୟାମେରା ନଥିବାରୁ ପୁଲିସ ପାଖାପାଖି ଅଞ୍ଚଳର ସିସିଟିଭି ଫୁଟେଜ ସଂଗ୍ରହ କରି ଅନୁସନ୍ଧାନ ଜାରି ରଖିଛି। ଏହି ଘଟଣାକୁ ନେଇ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି।

## ଓପିଜିସି ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର



**ଭୁବନେଶ୍ୱର,ଇବ୍ ଥର୍ମାଲ,୧୧।୩/ଏନ୍ଏନ୍ଏସ୍:** ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି) ପକ୍ଷରୁ ନିଜର ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ୍ ଏଲ୍‌ଏଲ୍‌ପି ସହଯୋଗରେ ଆୟୋଜିତ ଏହି ଶିବିରକୁ ଓପିଜିସିର ନିର୍ଦ୍ଦେଶକ (ଅପରେସନ୍) ଅଞ୍ଜନ ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଓପିଜିସିର ବରିଷ୍ଠ ଉପାଧ୍ୟକ୍ଷ (ଅପରେସନ୍) ସୁକାନ୍ତ ମହାପାତ୍ର, ଆଇବି ଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସଙ୍ଗୀତା ପଣ୍ଡା, ସିଏସ୍‌ଆର୍ ପରାମର୍ଶଦାତା ପ୍ରଫୁଲ୍ଲ କୁମାର ଧଳ ଏବଂ ତେଲେନପାଲି ସରପଞ୍ଚ ଆକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଶିବିରରେ ତେଲେନପାଲି ଓ ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ମୋଟ ୩୯୪ ଜଣ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ପରୀକ୍ଷା ସମୟରେ ୨୨ ଜଣଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କୁ ମହାନଦୀ ନେତ୍ର ଚିକିତ୍ସାଳୟ, ଝାରସୁଗୁଡ଼ାରେ ମାଗଣା ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ଏଥିସହିତ ୩୦୧ ଜଣ ରୋଗୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଛି। ଓପିଜିସିର ସିଏସ୍‌ଆର୍ ଟିମ୍‌ର ହିମାଂଶୁ ଭୂଷଣ ବେହେରା, ତାପସ୍ କୁମାର ପଣ୍ଡା ଓ ଅମର କୁମାର ସିଂହ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୧୩, ୧୫ ଓ ୧୭ ମାର୍ଚ୍ଚରେ ଯଥାକ୍ରମେ ଦଳଗାଁ, ତିଳିଆ ଓ ରେମଣ୍ଡା ପଞ୍ଚାୟତରେ ଏଭଳି ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହେବ ବୋଲି ସୂଚନା ମିଳିଛି।

## ବକେୟା ହୋଲଡିଂ ଟ୍ୟାକ୍ସ ପାଇଁ କେନ୍ଦୁଝରଗଡ଼ ପୌରପାଳିକାର ନୋଟିସ୍ ଜାରି

**କେନ୍ଦୁଝର,୧୧।୩/ଏନ୍ଏନ୍ଏସ୍:** କେନ୍ଦୁଝର ଉପକଣ୍ଠ ବଡ଼ହଳ ଠାରେ ଅବସ୍ଥିତ ରବୀନ୍ଦ୍ର ବିଦ୍ୟାନିକେତନ ନାମରେ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଲଡିଂ ଟ୍ୟାକ୍ସ ବକେୟା ଥିବା ନେଇ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଦୀର୍ଘ ବର୍ଷ ଧରି ବିଦ୍ୟାଳୟ ପକ୍ଷରୁ ହୋଲଡିଂ ଟ୍ୟାକ୍ସ ଦାଖଲ କରାଯାଇ ନଥିବାରୁ ପୌରପାଳିକା ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ବିଦ୍ୟାଳୟ ବିପକ୍ଷରେ ଦୁଇଟି ହୋଲ୍ଡିଂ ନମ୍ବରରେ ମୋଟ ୧ କୋଟି ୭ ଲକ୍ଷ ୭୧ ହଜାର ୯୫୫ ଟଙ୍କାର ଡିମାଣ୍ଡ ନୋଟିସ୍ ଜାରି କରାଯାଇଛି। ଏଥିମଧ୍ୟରୁ ହୋଲ୍ଡିଂ ନମ୍ବର ୩୩୯ ପାଇଁ ୧ କୋଟି ୬ ଲକ୍ଷ ୯୦ ହଜାର ଟଙ୍କା ଏବଂ ହୋଲ୍ଡିଂ ନମ୍ବର ୩୪୭ ପାଇଁ ୮୧ ହଜାର ୯୫୫ ଟଙ୍କା ବକେୟା ରହିଥିବା ନେଇ ପୌରପାଳିକା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଯାବତ୍ କୌଣସି ଦସ୍ତାବିଜ୍ ଦାଖଲ କରାଯାଇନାହିଁ କିମ୍ବା ବକେୟା ଟଙ୍କା ପୈଠ କରାଯାଇନାହିଁ। ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ, ମାସକ ମଧ୍ୟରେ ଯଦି ଦେୟ ପୈଠ ନ କରାଯାଏ, ତେବେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଯଥାଶୀଘ୍ର ବକେୟା ଟଙ୍କା ପୈଠ କରିବାକୁ ପୌରପାଳିକା ପକ୍ଷରୁ ପରାମର୍ଶ ଦିଆଯାଇଛି।

## ବାଲିପଡ଼ିଆରେ ଦୋଳ ମେଲଣ

**ମାହାଙ୍ଗା,୧୧ା୩/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାପୁର ପଞ୍ଚାୟତସ୍ଥିତ ବାଲିପଡ଼ିଆ ଦୋଳ ମେଲଣ ବାଲେଶ୍ୱର ମହାଦେବ ପୀଠ ପରିସରରେ ଅତି ହର୍ଷୋଲ୍ଲାସର ସହ ପାଳିତ ହୋଇଯାଇଛି। ମାଳିକା ବର୍ଣ୍ଣିତ ଏହି ପାରମ୍ପରିକ ମେଲଣକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଥାନପତି ଭାବେ ଶ୍ରୀ ନୃସିଂହନାଥ ବିରାଜମାନ କରିଥିବା ବେଳେ ବାଜା, ବାଣ, ଘଣ୍ଟି ଓ ସଂକୀର୍ତ୍ତନର ଏକ ବିରାଟ ଶୋଭାଯାତ୍ରାରେ ୧୫ରୁ ଊର୍ଦ୍ଧ୍ୱ ଦୋଳ ବିମାନ ମେଲଣ ପଡ଼ିଆକୁ ଆସିଥିଲେ। ବରିଷ୍ଠ ପୂଜକମାନଙ୍କ ଦ୍ୱାରା ଠାକୁରଙ୍କ ପାଖରେ ଶ୍ରଦ୍ଧାର ସହ ଭୋଗ ଲାଗି କରାଯାଇଥିଲା। ମେଲଣ ପଡ଼ିଆରେ ଅନେକ ଉଠା ଦୋକାନ ବସିଥିବା ବେଳେ ସାରା ପରିବେଶ ଉତ୍ସବମୁଖର ହୋଇଉଠିଥିଲା।



## ଜମି ଦେବା ଆଳରେ ଠକେଇ

**ମୁଣ୍ଡମୁହାଣ,୧୧ା୩/ଏନ୍ଏନ୍ଏସ୍:** ଜମି ଦେବା ଆଳରେ ଜଣେ ମହିଳାଙ୍କୁ ୧୨ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଜଣେ ଦଲାଲକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋଭ୍ୟାଲି ଥାନା ହରପୁର ଗ୍ରାମର ବଳଭଦ୍ର ମାର୍ଥା ଓରଫ ରାହୁଲକୁ ଗିରଫ କରିଛି। ଅଭିଯୋଗକାରିଣୀ ବିନତୀ ନାଏକ ଗତ କିଛି ମାସ ତଳେ ତାଙ୍କ ଦୂର ସମ୍ପର୍କୀୟ କିଶୋର କୁମାର ନାଏକ ଓରଫ ଦିପୁଙ୍କ ମାଧ୍ୟମରେ ଅଭିଯୁକ୍ତ ରାହୁଲ ସହ ଚିହ୍ନା ପରିଚୟ ହୋଇଥିଲେ। ଚିହ୍ନା ପରିଚୟ ପରେ ସମ୍ପର୍କ ବଢ଼ିଥିଲା। ଗତ ଡ଼ିସେମ୍ବର ମାସରେ ବିନତିଙ୍କ ସମ୍ପର୍କୀୟ ବନ୍ଧୁ ଦିପୁ ଓ ଦଲାଲ ରାହୁଲ ହରପୁରୁ ମୌଜାରେ ଏକ ଜମି କିଣିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଜମିର ମୂଲ୍ୟ ୫୦ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବନ୍ଧୁ ଦିପୁ ଓ ଦଲାଲ ରାହୁଲ ଉପରେ ବିଶ୍ୱାସ କରି ବିନତୀ ବିଭିନ୍ନ କିସ୍ତିରେ ୧୨ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ। ଦୁଇ ଠକ ଉକ୍ତ ଧାର୍ଯ୍ୟ ତାରିଖରେ ରେଜିଷ୍ଟ୍ରେସନ କରିବାକୁ ଧରାଛୁଆଁ ଦେଇ ନଥିଲେ। ବିନତୀ ଫୋନ କରିବାରୁ ବାରମ୍ବାର ତାରିଖ ଗଡ଼ାଇ ଚାଲିଲେ। ଫଳରେ ବିନତୀ ଜମିର କାଗଜପତ୍ର ଯାଞ୍ଚ ସମୟରେ ଗତ ଜାନୁୟାରୀ ୯ ତାରିଖରେ ଉକ୍ତ ଜମିକୁ ଅନ୍ୟ ଏକ ମାଲିକଙ୍କ ନାମରେ ରେଜିଷ୍ଟ୍ରେସନ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ବିନତୀ ବାଧ ହୋଇ ରାହୁଲ ଓ ଦିପୁ ପାଖକୁ ଆସି ଟଙ୍କା ଫେରସ୍ତ ଦେବାକୁ କହିଥିଲେ। ଏଥିରେ ରାହୁଲ ଉତ୍କ୍ଷିପ୍ତ ହୋଇ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ବିନତୀଙ୍କୁ ଧମକ ଦେଇଥିଲେ। ଏ ନେଇ ବିନତୀ ଇନ୍ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତକରି ଅଭିଯୁକ୍ତ ଠକ ରାହୁଲକୁ ଗିରଫକରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ପିମିଟି ସ୍ନାତକ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




**ଓଡ଼ଗାଁ,୧୧ା୩/ଏନ୍ଏନ୍ଏସ୍:** ଓଡ଼ଗାଁ ପିମିଟି ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳିତ ହୋଇଯାଇଛି। ସ୍ନାତକ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ସୁନୀଲ କୁମାର ମହାପାତ୍ର ଓଡ଼ିଆଭାଷା ପରମ୍ପରା ବଞ୍ଚିଲେ ଜାତି କିପରି ବଞ୍ଚିରହିବ ସେ ବିଷୟରେ ଆଲୋଚନାକରି ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଭାବ ବର୍ତ୍ତମାନ କିପରି ରହିଛି ଆଲୋଚନା କରିଥିଲେ। ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ ଓଡ଼ିଆ ଭାଷାର ପ୍ରାଚୀନତା,ତା'ର ଉପାଦେୟତା ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଦୀପ୍ତ କୁମାର ଦଳେଇ ଯୋଗଦେଇ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଲକ୍ଷଣ ସମ୍ପର୍କରେ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ତଥା କବି ପ୍ରଫୁଲ୍ଲ ମାଝୀ ଯୋଗଦେଇ ଓଡ଼ିଆ ଭାଷାର ଅସ୍ମିତା ଓ ମହତ୍ତ୍ୱ ସମ୍ପର୍କରେ ମତ ଦେଇଥିଲେ।ମୁଖ୍ୟବକ୍ତା ଭାବେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଡ଼.ଚିତ୍ତରଞ୍ଜନ ଦାଶ ଯୋଗଦେଇ ଓଡ଼ିଆ ସମଗ୍ର ବିଶ୍ୱର ଏକ ସ୍ୱତନ୍ତ୍ର ଭାଷା ଏବଂ ଏକ ସଚେତନ ମନର ପରିଭାଷାବୋଲି ମତ ଦେଇଥିଲେ। ପିମିଟି ସ୍ନାତକ ମହାବିଦ୍ୟାଳୟର ସଂସ୍କୃତ ସମ୍ମାନ ବିଭାଗର ମୁଖ୍ୟ ମୃତ୍ୟୁଞ୍ଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଓଡ଼ିଆ ବିଭାଗୀୟ ଅଧ୍ୟାପିକା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଜ୍ୟୋର୍ତିମୟୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଟାଙ୍ଗୀ,୧୧ା୩/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା କହ୍ନେଇପୁର ପଞ୍ଚାୟତ ଭଗତପୁର ମିଲ୍ ଛକରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ବେକରେ କାଚ ଭୁଷିଦେବା ଅଭିଯୋଗରେ ଟାଙ୍ଗୀ ପୁଲିସ ଜଣେ ଯୁବକକୁ ଗିରଫକରି କୋର୍ଟଚାଲାଣ କରିଛି। ସୂଚନାରୁ ପ୍ରକାଶ ଯେ ଭଗତପୁର ଗ୍ରାମର ଦୀପକ ମଲ୍ଲିକ ମଙ୍ଗଳବାର ରାତି ୧୦ଟା ସମୟରେ ଭଗତପୁର ମିଲ୍ ଛକ ନିକଟରେ ବାଇକ୍ ରଖି କୌଣସି କାର୍ଯ୍ୟରେ ଯାଇଥିବାବେଳେ ଉକ୍ତ ଗ୍ରାମର ଟୁଟୁ ସିଂ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୀପକ ରଖିଥିବା ବାଇକ୍‌ରେ ଲାଗିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଏତେ ଉଗ୍ର ରୂପ ନେଇଥିଲା ଯେ ଟୁଟୁ ଏକ କାଚ ବୋତଲ ଭାଙ୍ଗି ଦୀପକଙ୍କ ବେକରେ ଭୁଷିଦେଇଥିଲା। ଫଳରେ ଦୀପକ ଜୀବନ ବଞ୍ଚାଇବାକୁ ଚିତ୍କାର କରିବା ସହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାରକରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଛି। ଅଭିଯୋଗକ୍ରମେ ପୁଲିସ ଅଭିଯୁକ୍ତ ଟୁଟୁ ସିଂକୁ ଗିରଫକରି କୋର୍ଟଚାଲାଣ କରିବା ସହ ଅଧିକ ତଦନ୍ତ ଜାରି ରଖିଥିବା ଏସ୍ଆଇ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## ଶ୍ରୀଚୈତନ୍ୟ ଦେବଙ୍କ ଜୟନ୍ତୀ

**କୁଆଁପାଳ,୧୧ା୩/ଏନ୍ଏନ୍ଏସ୍:** ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୋପାଳପୁର ପଞ୍ଚାୟତର ଗୋପାଳପୁର ସ୍ଥିତ ପଲ୍ଲୀସାଂସ୍କୃତିକ ସାମ୍ମୁଖ୍ୟ ସଭାଗୃହ ପରିସରରେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମଜୟନ୍ତୀ ଉତ୍ସବ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂସଦର ବରିଷ୍ଠ ଉପଦେଷ୍ଟା ଶ୍ରୀନିବାସ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁଗପୁରୁଷ ଶ୍ରୀ ଚୈତନ୍ୟଙ୍କ ସମାଜ ପ୍ରତି ଅପୂର୍ବ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲା ବେଳେ କୁଞ୍ଜକଳୀକାର ସଂପାଦକ କବି ରାଜକିଶୋର ମିଶ୍ର, ସମାଜସେବୀ କଲ୍ଲୋଳ ଚନ୍ଦ୍ର ମହାନ୍ତି , ସ୍ତମ୍ଭକାର ବିବେକାନନ୍ଦ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଂପାଦକ ଗୌତମ ଚରଣ ଜେନା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂସଦର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ମହମବତୀ ଶୋଭାଯାତ୍ରା

**ଚରିଛକ,୧୧ା୩/ଏନ୍ଏନ୍ଏସ୍:** ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ପୁରୀ ଜିଲ୍ଲାର ତମ୍ପାଲୋ ପଞ୍ଚାୟତରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନକୁ ୧୦୦ଦିନ ପୂରଣ ମହମବତୀ ଶୋଭାଯାତ୍ରା କରି ଉଦଯାପିତ ହୋଇଯାଇଛି। ଗୁଚିକା ସମାଜ ମଙ୍ଗଳ ସଂଗଠନ ଦ୍ୱାରା ଆୟୋଜିତ ଶୋଭାଯାତ୍ରାରେ ସମସ୍ତ ମହିଳାନେତ୍ରୀ ବାଲ୍ୟ ବିବାହରୁ ବର୍ତ୍ତିଯାଇଥିବା ବାଳିକା, ଅଙ୍ଗନବାଡି କର୍ମୀ, ସରପଞ୍ଚ ସସ୍ମିତା ଖଟୋଇ, ସମିତିସଭ୍ୟା ସୁମିତ୍ରା ସ୍ୱାଇଁ, ଗ୍ରାମର ସଭାପତି ଲିଙ୍ଗରାଜ ପଣ୍ଡା, ପୂର୍ବତନ ସରପଞ୍ଚ ରଚିତାନନ୍ଦ ଖଟୋଇ, ୱାର୍ଡସଭ୍ୟା ସୁଚିତ୍ରା ସ୍ୱାଇଁ ଓ ପ୍ରିୟରଂଜନ ପାଢ଼ୀ ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ମୁକ୍ତ ନିମନ୍ତେ ଶପଥପାଠ କରାଇଥିଲେ। ସଂଯୋଜକ ହେମନ୍ତ କୁମାର ଦାସ, ହରପ୍ରିୟା ଖଟୋଇ, ତଟିନ ବିଶ୍ୱାଳ, ପ୍ରଦୀପ୍ତ ମୁଖି, ଫୁଲରାଣୀ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନ କରିଥିଲେ।

### ଖଳାରେ ପଡ଼ିରହିଛି ଅମଳ ଧାନ, ଟୋକନ୍ ଅବଧି ସରିବାକୁ ବସିଲାଣି

## ଧାନ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ



**ସାକ୍ଷୀଗୋପାଳ,୧୧ା୩/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକରେ ଥିବା ୧୬ଟି ସମବାୟ ସମିତିରେ ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ମିଲରଙ୍କ ଜରିଆରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଏବେବି ଶହ ଶହ ଚାଷୀଙ୍କ ପାଖରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡି ରହିଛି। ତନ୍ମଧ୍ୟରୁ ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରୟ ଆଶାରେ ନିଜ ନିଜର ବସ୍ତା ବସ୍ତା ଧାନ ନିଜ ନିଜ ଧାନ ଖଳାରେ ଗଦା କରି ରଖିଛନ୍ତି। ସରକାରୀ ସ୍ତରରେ ଲକ୍ଷଧାର୍ଯ୍ୟ (ଟାର୍ଗେଟ) ମିଳୁ ନଥିବାରୁ ସୋସାଇଟି ମାନଙ୍କ ରୁ ଅର୍ଦ୍ଧାଧିକ ଚାଷୀଙ୍କ ଧାନ ନଯାଇ ଗଦା ହୋଇ ଖଳାରେ ପଡ଼ି ରହିଛି। ଫଳରେ ପ୍ରଶାସନ ଓ ବିଭାଗୀୟ ମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଉପରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଟୋକନ ପାଇଁ ଧାନ ବିକ୍ରି କରିପାରି ନଥିବା ଚାଷୀମାନେ ପ୍ରତିଦିନ ଧାନ ମଣ୍ଡି କୁ ଆସି ସମବାୟ ସମିତି ସମ୍ପାଦକ ଓ ସରକାରଙ୍କ ଉଦ୍ଦେଶ୍ୟରେ ଗାଳିମନ୍ଦ କରିଥିବା ଦେଖାଯାଇଛି। ସତ୍ୟବାଦୀ ବ୍ଲକର ବିଭିନ୍ନ ସୋସାଇଟି ମାନଙ୍କରେ ଏଭଳି ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ନେଇ ଚାଷୀ ମହଲରେ ଖୁବ ଚର୍ଚ୍ଚା ହେଉଛି। ମାସ ମାସ ଧରି ଅବ୍ୟବସ୍ଥା ଲାଗି ରହିଲେ କମ୍ ଦରରେ ହେଉ ପଛେ ଚାଷୀମାନେ ବେପାରୀଙ୍କୁ ଧାନ ବିକ୍ରୟ କରିଦେବେ ବୋଲି ଚାଷୀ ଭରତ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ କହିଛନ୍ତି। ଏଭଳି ଅବ୍ୟବସ୍ଥା ନେଇ ଚାଷୀ ମହଲରେ ବିଭାଗୀୟ ମନ୍ତ୍ରୀ ତଥା ସରକାରଙ୍କ ଉପରେ ଅସନ୍ତୋଷର କ୍ଷୋଭ ଦେଖାଦେଇଥିବା ଦେଖିବାକୁ ମିଳୁଥିବା ବେଳେ ଚାଷୀ ଅସନ୍ତୋଷ ର ପ୍ରଭାବ ପଞ୍ଚାୟତ ନିର୍ବାଚନରେ ପଡ଼ିବା ନେଇ ଚାଷୀ ନେତା ରାଜନୀତି ସମୀକ୍ଷକ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆଲୋଚନା ହେଉଥିବା ଦେଖିବାକୁ ମିଳିଛି।

## ଝରକା ଭାଙ୍ଗି ୫୦ ଗ୍ରାମ୍ ସୁନା ଅଳଙ୍କାର, ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍



**ଖୋର୍ଦ୍ଧା,୧୧ା୩/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧିନସ୍ଥ ଉଇଲକିସନନଗର ଗ୍ରାମର ମନୋରଂଜନ ପ୍ରଧାନଙ୍କ ଘର ଝରକା ଭାଙ୍ଗି ବିଳମ୍ବିତ ରାତ୍ରିରେ ୫୦ ଗ୍ରାମ ସୁନା ଅଳଙ୍କାର ସମେତ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଘରେ କେହି ନଥିବାର ସୁଯୋଗ ନେଇ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମନୋରଞ୍ଜନଙ୍କ ପରିବାରର ସମସ୍ତ ସଦସ୍ୟ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ସମସ୍ତ ଜିନିଷପତ୍ର ଲୁଟି ନେଇଛନ୍ତି। ସକାଳୁ ଏ ସମସ୍ତ ଘଟଣା ବିଷୟରେ ମନୋରଂଜନଙ୍କ ବାପା ଜାଣିବାକୁ ପାଇବା ପରେ ଘରର ସଦସ୍ୟମାନଙ୍କୁ ଜଣାଇଥିଲେ। ଘରର କିଛି ଦୂରରେ ସୁନା ଅଳଙ୍କାର ଥିବା ଖାଲି ଡବା ଏବଂ ବାକ୍ସ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ଏ ସମ୍ପର୍କରେ ମନୋରଞ୍ଜନ ଖୋରଧା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ସନ୍ଦେହରେ ସେହି ଗ୍ରାମର ଜଣେ ବ୍ୟକ୍ତିକୁ ଅଟକ ରଖିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ଏବଂ ଡଗ୍ ସ୍କ୍ୱାଡ୍ ପହଞ୍ଚି ଘଟଣା ସମ୍ପର୍କରେ ଛାନ୍‌ବିନ କରିବା ପରେ ଏବଂ ତଦନ୍ତ ଆଧାରରେ ଆଉ ଜଣେ ବ୍ୟକ୍ତିକୁ ଅଟକ ରଖିଛି ପୁଲିସ। କିନ୍ତୁ ଏ ପର୍ଯ୍ୟନ୍ତ ଚୋରି ହୋଇଥିବା ସୁନା ଅଳଙ୍କାର ଏବଂ ଟଙ୍କା ପୁଲିସ ଉଦ୍ଧାର କରିପାରି ନଥିବା ଜଣାପଡ଼ିଛି।

## ଶ୍ରମିକ ସଚେତନତା କର୍ମଶାଳା

**ଓଡ଼ଗାଁ,୧୧ା୩/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଲଡୁବାବାଙ୍କ ମନ୍ଦିର ନିକଟ ଦେବୋତ୍ତର କଲ୍ୟାଣ ମଣ୍ଡପଠାରେ ଏକ ଶ୍ରମିକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମିକ ସଂଗଠନର ସମ୍ପାଦକ ଶୂନ୍ୟଜୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ




ଆୟୋଜିତ ଏହି କର୍ମଶାଳାରେ ଡେପୁଟି କଲେକ୍ଟର ତପତି ରାଜ,ଜିଲ୍ଲା ଲେବର କମିଶନର ତେଜକୁମାର ବାଗେ, ସିଏସ ସି.ଏଚ୍ ମୁରାଲିକୃଷ୍ଣ ରାଓ ଓ ବରିଷ୍ଠ ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରମିକର ଅଧିକାର ଓ ଶୋଷଣର ନିରାକରଣ ସମ୍ପର୍କରେ ନିଜନିଜର ମତାମତ ପ୍ରଦାନ କରିଥିଲେ। ଶ୍ରମିକର ନ୍ୟାର୍ଯ୍ୟ ଅଧିକାର, ଶ୍ରମ ନିୟମ, ଶ୍ରମିକ ଉନ୍ନତିର ବିଭିନ୍ନ ସାହାଯ୍ୟ ଓ କାର୍ଯ୍ୟକ୍ରମ, ଶ୍ରମିକମାନଙ୍କୁ ମିଳୁଥିବା ବିଭିନ୍ନ ସୁବିଧା ଓ ସୁଯୋଗକୁ କିପରି କାର୍ଯ୍ୟକାରିତା କରାଯିବ ସେ ସମ୍ପର୍କେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଶରଣକୁଳ ଅଞ୍ଚଳର କର୍ମଜୀବୀ, ଶତାଧିକ ମହିଳା ଶ୍ରମିକ ଓ ପୁରୁଷ ଶ୍ରମିକମାନେ ଉପସ୍ଥିତରହି ନିଜ ନିଜର ଅଭାବ ଅସୁବିଧା ଉପରେ ଦୃଷ୍ଟିଦେବାକୁ ଅନୁରୋଧ କରିଥିଲେ। ଶ୍ରମିକ କାର୍ଡ ପାଇଁ ଆବେଦନ କରିଥିବା କିଛି ଶ୍ରମିକଙ୍କୁ କାର୍ଡ ବଣ୍ଟନ କରାଯାଇଥିବାବେଳେ ଅନେକଙ୍କୁ ନମିଳିବା ନେଇ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିଲା। କ୍ରମାନୁସରେ ଆବେଦନ କରିଥିବା ସମସ୍ତ ଶ୍ରମିକଙ୍କୁ ପର୍ଯ୍ୟାୟ କ୍ରମେ କାର୍ଡ ମିଳିବବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଶେଷରେ ସମସ୍ତ ଅତିଥି ଓ ଉପସ୍ଥିତ ପୁରୁଷ ମହିଳା ଶ୍ରମିକମାନଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା।

### ଆମ୍ବେଦକର ଲୋହିଆ ବିଚାର ମଞ୍ଚର ସମାବେଶ

## ଘରଡିହ ପଟ୍ଟା ପ୍ରଦାନ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଦାବି

**ଡେଲାଙ୍ଗ,୧୧ା୩/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଯୋରକଣୀ ଗ୍ରାମର ଅନୁସୂଚିତ ଜାତି ସାହିରେ ଆମ୍ବେଦକର ଲୋହିଆ ମଞ୍ଚ ପକ୍ଷରୁ ଅନୁସୂଚିତ ଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମଠ ଜମିରେ ବସବାସ କରୁଥିବା ଦଳିତ ଓ ଅନୁସୂଚିତ ଜନଜାତି ପରିବାରଙ୍କୁ ପଟ୍ଟା ପ୍ରଦାନ ସହ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଦୃଢ଼ ଦାବି କରାଯାଇଛି। ଏହି ସମାବେଶରେ ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ କିଷାନ ପଟ୍ଟନାୟକ, ବେରବୋଇସ୍ଥିତ କସ୍ତୁରବା ସେବା କେନ୍ଦ୍ରର ସଞ୍ଚାଳିକା କବିତା ରାଣୀ ପରିଡ଼ା, ଆମ୍ବେଦକର ଲୋହିଆ ମଞ୍ଚର ବ୍ଲକ ସଭାପତି ତଥା ଜିଲ୍ଲା ସମ୍ପାଦକ ଅକ୍ଷୟ ବେହେରା, ମଞ୍ଚର ସଦସ୍ୟ ବାବୁଲି ବେହେରା, ଲିଟୁଲାଲ ଦେବ ସୁବୁଦ୍ଧି, ଗୋବିନ୍ଦ ବେହେରା, ଗଙ୍ଗାଧର ସେଠୀ ଏବଂ ଜୟଭୀମର ସଦସ୍ୟ ଭାଗୀ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ଯୋରକଣୀ ଗ୍ରାମରେ ଦୀର୍ଘ ଦିନ ଧରି ମଠ ଜମିରେ ରହି ଆସୁଥିବା ଭୂମିହୀନ ପରିବାରଙ୍କୁ ତୁରନ୍ତ ଘରଡିହ ପଟ୍ଟା ପ୍ରଦାନ କରିବାକୁ ଅତିଥିମାନେ ଦାବି କରିଥିଲେ। ସୁଶ୍ରୀ ପରିଡ଼ା ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ନିଶା ସେବନ ଯୋଗୁଁ ଗ୍ରାମାଞ୍ଚଳରେ ଘରୋଇ ହିଂସା ବୃଦ୍ଧି ପାଉଛି ଏବଂ ସାମାଜିକ ପରିବେଶ କଳୁଷିତ ହେଉଛି। ସେ ଉପସ୍ଥିତ ସମସ୍ତଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରାଇବା ସହ ନିଜ ଆତ୍ମୀୟମାନଙ୍କୁ ମଧ୍ୟ ଏଥିରୁ ନିବୃତ୍ତ ରଖିବାକୁ ପରାମର୍ଶ ଦେଇଥିଲେ। ଅଞ୍ଚଳରେ ଚାଲିଥିବା ବେଆଇନ ନିଶା କାରବାର ବନ୍ଦ କରିବା ଏବଂ ସାମାଜିକ ନ୍ୟାୟ ପାଇଁ ସମସ୍ତେ ଏକଜୁଟ ହେବାକୁ ସମାବେଶରେ ଆହ୍ୱାନ ଦିଆଯାଇଛି।

## ଉପଭୋକ୍ତା ସଚେତନତା କର୍ମଶାଳା

**ନୟାଗଡ଼,୧୧ା୩/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଓଜନ ବୈଧମାପ ବିଜ୍ଞାନ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗ କ୍ରମେ ଶୁକ୍ରବାର ଦିନ ରଣପୁର ବ୍ଲକ ଅନ୍ତର୍ଗତ ଦର୍ପ ନାରାୟଣପୁର ମା'ଗଦେଇଶୁଣି ମନ୍ଦିର ପରିସରରେ ବ୍ଲକ ସ୍ତରୀୟ ଏକ ଖାଉଟି ସଚେତନତା କର୍ମଶାଳା 'ପଲ୍ଲୀବନ୍ଧୁ' ଖାଉଟି ସଂଗଠନ ସହାୟତାରେ ଆୟୋଜନ କରାଯାଇଥିଲା। ସର୍ବ ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ମା'ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଇଞ୍ଜିନିୟର ପଦ୍ମନାଭ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଲ୍ଲୀବନ୍ଧୁର ସମ୍ପାଦକ ଗଣେଶ୍ୱର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିବା ସହିତ ଭାରତୀୟ ଦାର୍ଶନିକମାନେ ଗ୍ରାହକଙ୍କୁ ଦେବତାର ସଂଜ୍ଞା ଦେଇଛନ୍ତି, ଗ୍ରାହକ ମାନେ ହିଁ ସାମାଜିକ ଆର୍ଥ ବ୍ୟବସ୍ଥାର ଶକ୍ତି କେନ୍ଦ୍ର ବୋଲି ତାଙ୍କର ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେକ ବ୍ୟକ୍ତି ବିଶେଷ ପ୍ରଥମେ ଗ୍ରାହକ ତାପରେ ସେ ବ୍ୟବସାୟୀ, ଶ୍ରମିକ ବା ଅନ୍ୟ କୌଣସି କ୍ଷେତ୍ରରେ କାର୍ଯ୍ୟ କରିଥାଇ ପାରେ। ତେବେ ଗ୍ରାହକ ଚେତନା ର ଅର୍ଥ ମନୁଷ୍ୟର କୁଣ୍ଡଳିନୀ ଶକ୍ତିର ଜାଗ୍ରତ କରି ନିଜେ ଶୋଷଣରୁ ମୁକ୍ତ ହୋଇପାରିବ ବୋଲି ମତ ରଖିଥିଲେ। ମୁଖ୍ୟ ଅତିଥି ଭାବରେ ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ ବିଭାଗର ଅଧିକାରୀ ମୋନାଲିସା ରାୟ ଯୋଗଦାନ କରି ଖାଉଟି ମାନଙ୍କର ଅଧିକାର, ଖାଉଟି ସଚେତନତା ଓ ଅଭିଯୋଗ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଉପସ୍ଥିତ ଖାଉଟିମାନଙ୍କୁ ବୁଝାଇ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ହୋଇ ଓଜନ ମାପ ବିଭାଗ ଇନ୍ସପେକ୍ଟର ଶର୍ମିଳା ଜେନା ଓଜନ ଓ ମାପରେ ହେଉଥିବା ଠକେଇ ସମ୍ପର୍କିତ ଯନ୍ତ୍ରାଂଶ ଗୁଡ଼ିକୁ ପ୍ରଦର୍ଶିତ କରି ଖାଉଟିମାନଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। କର୍ମଶାଳାରେ ରଣପୁର ବ୍ଲକର ବହୁ ସାମାଜିକ କର୍ମୀ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବୁଦ୍ଧିଜୀବୀ, ଓକିଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସାମାଜିକକର୍ମୀ ବାବୁଲା କୁମାର ରାଉତ ସଂଯୋଜନା କରିଥିଲାବେଳେ ଗଣେଶ୍ୱର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ତିନି ଠାକୁରଙ୍କ ବିଜେ ମଣ୍ଡପ ନିର୍ମିତ



**ଚାରିଛକ,୧୧ା୩/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ସଭାମଣ୍ଡପ ଠାରେ ତିନି ଠାକୁରଙ୍କ ବିଜେ ପାଇଁ ଏକ ନୂତନ ମଣ୍ଡପ ନିର୍ମାଣ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଜାହାନ ସାହୁ ଓ ସ୍ୱର୍ଗତା ଶଶୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ସୁପୁତ୍ରମାନେ ଏହି ୫୦ଫୁଟର ଲମ୍ବ ଓ ୨୫ଫୁଟର ଓସାର ମଣ୍ଡପ ନିର୍ମାଣର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଏଠାରେ ଥିବା ପୁରୁଣା ମଣ୍ଡପଟି ଭାଙ୍ଗି ଯାଇଥିବା ବେଳେ ତିନି ଠାକୁର ମହାପ୍ରଭୁ ଅମରେଶ୍ୱର,ମହାପ୍ରଭୁ ରାଧାକାନ୍ତ ଓ ମହାପ୍ରଭୁ ବନ୍ଦେଶ୍ୱର ଦୋଳ ବିମାନ ସବୁ ବସିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଥିଲେ। ଏହାଦେଖି ସ୍ୱର୍ଗତ ସାହୁଙ୍କ ସୁପୁତ୍ର ଲିଙ୍ଗରାଜ ସାହୁ,ସିନ୍ଧୁ ସାହୁ ଓ ରବୀନ ସାହୁ ଏବଂ ସ୍ୱର୍ଗତା ସାହୁଙ୍କ ସୁପୁତ୍ର ଇନ୍ଦ୍ରମଣୀ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ଚନ୍ଦ୍ରମଣୀ ସାହୁ ବିଚାର ବିମର୍ଶ କରି ମଣ୍ଡପ ନିର୍ମାଣ ସଂପୂର୍ଣ୍ଣ ଖର୍ଚ୍ଚ ବହନ କରିଥିଲେ। ସମସ୍ତ ନିର୍ମାଣ କାର୍ଯ୍ୟକୁ ଲକ୍ଷ୍ମୀଧର ବେହେରା ତଦାରଖ କରିଥିଲେ। ଏହି ମହାନତା ପାଇଁ ବାରଗାଦୀ ମେଳଣ କମିଟିର ସଭାପତି ସନ୍ତୋଷ ତ୍ରିପାଠୀ,ସଦସ୍ୟ ସୁବାସ ଚନ୍ଦ୍ର ସାହୁ,କୈଳାସ ଚନ୍ଦ୍ର କର, ବ୍ରଜବନ୍ଧୁ କର, ଭଜମନ ଶତପଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସମାଜସେବୀ ସେମାନଙ୍କର ବେଶ ପ୍ରଶଂସା କରିଛନ୍ତି।

## କୃଷି ବିଜ୍ଞାନକେନ୍ଦ୍ରର ଏକବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

**ସାକ୍ଷୀଗୋପାଳ,୧୧ା୩/ଏନ୍ଏନ୍ଏସ୍:** ସାକ୍ଷୀଗୋପାଳ ସ୍ଥିତ ପୁରୀ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭୁନେଶ୍ୱରସ୍ଥିତ ପଶୁ ବିଜ୍ଞାନ ଓ ପଶୁ ଚିକିତ୍ସା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ସୁମନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଭୁବେଶ୍ୱରସ୍ଥିତ ସମ୍ପ୍ରସାରଣ ଶିକ୍ଷା ନିଦେଶାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଓ କୋଲକାତା ସ୍ଥିତ କୃଷି ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ ଓ ଗବେଷଣା ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଡଃ କଲ୍ୟାଣ ସୁନ୍ଦର ଦାସ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇ କୃଷି ବିଜ୍ଞାନ କେନ୍ଦ୍ରର ବିଗତ ବର୍ଷର ଓ ଆଗାମୀ ବର୍ଷର କାଯ୍ୟ ଖସଡ଼ା ଉପରେ ଅନୁଧ୍ୟାନ କରିଥଲେ। ଭୁବେଶ୍ୱର ସ୍ଥିତ ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶିକା ଡକ୍ଟର ଶର୍ବାଣୀ ଦାସ ଏହି ବୈଠକକୁ ପରିଚାଳନା କରିଥିଲେ। କଟକ ସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଏନ ଏନ ଜମ୍ବଲକର ଯୋଗ ଦେଇ ନିଜର ବହୁମୂଲ୍ୟ ମତାମତ ରଖିଥିଲେ। ପୁରୀ ଜିଲ୍ଲାର ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ , ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ସୌମ୍ୟାଶ୍ରୀ ମହାରଣା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ , ନାବାର୍ଡର ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ପୃଷ୍ଟି, ମୃତ୍ତିକା ସଂରକ୍ଷଣ ବିଭାଗର ନିରେଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ବନଖଣ୍ଡ ବିଭାଗର ଅଧିକାରୀ ଦେବାଶିଷ ପତି, ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ସୋମନାଥ ବରାଳ, ଡକ୍ଟର ଲିପିକା ପ୍ରିୟଦର୍ଶିନୀ, କୃଷି ଶିଳ୍ପ ନିଗମର ଯନ୍ତ୍ରୀ ଧର୍ମେନ୍ଦ୍ର ମହାପାତ୍ର, ଆକାଶବାଣୀ ପୁରୀ ଅଧିକାରୀ ବିଭୂତି ଭୂଷଣ ମିଶ୍ର ଏହି ବୈଠକରେ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଖୋର୍ଦ୍ଧା ଓ ଜଗତସିଂହପୁର କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞମାନେ ଏହି ବୈଠକରେ ଯୋଗଦେଇ ନିଜର ମତାମତ ରଖିଥିଲେ। ପୁରୀ ଜିଲ୍ଲାର ଦୁଇ ଜଣ ଅଗ୍ରଣୀ କୃଷକ ଓ କୃଷିଜୀବୀ ମହିଳା ଏହି ବୈଠକରେ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ଉତଥାପନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୂର୍ଯ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଗତବର୍ଷର ବାର୍ଷିକ କାର୍ଯ୍ୟଧାରା ଓ ଆଗାମୀ ବର୍ଷର କାର୍ଯ୍ୟ ଖସଡ଼ା ଏହି ବୈଠକରେ ଉପସ୍ଥାପନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ବିଭାଗର ବୈଜ୍ଞାନିକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ।

## ଆଙ୍କୁଲାଚଟିରେ ସପ୍ତଦୋଳ ମେଳଣ ସମାପନ



**ଚିଲିକା,୧୧ା୩/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଆଙ୍କୁଲାଚଟି ସପ୍ତଦୋଳ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଅଛି ପ୍ରସିଦ୍ଧ ସପ୍ତଦୋଳ ମେଳଣ। ପୌରାଣିକ ତଥା ଐତିହାସିକ ଶୋଲରି ପାହାଡ଼ର ପାଦଦେଶରେ କାହିଁ କେଉଁ କାଳରୁ ପାଳନ ହୋଇ ଆସୁଛି ଏହି ସପ୍ତଦୋଳ ମେଳଣ ଯାତ୍ରା। ଦୈତ୍ୟରାଜ ବାଣାସୁରର ତପସ୍ୟା ସ୍ଥଳୀ ଶୋଲରି ଶାମୁକା ସ୍ଥଳୀର ପାଦଦେଶରେ ପାଳିତ ହେଉଥିବା ଏହି ଯାତ୍ରା ଉତ୍ସବ ମହାସମାରୋହରେ ପଞ୍ଚୁପଲ୍ଲୀ ସୀମା ଗ୍ରାମବାସୀମାନଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ଚଳିତବର୍ଷ ଦର୍ଶକଙ୍କ ସମାଗମ ବେଶ୍ ପରିଲକ୍ଷିତ ହୋଇଥିବା ଦେଖାଯାଇଥିଲା। ସପ୍ତମୀ ଦିନ ରାତ୍ରୀରେ ମାହେନ୍ଦ୍ର ବେଳାରେ ଗାଦିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ମୁଖ୍ୟ ଅତିଥି ଭାବରେ ଆସୁଥିବା ଶ୍ରୀ ଶ୍ରୀ କଳିଯୁଗେଶ୍ୱର ମହାଦେବ ପାଟ ପଟୁଆର ସହିତ ଆସିଥିଲେ। ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଆଜ୍ଞାମାଳ ନେଇ ଶ୍ରୀ ଶ୍ରୀ କଳିଯୁଗେଶ୍ୱର ଦେବଙ୍କୁ ପାଛେଟି ଆଣିଥିଲେ କମିଟିର ସଂପାଦକ ଓ ସଦସ୍ୟ ବୃନ୍ଦ। ଉଭୟ ଠାକୁର ନିଜନିଜ ଆସନରେ ଉପବେସନ କରିବା ପରେ ଅନ୍ୟ ଠାକୁରମାନେ ଯଥାରୀତି ନିଜ ନିଜର ଆସନ ଅଳଙ୍କୃତ କରିଥିଲେ। ଗ୍ରାମବାସୀ ଠାକୁରମାନଙ୍କୁ ବେଶ୍ ଭଲ ଭାବରେ ସୁସଜ୍ଜିତ କରି ପାଟ ପଟୁଆର ସହିତ ଆସିଥିଲେ। ଲାଗୁଥିଲା ସତେ ଯେମିତି ସ୍ୱର୍ଗରୁ ଦେବତାମାନେ ଏଠାରେ ଅବସ୍ଥାପିତ ହୋଇ ଦେବସଭା କରୁଛନ୍ତି। ସିଖରପଦର ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଓ ସହଯୋଗରେ ଏ ବର୍ଷର ଏହି ସପ୍ତଦୋଳ ଯାତ୍ରା ଉତ୍ସବରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ନିମିତ୍ତ ଖାସ୍‌କରି ରାମ ନାଟକ ପରିବେଷଣ କରାଯାଉଛି। ଭକ୍ତି ଭାବ ଧାରାକୁ ଅକ୍ଷତ ରଖିବାକୁ ଏହି ପ୍ରୟାସ ରାତ୍ରି ପ୍ରାୟ ଦଶଟା ପର୍ଯ୍ୟନ୍ତ ଚାଲିବ। ତେବେ ସପ୍ତଦୋଳ ମେଳଣ ଅପରାହ୍ନ ପାଞ୍ଚଟାରେ ବେଶ୍ ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ ହୋଇଥିବାବେଳେ ଠାକୁରମାନଙ୍କ ବିଦାୟ ମେଲାଣି ବହୁତ ମନଲୋଭା ହୋଇଥିଲା। ୨୨ ବିମାନ ଓ ଚଉଦଳରେ ବିରାଜମାନ ଠାକୁରମାନେ ବିଦାୟ ମେଲାଣି ମାଗିଯିବାର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ ଥିଲା। ସାତ ଘେରା ମେଳଣ ସରିବା ପରେ ଗାଦିଶ୍ୱର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ଠାରୁ ଜଣକ ପରେ ଜଣେ ଠାକୁର ଆସନ୍ତାବର୍ଷକୁ ଏକାଠି ହେବାକୁ ବିଦାୟ ନେଇ ଫେରିଯାଇଥିଲେ। ପଞ୍ଚୁପଲ୍ଲୀ ସୀମା ସପ୍ତଦୋଳ କମିଟି ଓ ଶିଖରପଦର ଗ୍ରାମବାସୀଙ୍କର ମିଳିତ ସହଯୋଗରେ ସପ୍ତଦୋଳ ଯାତ୍ରା ବେଶ୍ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ ହୋଇଥିବା ଜଣାଯାଇଛି। ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା, ପୋଲିସ୍ ବାହିନୀ ଓ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷାକରାଯାଇଥିବା ବେଳେ ସାଧାରଣ ପ୍ରଶାସନ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଭାବରେ ସହଯୋଗ ପ୍ରଦାନ କରାଯାଇଥିଲା।

## ଐତିହାସିକ ମୁନ୍‌ସୀ ମେଳଣ ଶେଷ

**ସାଲେପୁର,୧୧ା୩/ଏନ୍ଏନ୍ଏସ୍:** ଚଳିତ ବର୍ଷ ଶହେ ବର୍ଷ ରେ ପଦାର୍ପଣ କରିଥିବା ସାଲେପୁର ଐତିହାସିକ ମୁନସୀ ମେଳଣ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଫଗୁଦୋଳ ଅବସରରେ ମୁନସୀ ମେଳଣ ଯାକଜମକରେ ପାଳିତ ହୋଇଯାଇଛି। ଏହି ଅବସରରେ ଥାନା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବହୁ ସୁନାମଧନ୍ୟ କଳାକାର ମାନେ ଯୋଗ ଦେଇ ସଙ୍ଗୀତ ପରିବେଷଣ କରିଥିଲେ। ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ମୁନିସି ମେଳଣ କମିଟି ପକ୍ଷରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହୋଲି ଦିନ ସନ୍ଧ୍ୟାରୁ ମେଳଣ ପଡିଆରେ ଶହ ଶହ ଦୋକାନ ଖୋଲିଯାଇ ପରଦିନ ଦିନ ୧୨ଟା ପର୍ଯ୍ୟନ୍ତ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଚନ୍ଦ୍ରାଦେଇପୁର, ଲୁଣହାର, ରାଘପୁର, ମାଛୁଆଡି, ପୁରୁଷୋତ୍ତମପୁର ଆଦି ବିଭିନ୍ନ ଗ୍ରାମର ଠାକୁର ସୁସଜିତ ବିମାନ ଶୋଭାଯାତ୍ରାରେ ମେଳଣ ପଡିଆକୁ ଆସିଥିଲେ। ସାଲେପୁର ଥାନା ପକ୍ଷରୁ ଠାକୁରଙ୍କ ନିକଟରେ ଭୋଗଲାଗି କରାଯାଇ ଥିଲା। ସାଲେପୁର ଆଦର୍ଶ ଥାନା ପରିସର ମେଳଣ ପରିପେକ୍ଷୀରେ ସାଜସଜ୍ଜାରେ ଝଲସୁଥିବା ବେଳେ ହଜାର ହଜାର ସାଧାରଣ ଜନତାଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମେଳଣକୁ ଆସୁଥିବା ବିଭିନ୍ନ ବିମାନ ପାରମ୍ପାରିକ ବାଜା, ଘଣ୍ଟ ଓ ଘଣ୍ଟା ବଜାଇ ଶୋଭାଯାତ୍ରାରେ ଆସୁଥିବା ବେଳେ ଷଣ୍ଢ, ଘୋଡା ଓ ସଖି ନାଚ ଦର୍ଶକଙ୍କୁ ବିମୋହିତ କରିଥିଲେ। ଚଳିତ ବର୍ଷ ବିନା ଆତସବାଜିରେ ମୁନସୀ ମେଳଣ ଅନୁଷ୍ଠିତ ହୋଇଥିବା ଦେଖା ଯାଇଥିଲା। ଏହି ମେଳଣ ଦେଖିବାକୁ ସାଲେପୁର ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**ଅସ୍ତରଙ୍ଗ,୧୧ା୩/ଏନ୍ଏନ୍ଏସ୍:** ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷା ପ୍ରଶାସକ ସ୍ୱର୍ଗତ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ବିୟୋଗରେ ନିମ୍ନମାଧ୍ୟମିକ ଶିକ୍ଷକ ସଙ୍ଘ ପକ୍ଷରୁ ପୁରୀ ଜିଲ୍ଲା ସମ୍ପାଦକ ଶିବ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କୁସୁପୁର ଅଞ୍ଚଳର ଜଣେ ଜଣାଶୁଣା ସରଳ, ନିଷ୍କପଟ ମିଷ୍ଟଭାଷୀ, ସମୟାନୁବର୍ତ୍ତୀ, ସୁସଂଗଠକ ତଥା ସୁନାମଧନ୍ୟ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା ପ୍ରଶାସକ ସ୍ୱର୍ଗତ ପଣ୍ଡାଙ୍କ ଦେହାନ୍ତ ନିମ୍ନମାଧ୍ୟମିକ ଶିକ୍ଷକ ସଂଘ (ଓଲୋଷ୍ଟା) ତଥା ଶିକ୍ଷକ ସମାଜ ପାଇଁ ଏକ ଅଭୁତପୂର୍ବ କ୍ଷତି ଘଟାଇଛି। ଏହି ଦୁଃଖଦ ଘଟଣାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଦୈତାରୀ ବେହେରା, ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ସଦାଶିବ ସାହୁ, ସଭାପତି, ପ୍ରଦୀପ କୁମାର ପ୍ରଧାନ, ସୁଦର୍ଶନ ସ୍ୱାଇଁ, ଅନାଥ କୁମାର ପରିଡ଼ା, ବାଳକୃଷ୍ଣ ସେନାପତି, ସତ୍ୟରଞ୍ଜନ ମିଶ୍ର, ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ।

## ପ୍ରଥମ ପୃଷ୍ଠାରୁ

# ଦେଶରେ ପ୍ରଥମ ଇଚ୍ଛାମୃତ୍ୟୁ ...

ଜଷ୍ଟିସ ଜେ.ବି. ପାରଦିୱାଲା କହିଥିଲେ, 'ଏହା ଆମ ପାଇଁ ଏକ କଠିନ ନିଷ୍ପତ୍ତି, କିନ୍ତୁ ହରିଶଙ୍କୁ ଏମିତି ଅବସ୍ଥାରେ ଛାଡ଼ିଦେବା ଅମାନବୀୟ ହେବ।' କୋର୍ଟ ହରିଶଙ୍କ ଦେହରେ ଲାଗିଥିବା କୃତ୍ରିମ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି। ତାଙ୍କୁ ଇଚ୍ଛାମୃତ୍ୟୁ ପାଇଁ ମଞ୍ଜୁରୀ ମିଳିଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ହରିଶଙ୍କ ୧୩ ବର୍ଷର ଯନ୍ତ୍ରଣାଦାୟକ ଯାତ୍ରାର ଅନ୍ତ ଘଟିବାକୁ ଯାଉଛି। କେହି କେହି ଏହାକୁ ମୃତ୍ୟୁ କହୁଥିବା ବେଳେ, ହରିଶଙ୍କ ବାପା-ମା'ଙ୍କ ପାଇଁ ଏହା ହେଉଛି ପୁଅକୁ ନର୍କ ଯନ୍ତ୍ରଣାରୁ ମୁକ୍ତି ବୋଲି କହିଛନ୍ତି।

# ମମତାଙ୍କୁ ମୋହନଙ୍କ ଚିଠି ...

ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ମମତା ବାନାର୍ଜୀ ଜୀଙ୍କୁ ପତ୍ର ଲେଖି ମୁଁ ମୋର ଗଭୀର ଚିନ୍ତା ବ୍ୟକ୍ତ କରିବା ସହ ନିଜର ଆପତ୍ତି ଜଣାଇଛି। ମୋର ଆଶା, ପଶ୍ଚିମବଙ୍ଗ ସରକାର ଓ ମୁଖ୍ୟମନ୍ତ୍ରୀ ଏହି ଘଟଣାର ଗମ୍ଭୀରତାକୁ ଅନୁଭବ କରି ନିଜର ଭୁଲ୍ ସ୍ୱୀକାର କରିବେ ଏବଂ ରାଷ୍ଟ୍ରପତିଙ୍କ ପ୍ରତି ଉଚିତ୍ ସମ୍ମାନ ପ୍ରଦର୍ଶନ କରିବେ।

# ଟ୍ରାକ୍ କର, ଫେରାଇ ...

ନିମ୍ନଲିଖିତମତେ ଯୋଗାଯୋଗ କରିବା ପାଇଁ ଟେଲିଫୋନ ନମ୍ବର ଜାରି କରାଯାଇଛି । ୧୮୦୦୧୧୮୭୯୭, +୯୧ ୧୧ ୨୩୦୧ ୨୧୧୩, +୯୧ ୧୧ ୨୩୦୧ ୪୧୦୪, +୯୧ ୧୧ ୨୩୦୧ ୭୯୦୫। କ୍ଣ୍ଟ୍ରୋଲ ରୁମ୍ ନମ୍ବରକୁ ସକାଳ ୯ ଟା'ରୁ ରାତି ୯ ଟା ପର୍ଯ୍ୟନ୍ତ ଫୋନ୍ କରିହେବ। ଅନ୍ୟପକ୍ଷରେ ମଧ୍ୟ ପ୍ରାଚ୍ୟ ଅଞ୍ଚଳରେ ଚାଲିଥିବା ଅସ୍ଥିର ପରିସ୍ଥିତିରେ ପ୍ରବାସୀ ଓଡ଼ିଆମାନଙ୍କର ସୁରକ୍ଷା ସଂପର୍କରେ ସଦ୍ୟ ସ୍ଥିତି ଅନୁଧ୍ୟାନ ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆଦିଲ୍ଲୀସ୍ଥିତ ପ୍ରମୁଖ ଆବାସିକ କମିଶନର ବିଶାଳ ଗଗନ, ଅତିରିକ୍ତ ପ୍ରମୁଖ ଆବାସିକ କମିଶନର ସୁଚରିତା ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଯୋଗଦେଇଥିବା ବେଳେ ଲୋକସେବା ଭବନରୁ ଓଡ଼ିଶା ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ତଥା ଓଡ଼ିଶା ପରିବାରର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟକେତନ ଉପାଧ୍ୟାୟ ଏବଂ ମଧ୍ୟ ପ୍ରାଚ୍ୟରୁ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବିଭାଗ ତରଫରୁ ନିୟୋଜିତ ନୋଡାଲ ଅଧିକାରୀ ପ୍ରିତିଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରମୁଖ ଆବାସିକ କମିଶନର ଶ୍ରୀ ଗଗନ ବୈଠକରେ କହିଥିଲେ ଯେ ମଧ୍ୟ ପ୍ରାଚ୍ୟରୁ ଆକାଶ ପଥରେ ବିମାନ ସେବା କ୍ଷେତ୍ରରେ ନିରାପତ୍ତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ଏସବୁକୁ ଦୃଷ୍ଟିରେ ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହିତ ଅନୁଷ୍ଠିତ ବୈଠକର ଆଲୋଚନା ଓ ନିଷ୍ପତ୍ତି ସଂପର୍କରେ ସେ ସୂଚନା ଦେଇ କହିଥିଲେ ଯେ ସରକାରୀ ବିମାନ ସେବା ଅଧିକ ବଢାଇବା ପାଇଁ ବିମାନ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଦେଶିକ ମନ୍ତ୍ରଣାଳୟରୁ ଗତ ମାର୍ଚ୍ଚ ୯ ତାରିଖ ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ ସ୍ୱତନ୍ତ୍ର ବେସାମରିକ ମାଧ୍ୟମରେ ପ୍ରାୟ ୬୫,୦୦୦ ପ୍ରବାସୀ ଭାରତୀୟ ସୁରକ୍ଷିତ ଭାବେ ଦେଶକୁ ଫେରିଆସିଛନ୍ତି। ଏଥିରେ ୩୫ ଜଣ ଓଡ଼ିଆ ପର୍ଯ୍ୟଟକ ଦୁବାଇରେ ଏୟାରସ୍ପେସ ବନ୍ଦ ଥିବାରୁ ଅଟକି ରହିଥିଲେ। ୭ ମାର୍ଚ୍ଚରେ ୯ ଜଣ ପର୍ଯ୍ୟଟକ କୋଚି ବିମାନ ମାର୍ଗରେ ଫେରି ଭୁବନେଶ୍ୱର ବିମାନବନ୍ଦରକୁ ପହଞ୍ଚିଥିଲେ। ଅବଶିଷ୍ଟ ୨୪ ଜଣ ପର୍ଯ୍ୟଟକ ୮ ମାର୍ଚ୍ଚରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ସ୍ୱତନ୍ତ୍ର ବିମାନ ଯୋଗେ ମୁମ୍ବାଇ ମାର୍ଗରେ ଫେରି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିବା ଜଣାଯାଇଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ଉପାଧ୍ୟାୟ ସୂଚନା ଦେଇ କହିଥିଲେ ଯେ, ମଧ୍ୟ ପ୍ରାଚ୍ୟରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ ପ୍ରାୟ ୨୦୦ଟି ଫୋନ୍ କଲ୍ ଗ୍ରହଣ କରିଥିଲା। ପରେ ସେମାନଙ୍କୁ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଖୋଲାଯାଇଥିବା ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମର ଟୋଲ୍ ଫ୍ରି ହେଲ୍ପଲାଇନ୍ ନମ୍ବର (୧୮୦୦-୧୧୮-୧୧୮-୭୯୭) ସହିତ ମଧ୍ୟ ପ୍ରାଚ୍ୟରେ ଥିବା ଭାରତୀୟ ଦୂତାବାସଙ୍କ ନମ୍ବର ସହିତ ଯୋଡ଼ାଯାଇଥିଲା । ଏହା ସହିତ ନିର୍ଦ୍ଦେଶାଳୟ ତରଫରୁ ଦୂରଭାଷ ଯୋଗେ ଆସୁଥିବା କଲଗୁଡ଼ିକୁ ଦୁବାଇ, ଆବୁଧାବି ଓ ବାହାରିନରେ ରହୁଥିବା ଓଡିଆ ଅନୁଷ୍ଠାନମାନଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇଥିଲା । ସୂଚନା ଯୋଗ୍ୟ ଯେ, ଗତ ୨ ମାର୍ଚ୍ଚରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏ ସଂପର୍କରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ଏହି ବୈଠକରେ ଓଡିଶା ପରିବାର ନିର୍ଦ୍ଦେଶାଳୟ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଓଏସଡି ପ୍ରିତିଶ ପଣ୍ଡାଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ଆଜିର ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ମଧ୍ୟ ପ୍ରାଚ୍ୟରେ ଅଟକି ରହିଥିବା ଓଡ଼ିଆ ଲୋକମାନଙ୍କର ଉଦ୍ଧାର ଓ ସୁରକ୍ଷା ପାଇଁ ୩ ଜଣ ଯୋଗାଯୋଗ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସେମାନେ ହେଲେ 'ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ'ର ନିର୍ଦ୍ଦେଶକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡଃ. ବିଜୟକେତନ ଉପାଧ୍ୟାୟ ( ଦୂରଭାଷ ନମ୍ବର-୮୨୬୦୪୩୧୭୨୭), ଓଡ଼ିଶାର ନୂଆଦିଲ୍ଲୀ ସ୍ଥିତ ଅତିରିକ୍ତ ଆବାସିକ କମିଶନର ସୁଚରିତା ଷଡ଼ଙ୍ଗୀ( ଦୂରଭାଷ ନମ୍ବର୯୮୧୮୮୪୮୭୮୭) ଏବଂ ପୂର୍ବରୁ ନିୟୋଜିତ ଥିବା ନୋଡାଲ ଅଧିକାରୀ ଶ୍ରୀଯୁକ୍ତ ପଣ୍ଡା (୯୫୮୩୩୨୧୯୬୪)। ଏଥି ସହିତ ପ୍ରମୁଖ ଆବାସିକ କମିଶନର କାର୍ଯ୍ୟାଳୟ,ନୂଆଦିଲ୍ଲୀକୁ ନୋଡାଲ କାର୍ଯ୍ୟାଳୟ ଭାବେ ନିୟୋଜିତ କରାଯାଇଛି। ଉକ୍ତ କାର୍ଯ୍ୟାଳୟ ପ୍ରବାସୀ ଓଡିଆମାନଙ୍କର ଉଦ୍ଧାର ଓ ସୁରକ୍ଷା ସଂପର୍କିତ ତଥ୍ୟ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ ରଖି ଓଡ଼ିଶା ସରକାରଙ୍କୁ ନିୟମିତ ଅବଗତ କରାଇବେ। ଭାରତ ସରକାରଙ୍କ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା( ପ୍ରୋଟେକ୍ଟର ଅଫ ଏମିଗ୍ରାଣ୍ଟସ୍ ), ପ୍ରବାସରେ କାର୍ଯ୍ୟ କରୁଥିବା ଓଡ଼ିଆ ଲୋକମାନଙ୍କ ସହିତ ସମ୍ପର୍କରେ ରହି ସେମାନଙ୍କର ଉଦ୍ଧାର ଓ ସୁରକ୍ଷା ଆଦି କାର୍ଯ୍ୟରେ ସହଯୋଗ କରିବେ। ପରିସ୍ଥିତିକୁ ନଜରରେ ରଖି ସଂପୃକ୍ତ ସମସ୍ତ ବିଭାଗ ଏବଂ ଅଧିକାରୀମାନଙ୍କୁ ସଜାଗ ରହି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ଭୁଶୁଡୁଛି ମାଓ ଗଡ଼ ...

ପୁରସ୍କାର ଘୋଷଣା କରାଯାଇଥିଲା। ପଶ୍ଚିମ ବସ୍ତରର ରାହୁଲ ତେଲାମ, ପାଣ୍ଡୁ କୋଭାସି ଓ ଝିଟ୍ରୁ ଓୟାମ, ପୂର୍ବ ବସ୍ତରର ରାମଧର ଓରଫ ବୀରୁ, ଉତ୍ତର ବସ୍ତରର ମାଲେଶ ଭଳି ବରିଷ୍ଠ ମାଓବାଦୀ ଆଜି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି।ଆତ୍ମସମର୍ପଣ କରିଥିବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଦସ୍ୟମାନେ ହେଲେ ପିପୁଲ୍ସ ଲିବେରେସନ ଗରିଲା ଆର୍ମି ବାଟାଲିୟନର ମୁଚାକି ଓ ଆନ୍ଧ୍ର-ଓଡ଼ିଶାର ସୀମାର ଡିଭିଜନାଲ କମିଟି ସଦସ୍ୟ କୋସା ମାଣ୍ଡଭୀ। ସୁରକ୍ଷାକର୍ମୀମାନେ ନକ୍ସଲଙ୍କ ଠାରୁ ସୂଚନା ପାଇବା ପରେ ଏମିତି ଏକ ସ୍ଥାନରେ ରେଡ କରିଥିଲେ। ସେଠାରୁ ସେମାନଙ୍କୁ ଏକେ ୪୭ ରାଇଫଲ, ଇନସାସ ରାଇଫଲ, ଏସଏଲଆର ରାଇଫଲ, ଲାଇଟ ମେସିନ ଗନ, .୩୦୩ ରାଇଫଲ ଓ ଗ୍ରେନେଡ ଲଞ୍ଚର ଭଳି ଶତାଧିକ ଅସ୍ତ୍ରଶସ୍ତ୍ର ମିଳିଛି। ବିଜାପୁରର ୩୭ ଜଣ, ଦାନ୍ତେୱାଡର ୩୦ ଜଣ, ସୁକମାର ୧୮ ଜଣ, ବସ୍ତରର ୧୬ ଜଣ, ନାରାୟଣପୁରର ୪ ଜଣ ଓ କାଙ୍କେରର ୩ ଜଣ ଆଜି ଆତ୍ମସମର୍ପଣ କରିଥିବା ଆଇଜି ସୂଚନା ଦେଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ପୁଲିସ ନିକଟରେ ବୁଧବାର ୧୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୭ ଜଣ ମହିଳା ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲ ଛତିଶଗଡ଼ର ଓ ସେମାନେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ ଡିଭିଜନରେ ସକ୍ରିୟ ଥିଲେ। ଏ ସମସ୍ତଙ୍କ ମୁଣ୍ଡ ଉପରେ ମିଶି ସରକାର ମୋଟ୍ ୧ କୋଟି ୧୫ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଆତ୍ମସମର୍ପଣ କରିଥିବା ଏହି ୧୦ ଜଣ ନକ୍ସଲଙ୍କ ମଧ୍ୟରେ ଜଣେ ରାଜ୍ୟ କମିଟି ସଦସ୍ୟ ଥିବା ବେଳେ ଜଣେ ଡିଭିସିଏମ୍, ଦୁଇ ଜଣ ଏସିଏମ୍ ଓ ୬ ଜଣ ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ନିତୁ, ଅନୁପା, ସୁନୀଲ, ସୁନିତା, ଶିଳ୍ପା, ଯମୁନା, ଗଣେଶ କୁଞ୍ଜା, ସୁଶିଳା ଡୁଡି, ସରିତା କୁମ ଦାମ୍, ଚୁଡ଼ି ଯୋଗୀ ଓରଫ୍ ରଜନୀ। ଆତ୍ମସମର୍ପଣ କରିଥିବା ରାଜ୍ୟ କମିଟି ସଦସ୍ୟ ଜଣଙ୍କ ହେଉଛନ୍ତି ସନୁ ପୋଟ୍ଟାମ ଓରଫ ନିତୁ (୪୮)। ତାଙ୍କଠାରୁ ଗୋଟିଏ ଇନ୍‌ସାସ୍ ରାଇଫଲ ଓ ୧୨ ରାଉଣ୍ଡ ଗୁଳି ଜବତ କରାଯାଇଛି। ତାଙ୍କ ମୁଣ୍ଡ ଉପରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେହିଭଳି ଆତ୍ମସମର୍ପଣ କରିଥିବା ଡିଭିସିଏମ୍‌ଙ୍କ ନାଁ ହେଉଛି ଅନୁପା (୪୫)। ତାଙ୍କଠାରୁ ମଧ୍ୟ ଗୋଟିଏ ଇନ୍‌ସାସ୍ ରାଇଫଲ ଓ ୧୨ ରାଉଣ୍ଡ ଗୁଳି ଜବତ କରାଯାଇଛି। ତାଙ୍କ ମୁଣ୍ଡ ଉପରେ ୨୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ଦୁଇ ଏରିଆ କମିଟି ମେମ୍ବରଠାରୁ ୨ଟି ଏସ୍‌ଏଲଆର ରାଇଫଲ୍ ସହ ୨୨ ରାଉଣ୍ଡ ଗୁଳି ଜବତ କରାଯାଇଛି। ଉଭୟଙ୍କ ମୁଣ୍ଡରେ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ରହିଥିଲା। ଆତ୍ମସମର୍ପଣ କରିଥିବା ୬ ପାର୍ଟି ମେମ୍ବରଙ୍କଠାରୁ ୨ଟି ସିଙ୍ଗଲ୍ ଶର୍ଟ ଗନ୍, ୩ଟି ୩୦୩ ରାଇଫଲ, ଗୋଟିଏ ୧୨ ବୋରଗନ୍ ଏବଂ ୫୯ଟି ଗୁଳି ଜବତ କରାଯାଇଛି। ସେମାନଙ୍କ ମୁଣ୍ଡ ଉପରେ ୨ ଲକ୍ଷ ୭୫ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ରହିଥିଲା। ଫୁଲବାଣୀର ରିଜର୍ଭ ପୁଲିସ ପଡ଼ିଆରେ ଆୟୋଜିତ ଏହି ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ଏଡିଜେ (ନକ୍ସଲ ବିରୋଧୀ ଅପରେସନ) ସଂଜୀବ ପଣ୍ଡା, ସ୍ପେଶାଲ ଇଣ୍ଟେଲିଜେନ୍‌ସ ୱିଙ୍ଗ ଡିଆଇଜି ଅଖିଳେଶ୍ୱର ସିଂହ, ଦକ୍ଷିଣାଞ୍ଚଳ ଡିଆଇଜି ନୀତି ଶେଖର, ଆଇଜି (ଅପେରସନ) ଡାକ୍ତର ଦୀପକ କୁମାର, ଆଇଜି (ସିଆରପିଏଫ୍) ଅମିତେନ୍ଦ୍ରନାଥ ସିହ୍ନା, ଡିଆଇଜି (ସିଆରପିଏଫ୍) ଦିଲ୍ଲୀପ ସିଂହ, କନ୍ଧମାଳ ଏସ୍‌ପି ହରିଶ ବି. ସି ଓ ବାଲିଗୁଡ଼ା ଏସଡିପିଓ ଭୋସଲେ ସ୍ୱରଣ ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ।

# ୬୯ ମଣ୍ଡି ନୋଡାଲ ଅଫିସରଙ୍କ ...

ଏହି କାର୍ଯ୍ୟାନୁଷ୍ଠାନର ପରିସରଭୁକ୍ତ ହୋଇଛନ୍ତି । ବିରିଡ଼ି, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ନାଉଗାଁ, ଜଗତସିଂହପୁର, ଏରସମା ଏବଂ ବାଲିକୁଦା ସମସ୍ତ ବ୍ଲକ୍‌ରେ ଥିବା ବିଭିନ୍ନ ନୋଡାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ୩ ଦିନ ଭିତରେ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଆଦେଶନାମା ଅନୁଯାୟୀ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ୬୯ ଜଣ ଅଧିକାରୀଙ୍କ ଦରମା ବନ୍ଦ ରହିବ। ଏଥିସହିତ ସମସ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । କେଉଁ ପରିସ୍ଥିତିରେ ସେମାନେ କାର୍ଯ୍ୟରେ ଅବହେଳା କରିଛନ୍ତି, ସେନେଇ ଆସନ୍ତା ୩ ଦିନ ଭିତରେ ଲିଖିତ ଉତ୍ତର ରଖିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଚାଷୀଙ୍କ ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ। କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଆଗକୁ ମଧ୍ୟ ଏଭଳି କଠୋର ପଦକ୍ଷେପ ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ

**କଟକ,୧୧।୩/ଏନ୍‌ଏନ୍‌ଏସ୍:** ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଆଜି ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଆଶାକର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଆଶାକର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ସେହିପରି ଗାଁ କଲ୍ୟାଣ ସମିତି ମାଧ୍ୟମରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ସହ ଏକ ମାସ ପୂର୍ବରୁ ଗର୍ଭବତୀ ମହିଳାମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଡାକ୍ତରଙ୍କ ନିକଟକୁ ନେଇ




ରିପୋର୍ଟ ସଂଗ୍ରହ କରିବାକୁ ଉପସ୍ଥିତ ଆଶାକର୍ମୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ର, ଆଶାକର୍ମୀଙ୍କ ସମେତ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ନିମନ୍ତେ କାର୍ଯ୍ୟକର୍ତ୍ତାମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ ହୋତା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମିଳନୀରେ ଜିଲ୍ଲା ସଂଯୋଜକ କମ୍ୟୁନିଟି ପ୍ରୋସେସ୍ ନୃସିଂହ ଚରଣ ସ୍ୱାଇଁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଚିନ୍ତାମଣି ସାହୁ, ଡ. ବସନ୍ତ ସାହୁ ଓ ଟି ନାରାୟଣ ରାଓଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମନ୍ଦାକିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ନିୟମ ଉଲ୍ଲଙ୍ଘନ ବିରୋଧରେ ୨୧ରୁ ସ୍ୱତନ୍ତ୍ର ଅଭିଯାନ

# ସାରା ରାଜ୍ୟରେ ହେବ ଏନ୍‌ଫୋର୍ସମେଣ୍ଟ୍ ଓ ସଡ଼କ ସୁରକ୍ଷା ସଚେତନତା

**ଭୁବନେଶ୍ୱର,୧୧।୩/ଏନ୍‌ଏନ୍‌ଏସ୍:** ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟା ହ୍ରାସ ଲକ୍ଷ୍ୟରେ ପରିବହନ ବିଭାଗ ଦ୍ୱାରା ହେବ ସ୍ୱତନ୍ତ୍ର ଅଭିଯାନ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଆରଟିଓଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି କରିଛି ରାଜ୍ୟ ପରିବହନ ପ୍ରାଧିକରଣ। ସଡ଼କ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡ଼ାକଡ଼ି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ମାର୍ଚ୍ଚ ୨୧ ରୁ ୩୧ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ଅଭିଯାନ କରାଯିବ। ବିଭିନ୍ନ ସଡ଼କ ଦୁର୍ଘଟଣା ଓ ମୃତ୍ୟୁର ଅନୁସନ୍ଧାନ ଓ ତଥ୍ୟରୁ ଏହା ସ୍ପଷ୍ଟ ହେଉଛି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ବିନା ହେଲମେଟରେ ବାଇକ୍ ଚଳାଇବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା ଏବଂ ଓଭରଲୋଡିଂ ଭଳି ନିୟମ ଉଲ୍ଲଙ୍ଘନ ଯୋଗୁଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ତେଣୁ ନିୟମ ଉଲ୍ଲଙ୍ଘନ କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ଜୀବନ ବିପଦରେ ପକାଉଥିବା ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ଉଭୟ ସଚେତନତା ଓ ଏନଫୋର୍ସମେଣ୍ଟ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଦୁର୍ଘଟଣାପ୍ରବଣ ସ୍ଥାନ, ଜାତୀୟ ଓ ରାଜ୍ୟ ରାଜପଥ, ଖଣି ଓ ଶିଳ୍ପାଞ୍ଚଳ, ସହର ଓ ଗାଁର ମୁଖ୍ୟ ରାସ୍ତା, ପ୍ରମୁଖ ଛକ, ବଜାର ଅଞ୍ଚଳ ଏବଂ ବସ୍ ଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କରାଯିବ। ଦ୍ରୁତଗତି, ମଦ୍ୟପାନ କରି ଗାଡ଼ି ଚଳାଇବା, ବିନା ହେଲମେଟରେ, ଭୁଲ୍ ଦିଗରେ ଗାଡ଼ି ଚଳାଇବା, ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଇବା, ନାବାଳକ ଗାଡ଼ି ଚାଳନା, ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ଏବଂ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଙ୍ଘନ ବିରୋଧରେ କଡ଼ାକଡ଼ି ଯାଞ୍ଚ କରାଯିବ। ଏହା ସହିତ ଖଣି ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର, ଡମ୍ପର, ହାଇୱା ଏବଂ ଅନ୍ୟାନ୍ୟ ଭାରୀ ଯାନଗୁଡ଼ିକର ଡ୍ରାଇଭିଂ ଲାଇସେନ୍ସ, ଓଭରଲୋଡିଂ ଏବଂ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ଏହି ଅଭିଯାନକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ପରିବହନ ବିଭାଗ ଦ୍ୱାରା ଜିଲ୍ଲା ପ୍ରଶାସନ ଓ ପୋଲିସ ସହଭାଗିତାରେ ଏହି ଅଭିଯାନ କରାଯିବ। ଏନଫୋର୍ସମେଣ୍ଟ ସହିତ ଏହି ସମୟ ମଧ୍ୟରେ ବିଭିନ୍ନ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ହେଲମେଟ୍, ସିଟବେଲ୍ଟ ସଚେତନତା, ଦ୍ରୁତଗତିର ଭୟାବହତା ଇତ୍ୟାଦି ସଂପର୍କରେ ସଡ଼କ ବ୍ୟବହାରକାରୀଙ୍କୁ ବୁଝାଯିବ। ସେହିଭଳି ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ଚାଳକ ଓ ଯାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ପରାମର୍ଶ କାର୍ଯ୍ୟକ୍ରମ, ଗାଡ଼ି ମାଲିକ ସଂଘ ଓ ପରିବହନ ୟୁନିଅନ ସହିତ ଆଲୋଚନା ଏବଂ ଶିକ୍ଷାନୁଷ୍ଠାନ ତଥା ସାର୍ବଜନୀନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ବ୍ୟାନର, ଲିଫଲେଟ୍, ସର୍ବସାଧାରଣ ଘୋଷଣା ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଦାୟିତ୍ୱବାନ ଭାବେ ଗାଡ଼ି ଚଳାଇବା ପାଇଁ ବାର୍ତ୍ତା ପ୍ରସାର କରାଯିବ।

ସଡ଼କ ସୁରକ୍ଷାକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଦେଇଥିବା ଆହ୍ୱାନ- ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ ବା କମ୍ ହୋମ୍ ସେଫ୍ ର ଗୁରୁତ୍ୱକୁ ବୁଝାଇବା ଉପରେ ପ୍ରାଥମିକତା ଦିଆଯାଇଛି। ଏହି ଅଭିଯାନ ଅବସରରେ ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ସମସ୍ତ ସଡ଼କ ବ୍ୟବହାରକାରୀଙ୍କୁ ଟ୍ରାଫିକ ନିୟମ ପାଳନ କରିବାକୁ ଏବଂ ସମସ୍ତଙ୍କ ପାଇଁ ସଡ଼କକୁ ସୁରକ୍ଷିତ କରିବାରେ ସହଯୋଗ କରିବାକୁ ନିବେଦନ କରିଛନ୍ତି। ସଡ଼କ ସୁରକ୍ଷା ଅଭିଯାନ ଏକ ସାମୂହିକ ଦାୟିତ୍ୱ। ଏହା ଜୀବନ ରକ୍ଷାର ଏକ ମହତ ଅଭିଯାନ। ତେଣୁ ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରକୁ ଫେରିବାକୁ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ରେଭେନ୍ସା ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ୩ ଦିନିଆ କର୍ମଶାଳା



**କଟକ,୧୧।୩/ଏନ୍‌ଏନ୍‌ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସକାରାତ୍ମକତା, ବୁଝାମଣା ଓ ଅନୁକୂଳନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। କର୍ମଶାଳାକୁ ପିଜି କାଉନ୍‌ସିଲ୍‌ର ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, ମନସ୍ତତ୍ତ୍ୱ ବିଭାଗର ସଂଯୋଜକ ରିତୁ ପାତ୍ର, ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପକ ଏବଂ ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶମିତା ମହାପାତ୍ର ଓ ମନୋ-ଚିକିତ୍ସକ ପ୍ରଫେସର ନୀଳମାଧବ ରଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମନସ୍ତାତ୍ତ୍ୱିକ ଏବଂ ଭାବପ୍ରବଣ ସୁସ୍ଥତା ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଦିଆ ମେହରିନ୍ ପରିଚାଳନା କରିଥିଲେ। ମନସ୍ତତ୍ତ୍ୱ ବିଭାଗର ସିପ୍ରା ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। କଟକ ଜିଲ୍ଲାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ମାନବାଧିକାର କମିଶନ୍‌ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଜନସ୍ୱାର୍ଥ ମାମଲା

**କଟକ,୧୧।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ମାନବାଧିକାର କମିଶନ୍‌ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ, ସଦସ୍ୟ, ସଚିବ, ତଦନ୍ତ ନିର୍ଦ୍ଦେଶକ ଓ କର୍ମଚାରୀ ନିଯୁକ୍ତି ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଜି ଆଡ୍‌ଭୋକେଟ୍ ଜେନେରାଲ ହାଇକୋର୍ଟରେ ହାଜର ହୋଇ ଗୋପନୀୟ ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ କରାଯିବ ବୋଲି କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ମାନବାଧିକାର ସୁରକ୍ଷା ଅଧିନିୟମ ୧୯୯୩ର ଧାରା ୨୧ ଅନୁସାରେ ଜଣେ ଅଧ୍ୟକ୍ଷ ଓ ୨ ଜଣ ସଦସ୍ୟଙ୍କୁ ନେଇ ଓଡ଼ିଶା ମାନବାଧିକାର କମିଶନ ଗଠିତ ହୋଇଛି। ଗତ ଫେବୃଆରୀ ୯ ତାରିଖରେ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସିମ୍ ଅମିତାଭ ଦାଶ ତାଙ୍କ କାର୍ଯ୍ୟକାଳ ପୂରା କରିବା କାରଣରୁ ଏବେ କେବଳ ଜଣେ ସଦସ୍ୟ ଚିତ୍ତରଂଜନ ମହାପାତ୍ରଙ୍କୁ ନେଇ କମିଶନ୍ କାର୍ଯ୍ୟ କରୁଛି। ତେଣୁ ତୁରନ୍ତ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦ ପୂରଣ କରିବା ସହିତ ଏବେ କାର୍ଯ୍ୟରତ ଏକମାତ୍ର ସଦସ୍ୟଙ୍କୁ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ଆବେଦନକାରୀ ମାମଲାରେ ପ୍ରାର୍ଥନା କରିଛନ୍ତି। ଏହି କମିଶନର ପୂର୍ବତନ ସଚିବ ୨୦୨୩ ମସିହାରେ ଓ ପୂର୍ବତନ ତଦନ୍ତ ନିର୍ଦ୍ଦେଶକ ୨୦୨୪ରେ ଅବସର ନେଇଥିବାରୁ ଖାଲି ପଡ଼ିଥିବା ସଚିବ ଓ ତଦନ୍ତ ନିର୍ଦ୍ଦେଶକ ପଦ ପୂରଣ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ସେହିପରି କମିଶନ୍‌ରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଅନୁମୋଦିତ ପଦବୀରୁ ୨୭ଟି ଖାଲି ପଡ଼ିଥିବାରୁ ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ ଆବେଦନରେ ଉଲ୍ଲେଖ କରାଯାଇଛି। ଏହା ସହ କମିଶନରେ ବର୍ତ୍ତମାନ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ମାମଲା ଶୁଣାଣି ପାଇଁ ପଡ଼ି ରହିଛି। କମିଶନ୍ ଦକ୍ଷତାର ସହିତ କାର୍ଯ୍ୟ କରିବାକୁ ଉପରୋକ୍ତ ପଦ ପୂରଣ କରିବା ଅତ୍ୟନ୍ତ ଜରୁରୀ ବୋଲି ଆବେଦନକାରୀ ମାମଲାରେ ଜଣାଇଛନ୍ତି।

# କଟକ ଲେଖକ ସହଯୋଗ ସମିତିର ବାର୍ଷିକ ଉତ୍ସବ



**କଟକ,୧୧।୩/ଏନ୍‌ଏନ୍‌ଏସ୍:** କଟକ ଲେଖକ ସହଯୋଗ ସମିତିର ୪୭ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନଠାରେ ଡାକ୍ତର ରବି ରଂଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନ୍ୟାୟ ମୂର୍ତ୍ତି ପ୍ରମଥ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଖାରବେଳ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ୧୮ ଜଣ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିମା ଶତପଥି ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଅରୁଣା ସାମନ୍ତରାୟ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂପାଦକ ରଘୁନାଥ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ରୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅଶ୍ୱିନୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଖାରଜ ହେଲା ଅନାସ୍ଥା ...

ଏହି ସମୟରେ ଗୃହମନ୍ତ୍ରୀ ଅମିତ ଶାହ୍ ସରକାରଙ୍କ ପକ୍ଷରୁ ୫୬ ମିନିଟ୍ ଧରି ଏହି ପ୍ରସ୍ତାବ ଉପରେ ଉତ୍ତର ଦେଇଥିଲେ। ଏହି ସମୟରେ, ସେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶାହ କହିଛନ୍ତି, 'ଯେଉଁମାନେ ଆଖି ମାରିଥିଲେ ସେମାନେ ଆଜି ବାଚସ୍ପତିଙ୍କୁ ପ୍ରଶ୍ନ କରୁଛନ୍ତି। ସେମାନଙ୍କୁ ନିଜ ଆଚରଣ ଉପରେ ମଧ୍ୟ ପ୍ରଶ୍ନ ଉଠାଇବା ଉଚିତ୍। ଶାହ କହିଛନ୍ତି ଯେ, ୧୮ତମ ଲୋକସଭାରେ କଂଗ୍ରେସ ସାଂସଦମାନେ ଗୃହରେ କହିବା ପାଇଁ ବିଜେପି ତୁଳନାରେ ୨ ଗୁଣ ଅଧିକ ସମୟ ପାଇଥିଲେ। ସେହିପରି ୧୭ତମ ଲୋକସଭାରେ

କଂଗ୍ରେସକୁ ସର୍ବାଧିକ (୧୫୭ ଘଣ୍ଟା ୫୫ ମିନିଟ୍) ସମୟ ମିଳିଥିଲା କହିବା ପାଇଁ। ତଥାପି, ବିରୋଧୀ ନେତାମାନେ ଦାବି କରନ୍ତି ଯେ ସେମାନଙ୍କୁ କହିବାକୁ ଅନୁମତି ଦିଆଯାଉନାହିଁ। ରାହୁଲଙ୍କୁ କଟାକ୍ଷ କରି ଶାହ କହିଛନ୍ତି ଯେ, ଯେତେବେଳେ ଗୃହରେ ମୁଖ୍ୟ ପ୍ରସଙ୍ଗ ଉପରେ କହିବାକୁ ସୁଯୋଗ ଆସେ ସେତେବେଳେ କଂଗ୍ରେସର ଯୁବରାଜ ଜର୍ମାନୀ କିମ୍ବା ଇଂଲଣ୍ଡ ପଳାଇଯାଇଥାନ୍ତି। ଏପରିକି କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଗୁଡ଼ିକ ଏବେ ଯେତେବେଳେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି, ଲୋକସଭାରେ ବିରୋଧୀ ଦଳ ନେତା ଭାବେ ରାହୁଲ ଏହା ଉପରେ ମଧ୍ୟ କିଛି କହୁନାହାନ୍ତି। ଏମିତି ଯଦି ଏପ୍ରକାର ପ୍ରସ୍ତାବ ସେମାନେ ଆଣୁଛନ୍ତି କାହିଁକି ? ବାସ୍ତବିକତା ହେଲା ସେମାନେ ଗୃହରେ କହିବାକୁ ହିଁ ଚାହାନ୍ତି ନାହିଁ। ଗୃହ କିନ୍ତୁ ଗୃହ ନିୟମ ଦ୍ୱାରା ପରିଚାଳିତ ହେବ। ଗୃହକାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରିବା ବାଚସ୍ପତିଙ୍କ ଦାୟିତ୍ୱ। ଏଥିପାଇଁ ସମ୍ବିଧାନ ତାଙ୍କୁ ସ୍ୱତନ୍ତ୍ର କ୍ଷମତା ମଧ୍ୟ ପ୍ରଦାନ କରିଛି। ଗୃହରେ ନିୟମ ଉଲ୍ଲଙ୍ଘନ କରୁଥିବା ବା ବିଶୃଙ୍ଖଳା ସୃଷ୍ଟିକାରୀ ଯେକୌଣସି ବ୍ୟକ୍ତିଙ୍କୁ ଅଟକାଇବା ଏବଂ ବାଧା ଦେବାର ଅଧିକାର ବାଚସ୍ପତିଙ୍କର ଅଛି। ଏହି ଗୃହ ମେଳା ନୁହେଁ; ଯେଉଁମାନେ ନିୟମ ପାଳନ କରନ୍ତି ନାହିଁ ସେମାନଙ୍କର ମାଇକ୍ରୋଫୋନ୍ ବନ୍ଦ କରିଦିଆଯିବ। ଯଦି ଜଣେ ଗୃହ ଅଧ୍ୟକ୍ଷ ଭାବେ ଏପରି କରନ୍ତି ତେବେ ଏହାର ଅର୍ଥ ନୁହେଁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବ। ଏପରି କରୁଥିବା ଦଳ ତଥା ରାଜନେତାମାନଙ୍କ ସଂକୀର୍ଣ୍ଣ ମାନସିକତା ହିଁ ପଦାରେ ପଡ଼ିଥାଏ। ଅନ୍ୟପକ୍ଷେ ଶାହଙ୍କ ଏପ୍ରକାର ବୟାନ୍ ଉପରେ ବିରୋଧୀମାନେ ତାଙ୍କୁ କ୍ଷମା ମାଗିବା ଦାବିରେ ନାରାବାଜି କରିବା ସହ ଗୃହ ମଧ୍ୟଭାଗକୁ ଚାଲିଆସିଥିଲେ।

# ଯୁଦ୍ଧ ନିଆଁରେ ପାଉଁଶ ...

ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲୀ କାଟଜୁ କହିଛନ୍ତି ଯେ ଇରାନ ବିରୁଦ୍ଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ସେ କହିଛନ୍ତି ଯେ ଆମେରିକା ସହିତ ମିଳିତ ଭାବରେ କରାଯାଉଥିବା ଏହି ଅଭିଯାନ ସମସ୍ତ ଉଦ୍ଦେଶ୍ୟ ହାସଲ ନହେବା ପର୍ଯ୍ୟନ୍ତ ଜାରି ରହିବ।

**ଓମାନ ତୈଳ ସଂରକ୍ଷଣ ଟ୍ୟାଙ୍କ ଉପରେ ଡ୍ରୋନ୍ ଆକ୍ରମଣ**

ବୁଧବାର ଦକ୍ଷିଣ ଓମାନ ସହର ସଲାଲାହ ବନ୍ଦରରେ ତୈଳ ସଂରକ୍ଷଣ ଟ୍ୟାଙ୍କ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ସଲାଲାହରେ ବନ୍ଦରରେ ତୈଳ ସଂରକ୍ଷଣ ଟ୍ୟାଙ୍କଗୁଡ଼ିକୁ ଏକ ଡ୍ରୋନ୍ ଆକ୍ରମଣରେ ଟାର୍ଗେଟ୍ କରାଯାଇଥିଲା। ତେବେ ଓମାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଡ୍ରୋନ୍ ଆକ୍ରମଣ ପରେ ବନ୍ଦରରେ ଥିବା ଇନ୍ଧନ ସଂରକ୍ଷଣ ଟ୍ୟାଙ୍କଗୁଡ଼ିକରେ ନିଆଁ ଲାଗିଯାଇଥିଲା, ଯଦିଓ କୌଣସି ମୃତାହତର ସୂଚନା ମିଳିନାହିଁ। ସାମୁଦ୍ରିକ ସୁରକ୍ଷା କମ୍ପାନୀ ଏମ୍ବ୍ରେ ମଧ୍ୟ ରିପୋର୍ଟ କରିଛି ଯେ ଡ୍ରୋନ୍ ବନ୍ଦରର ଇନ୍ଧନ ସଂରକ୍ଷଣ ଟ୍ୟାଙ୍କଗୁଡ଼ିକୁ ଟାର୍ଗେଟ୍ କରିଥିଲା। ଯଦିଓ ଏହି ଆକ୍ରମଣ କିଏ କରିଛି ତାହା ସ୍ପଷ୍ଟ ହୋଇପାରିନାହିଁ କିନ୍ତୁ ଏହାରି ମଧ୍ୟରେ ଆକ୍ରମଣ ପରେ ପରେ ଓମାନର ସୁଲତାନ ହାଇଥାମ୍ ବିନ୍ ତାରିକ ଅଲ୍-ସୟିଦ୍, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ସେ ଓମାନ ଅଞ୍ଚଳରେ ଏପ୍ରକାର ଆକ୍ରମଣକୁ ନେଇ ପେଜେସ୍କିଆନ୍‌ଙ୍କ ସମ୍ମୁଖରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୟିଦ୍ କହିଛନ୍ତି ଯେ, ଓମାନ ଏହାର ସୁରକ୍ଷା ଏବଂ ସ୍ଥିରତା ବଜାୟ ରଖିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବ। ଅଲ-ଜାଜିରା ରିପୋର୍ଟ କରିଛି ଯେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଉପସାଗରୀୟ ଅଞ୍ଚଳରେ ଶକ୍ତି ପ୍ରତିଷ୍ଠାନ ଉପରେ ଇରାନର ଆକ୍ରମଣ ବୃଦ୍ଧି ପାଉଛି। ଏହାରି ମଧ୍ୟରେ ଆମେରିକା-ଇସ୍ରାଏଲୀ ଘାଟିରେ ୩୯ତମ କ୍ଷେପଣାସ୍ତ୍ର ମାଡ଼ କରିଥିବା ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଦାବି କରିଛି। ସେହିପରି କୁଏତ ଏବଂ ବାହାରିନରେ ଥିବା ଆମେରିକୀୟ ଘାଟିରେ ଇରାନ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଥିବା ମଧ୍ୟ ସୂଚନା ମିଳିଛି। ଆଇଆରଜିସିର ଏକ ବିବୃତ୍ତି ଅନୁଯାୟୀ, କୁଏତରେ ଅଲ-ଉଦୟରି ହେଲିକପ୍ଟର ବାୟୁ ଘାଟି, ମହମ୍ମଦ ଅଲ-ଅହମଦ ନୌସେନା ଘାଟି ଏବଂ ଅଲି ଅଲ-ସାଲେମ ବାୟୁ ଘାଟିକୁ ଟାର୍ଗେଟ କରାଯାଇଥିଲା। ଇରାନୀ ଗାର୍ଡସ ମଧ୍ୟ ଦାବି କରିଛି ଯେ ବାହାରିନରେ ଥିବା ଏକ ନୌସେନା ଘାଟିରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରାଯାଇଥିଲା ଯେଉଁଠାରେ ଆମେରିକୀୟ ସୈନ୍ୟଙ୍କ ଉପସ୍ଥିତିର ପ୍ରମାଣ ମିଳିଥିଲା।

**ଟ୍ରମ୍ପ ଓ ନେତାନ୍ୟାହୁ ମଧ୍ୟପ୍ରାଚ୍ୟରେ ଅଶାନ୍ତି ସୃଷ୍ଟି କରୁଛନ୍ତି: କିମ୍ ଜୋଙ୍ଗ୍ ଉନ୍**

ଏସବୁ ମଧ୍ୟରେ ଯୁଦ୍ଧରେ ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ମଧ୍ୟ ମୁହଁ ଖୋଲିଛନ୍ତି। ସେ ଇରାନ୍‌ରେ ମୋଜତବା ଖାମନେଇଙ୍କୁ ସୁପ୍ରିମ୍ ଲିଡର ନିଯୁକ୍ତ କରାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କିମ୍ କହିଛନ୍ତି ଇରାନ୍ ନିଜର ସୁପ୍ରିମଲିଡର ଚୟନ କରିବାର ଅଧିକାର ରଖେ। ଏଥିରେ ଅନ୍ୟ କୌଣସି ଦେଶ ମୁଣ୍ଡ ଖେଳାଇବା ଉଚିତ୍ ନୁହେଁ। କିମ୍ ସିଧାସଳଖ ମଧ୍ୟପ୍ରାଚ୍ୟରେ ଏପ୍ରକାର ଯୁଦ୍ଧ ପରିସ୍ଥିତି ପାଇଁ ଆମେରିକା ଏବଂ ଇସ୍ରାଏଲ୍‌କୁ ଦାୟୀ କରିଛନ୍ତି। ଟ୍ରମ୍ପ ଏବଂ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଞ୍ଚଳିକ ଶାନ୍ତିକୁ ନଷ୍ଟ କରୁଛନ୍ତି ବୋଲି କିମ୍ କହିଛନ୍ତି।

# ଭିଜିଲାନ୍ସ ଜାଲରେ ...

ଜିଲ୍ଲା ମାର୍ଶାଘାଇ ଥାନା ଅଞ୍ଚଳରେ ଥିବା ତାଙ୍କର ଅନ୍ୟ ଜଣେ ସଂପର୍କୀୟଙ୍କ ଘରେ, କଣ୍ଟାପଡ଼ା ସ୍ଥିତ ଅଫିସ୍ ଚାମ୍ବର ଓ ସରକାରୀ ବାସଭବନରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ଭିଜିଲାନ୍ସର ୨ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସ୍‌ପି, ୧୧ ଜଣ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। କଟକର ସ୍ପେଶାଲ ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା।

# ଭାରତ ଆସୁଥିବା ଥାଇ ...

ହୋଇଛି। ଆକ୍ରମଣରେ ଜାହାଜଟିର ପଛପଟେ ଆକ୍ରମଣ ହୋଇଥିଲା, ଯାହା ଫଳରେ ଇଞ୍ଜିନ୍ ରୁମ୍‌ରେ ନିଆଁ ଲାଗିଯାଇଥିଲା। ଥାଇ ଅଧିକାରୀଙ୍କ ଅନୁଯାୟୀ, ରୟାଲ୍ ଥାଇ ନୌସେନା ପରିସ୍ଥିତି ଉପରେ ନଜର ରଖିଛି ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ସହିତ କାମ କରୁଛି।

କଥକ ଏକ ପ୍ରାଚୀନ ନୃତ୍ୟ ଶୈଳୀ ଯାହାର ଉଲ୍ଲେଖ ମହାଭାରତ ଗ୍ରନ୍ଥରୁ ମିଳେ। ଭକ୍ତିକାଳରେ ମନ୍ଦିର ସହିତ ଜଡ଼ିତ ଥିଲା ଏହି ନୃତ୍ୟ ଶୈଳୀ ଓ ପରବର୍ତ୍ତୀ ସମୟରେ ମୋଗଲ ଦରବାରଗୁଡ଼ିକରେ ମଧ୍ୟ ଏହା ପ୍ରଚଳିତ ଥିଲା। ଏଥିରେ ଶରୀରର ସିଧା ସନ୍ତୁଳନ, ହାତଗୁଡ଼ିକର ମୁଦ୍ରା ଓ ଚେହେରାର ଭାବଗୁଡ଼ିକର ପ୍ରୟୋଗର କାହାଣୀ ଦେଖିବାକୁ ମିଳେ। ବିଶେଷ କରି ଉତ୍ତର ଭାରତର ଏକ ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟ ଶୈଳୀ କଥକର ଉତ୍ପତ୍ତି ପ୍ରାଚୀନ କାଳରେ କଥାକାରମାନଙ୍କ ଦ୍ୱାରା ମନ୍ଦିରରେ କଥା ଭାବରେ ଆରମ୍ଭ ହୋଇଥିଲା। କଥକର ଅର୍ଥ କାହାଣୀ କହିବା ଯାହା ପାଦର ଦ୍ରୁତ ସଂଚାଳନ, ଘୁଙ୍ଗୁରର ଆକର୍ଷଣ ଓ ହାବ-ଭାବ ଦ୍ୱାରା କୃଷ୍ଣ କଥା ଓ ପୌରାଣିକ ଗାଥାଗୁଡ଼ିକୁ ଦର୍ଶାଇଥାଏ। ଏହାର ପ୍ରମୁଖ ଘରାନାଗୁଡ଼ିକ ହେଉଛି ଲକ୍ଷ୍ନୌ, ଜୟପୁର ଓ ବନାରସ୍। ଏହି କ୍ରମରେ ଜାଣିବା କଥକ ନୃତ୍ୟ ଶିଳ୍ପୀ ଗୌରୀ ଶର୍ମା ତ୍ରିପାଠୀଙ୍କ ବିଷୟରେ।

ଏହି କାହାଣୀ ଏପରି ଏକ ଦୁନିଆର ଯେଉଁଠାରେ ଲୋରୀ ସ୍ଥାନରେ ଶୁଣିବାକୁ ମିଳେ ତବଲାର ଥାପ, ଖେଳଣା ସ୍ଥାନରେ ପାଦରେ ବନ୍ଧାଯାଏ ଘୁଙ୍ଗୁର। ଏହି କାହାଣୀ କୌଣସି ସାଧାରଣ ନୃତ୍ୟର ନୁହେଁ ତିନି ପିଢ଼ିର ସେହି ନାରୀ ଶକ୍ତିର ଯେଉଁମାନେ କଥକ ସାଧନାକୁ ଜୀବିତ କରି ରଖିଛନ୍ତି।



# ଗୌରୀ ଶର୍ମା ତ୍ରିପାଠୀ

ଯେଉଁ ପର୍ଯ୍ୟନ୍ତ ହାତ ଯାଉଛି ସେ ପର୍ଯ୍ୟନ୍ତ ନଜର ଯିବା ଉଚିତ ଓ ଯେଉଁଠାରେ ନଜର ଥିବ ସେଠାରେ ମନ ଥିବା ଉଚିତ ..... ଭରତମୁନି ଯେତେବେଳେ ନାଟ୍ୟଶାସ୍ତ୍ରର ରଚନା କରିଥିଲେ ଏକ ଜରୁରୀ ଶ୍ଳୋକରେ ସେ ଏହି ଅର୍ଥ ଓ ଭାବକୁ ଦର୍ଶାଇଥିଲେ ଯାହା ଆଜି ବି ନୃତ୍ୟ ଶିଳ୍ପୀମାନଙ୍କ ପାଇଁ ଏକ ସମ୍ବିଧାନ ପରି କାମ କରୁଛି। ନୃତ୍ୟର କୌଣସି ବିଦ୍ୟାକୁ ପ୍ରସ୍ତୁତ କରୁଥିବା କଳାକାର ମଞ୍ଚ ଉପରେ ଏହି ଭାବର ସାହାରାରେ ନିଜର ପ୍ରସ୍ତୁତି ଦର୍ଶକମାନଙ୍କ ସମ୍ମୁଖରେ ରଖିଥାନ୍ତି। ନୃତ୍ୟ ବିଦ୍ୟା ସହିତ ଏହି ମନ୍ତ୍ରକୁ ଆତ୍ମସାତ କରିଥିବା ଏପରି ଅନେକ ନୃତ୍ୟଶିଳ୍ପୀ ଅଛନ୍ତି ଯେଉଁମାନେ ଭରତ ମୁନିଙ୍କ ଶ୍ଳୋକରେ ସାମିଲ ହାତ ଓ ନଜରର ଏହି କଥାକୁ କେବଳ ନିଜ ପର୍ଯ୍ୟନ୍ତ ସୀମିତ ରଖି ନାହାନ୍ତି ସେମାନେ ଏହି ଭାବର ପ୍ରୟୋଗ ଅନ୍ୟ ପ୍ରତିଭାମାନଙ୍କୁ ପ୍ରସ୍ତୁତ କରିବାରେ ମଧ୍ୟ ଲଗାଇ ଦେଇଛନ୍ତି। ଏହି କ୍ଷେତ୍ରରେ ଥରେ ହାତ ବଢ଼େଇବା ପରେ ହାତ ସହିତ ହାତ ଯୋଡ଼ିହୋଇ ଚାଲିଲା ଓ କଥକ ପରମ୍ପରାର ଏକ ଲମ୍ବା ବିରାସତ ପ୍ରସ୍ତୁତ ହୋଇଗଲା।

କୁହାଯାଏ ସଙ୍ଗୀତ ଓ ନୃତ୍ୟର ବିଦ୍ୟା ଈଶ୍ୱରଙ୍କ ବରଦାନ କିନ୍ତୁ ଏଥିରେ ନିଖାର ଆଣିବାର ପ୍ରୟାସ କରିଥାନ୍ତି ସାଧକ ଓ ସାଧିକାମାନେ। ଏହି କାହାଣୀ କଥକର ଏପରି ସାଧକ ପରମ୍ପରାର ଯେଉଁଠାରେ ଗୋଟିଏ ପରିବାରର ତିନି ପିଢ଼ିଙ୍କ ଦ୍ୱାରା ଲୟ-ତାଳର ସଂଗମ ଓ ଘୁଙ୍ଗୁରର ଝୁମ୍‌ଝୁମ୍ ସଙ୍ଗୀତ ନା କେବଳ ଚାରିଆଡ଼େ ଶୁଣିବାକୁ ମିଳୁଛି ନୂଆ ସାଧିକାମାନଙ୍କୁ ମଧ୍ୟ ପ୍ରସ୍ତୁତ କରୁଛି। କଥକର ଏହି ସାଧିକା ଗୌରୀ ଶର୍ମା ତ୍ରିପାଠୀ ଏପରି ଏକ ନାମ ଯିଏ ହେଉଛନ୍ତି ଅନ୍ୟମାନଙ୍କ ପାଇଁ ଜଣେ ପ୍ରେରଣା। ଗୌରୀ ଆଜି ଯେଉଁ ସ୍ଥାନରେ ଅଛନ୍ତି ତାହା ତାଙ୍କ ମା'ଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି କହନ୍ତି। ପ୍ରତି ଭାବ ଓ ପ୍ରବାହରେ ସେ ତାଙ୍କର ଉପସ୍ଥିତି ପାଆନ୍ତି ଓ କୌଣସି ନୃତ୍ୟ ପ୍ରସ୍ତୁତି ପରେ ସେ ପ୍ରଥମେ ଯାଇ ତାଙ୍କ ମା'ଙ୍କୁ ସାକ୍ଷାତ କରନ୍ତି। ଯେଉଁ ତାଳ ଉପରେ ସେ ଭାବ ନିଅନ୍ତି ବା କୌଣସି ଭଙ୍ଗୀମାନ କରନ୍ତି ତାହା ଅସଲରେ ମୋର ମା' ବୋଲି କହନ୍ତି ଗୌରୀ। ଗୌରୀଙ୍କ ଝିଅ ତାରିଣୀ ମଧ୍ୟ ଏହି ନୃତ୍ୟ ଶୈଳୀର ଜଣେ ନୃତ୍ୟାଙ୍ଗନା। କଥକ ପରମ୍ପରାର ଗୁରୁ ପଦ୍ମା ଶର୍ମା ହେଉଛନ୍ତି ଗୌରୀ ଶର୍ମାଙ୍କ ମା' ଯିଏ ଏହି ବିରାସତର ଜଣେ ଅଦ୍ଭୁତ ଉଦାହରଣ।

ତିନି ପିଢ଼ି, ଅଲଗା ଅଲଗା ତିନି ସମୟ, ତିନୋଟି ଦୃଷ୍ଟି କିନ୍ତୁ ସାଧନା ଗୋଟିଏ ତାହା ହେଉଛି କଥକ। ଏହି କାହାଣୀ କେବଳ ଏହି ତିନି କଳାକାରଙ୍କ ଉପଲବ୍ଧି ନୁହେଁ, ସେହି ସ୍ତ୍ରୀ ପରମ୍ପରାର ଯେଉଁମାନେ ଶାସ୍ତ୍ରୀୟ ନୃତ୍ୟକୁ ଘରର ଚାରିକୋଣରୁ ଉଠେଇ ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚେଇଛନ୍ତି। ଲକ୍ଷ୍ନୌ ଘରାନାର ପ୍ରତିଷ୍ଠିତ ଗୁରୁ ପଦ୍ମା ଶର୍ମା ନିଜ ସାଧନା ଓ ଶିକ୍ଷଣ ଜରିଆରେ ଦଶକ ଦଶକ ପର୍ଯ୍ୟନ୍ତ ଏହି କଳାକୁ ଜୀବିତ କରି ରଖିଛନ୍ତି। ସଂଗୀତ ନାଟକ ଏକାଡେମୀର ଅମୃତ ପୁରସ୍କାର ଦ୍ୱାରା ସମ୍ମାନିତ ପଦ୍ମା ଶର୍ମାଙ୍କ ପାଇଁ କଥକ କେବଳ ଏକ ମଞ୍ଚୀୟ କଳା ନୁହେଁ ଜୀବନର ଅନୁଶାସନ ଥିଲା। ତାଙ୍କ ଘରେ ନୃତ୍ୟାଭ୍ୟାସ ଦୈନନ୍ଦିନ ଜୀବନର ଏକ ପ୍ରକ୍ରିୟା ଥିଲା।

**ଶିକ୍ଷା ଓ କ୍ୟାରିୟର-** ଗୌରୀ ଶର୍ମା କଥକର ଶିକ୍ଷା ଗ୍ରହଣ କରିଥିଲେ ନିଜ ମା'ଙ୍କ ଠାରୁ। ପ୍ରାରମ୍ଭିକ ମାର୍ଗଦର୍ଶନ ମହାନ ଗୁରୁ ଲଚ୍ଛୁ ମହାରାଜଙ୍କ ଠାରୁ ପ୍ରାପ୍ତ କରିଥିଲେ ଓ ଆଗକୁ ଯାଇ ତାଙ୍କୁ ଗୁରୁ ମୋହନରାଓ କଲ୍ୟାଣପୁରକର, ପଣ୍ଡିତ ବିରଜୁ ମହାରାଜ ଓ ଗୁରୁ କେଳୁଚରଣ ମହାପାତ୍ରଙ୍କ ପରି ମହନ ଗୁରୁଙ୍କ ସାନ୍ନିଧ୍ୟ ମିଳିଥିଲା। ଏହିଭଳି ଭାବରେ ତାଙ୍କର କଳା ଅନେକ ପରମ୍ପରାଗୁଡ଼ିକର ଅନୁଭବରୁ ସମୃଦ୍ଧ ହୋଇଥିଲା। ଗୌରୀ ଶର୍ମା ଆଜି ସେହି କଥକ କଳାକାରମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ଯିଏ ପରମ୍ପରାକୁ ସମ୍ଭାଳି ତାହାକୁ ଆଧୁନିକ ସନ୍ଦର୍ଭଗୁଡ଼ିକ ସହିତ ଯୋଡ଼ିଛନ୍ତି। ତାଙ୍କର ଶୈଳୀରେ ଲକ୍ଷ୍ନୌ ଘରାନାର ଭାବପୂର୍ଣ୍ଣ ଅଭିବ୍ୟକ୍ତି ସହିତ ନୂଆ କଳ୍ପନାଶୀଳତା ଦେଖିବାକୁ ମିଳେ।





ତାଙ୍କ ପାଇଁ କଥକ କେବଳ ନୃତ୍ୟ ନୁହେଁ, କଥା, ଭାବ ଓ ବିଚାରର ସଙ୍ଗମ। ତାଙ୍କର କୋରିଓଗ୍ରାଫିକ୍ ପ୍ରସ୍ତୁତିଗୁଡ଼ିକରେ ଟାଇମପ୍ଲେସ୍ ଓ ବ୍ୟୂହ ପରି ରଚନାଗୁଡ଼ିକ ଖାସ୍ ଚର୍ଚ୍ଚାରେ ଅଛନ୍ତି। ଏହି ପ୍ରସ୍ତୁତିରେ କଥକର ଶାସ୍ତ୍ରୀୟ ସଂରଚନା ଭିତରେ ସମକାଳୀନ ସମ୍ବେଦନାଗୁଡ଼ିକୁ ଦର୍ଶାଯାଇଛି। ତେବେ କଥକର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଶେଷତା ହେଉଛି ଏହାର କଥା କହିବାର କ୍ଷମତା। ଏହି କାରଣରୁ ମଞ୍ଚରେ ତାଙ୍କର ଭାବ, ଅଭିନୟ ଓ ତାଳ ତିନୋଟି ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ସେ ରୟାଲ୍ ଫେଷ୍ଟିଭାଲ ହଲ୍, ରୟାଲ୍ ଆଲବର୍ଟ ହଲ୍, ମ୍ୟୁନିଖ ବିଏନାଲେ ଓ ମିଲେନିୟମ୍ ଡୋମ୍ ପରି ପ୍ରତିଷ୍ଠିତ ମଞ୍ଚରେ ପ୍ରସ୍ତୁତି ଦେଇଛନ୍ତି। ଏହା କେବଳ ତାଙ୍କର ବ୍ୟକ୍ତିଗତ ଉପଲବ୍ଧି ନଥିଲା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପାଇଁ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା। ତେବେ କାଙ୍କ କ୍ୟାରିୟର୍‌ର ଐତିହାସିକ ମୁହୂର୍ତ୍ତ ସେତେବେଳେ ଥିଲା ଯେତେବେଳେ ସେ ୱେଷ୍ଟମିନିଷ୍ଟର ଏବିରେ ଆୟୋଜିତ ଏକ ଶାହୀ ସମାରୋହରେ ପ୍ରସ୍ତୁତି ଦେଇଥିଲେ। ଏହି ସମ୍ମାନ ପାଇଥିବା ସେ ଥିଲେ ପ୍ରଥମ ଭାରତୀୟ କଳାକାର। ସେ ଅନେକ ଅନ୍ତଃରାଷ୍ଟ୍ରୀୟ କଳାକାର ଓ ସଙ୍ଗୀତକାରଙ୍କ ସହିତ ସହଯୋଗ କରିଛନ୍ତି। ତାଙ୍କ ପ୍ରସ୍ତୁତିଗୁଡ଼ିକ ମଧ୍ୟରେ ତବଲା ଉସ୍ତାଦ ଜାକିର ହୁସୈନ, ସଙ୍ଗୀତକାର ଏଆର୍ ରହମାନ ଓ ଅନେକ ବୈଶ୍ୱିକ କଳାକାରମାନଙ୍କ ସହିତ ମିଶି କାମ କରିବାର ଅନୁଭବ ସାମିଲ ଅଛି। ସେ ଜଣେ ସମର୍ପିତ ଶିକ୍ଷୟିତ୍ରୀ ଯିଏ ତିନି ଦଶକ ଧରି ଭାରତ, ବ୍ରିଟେନ, ୟୁରୋପ୍ ଓ ଆମେରିକା ସହିତ କେତେକ ଦେଶରେ ହଜାର ହଜାର ବିଦ୍ୟାର୍ଥୀଙ୍କୁ କଥକ ନୃତ୍ୟ ଶିକ୍ଷା ପ୍ରଦାନ କରିଛନ୍ତି। ସେ ଲଣ୍ଡନ ଠାରେ ଏଏନ୍‌କେଏର୍ ଡ୍ୟାନ୍ସ ୟୁକେର ସ୍ଥାପନା କରିଛନ୍ତି ଓ ଭାରତରେ ଅମାରା ନୃତ୍ୟ କଳା ହଂସା ଜରିଆରେ ଗୁରୁ-ଶିଷ୍ୟ ପରମ୍ପରାକୁ ଆଗକୁ ବଢ଼େଇଛନ୍ତି। ଏହା ବ୍ୟତୀତ ଲଣ୍ଡନର କଣ୍ଟେମ୍ପରାରୀ ଡ୍ୟାନ୍ସ ସ୍କୁଲ ପାଇଁ କଥକ ଡିଗ୍ରୀର ପାଠ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ସେ ଆଇଏସ୍‌ଟିଡି ସାଉଥ୍ ଏସିଆନ ଡ୍ୟାନ୍ସ ଫ୍ୟାକଲ୍ଟିର ସଂସ୍ଥାପକ ଫ୍ୟାକଲ୍ଟି ମଧ୍ୟ ଅଛନ୍ତି। ତେବେ ଏହା କେବଳ ତିନି କଳାକାରଙ୍କ ଉପଲବ୍ଧିର ବିବରଣୀ ନୁହେଁ, ଏହା ହେଉଛି ସେହି ସ୍ତ୍ରୀ ପରମ୍ପରାର କାହାଣୀ ଯାହା କଳାକୁ ଏକ ବିରାସତରେ ପରିବର୍ତ୍ତିତ କରିଛି।



# ଚମ୍ପାରଣ ମଟନ୍

ଆମ ଦେଶରେ କେତେ ପ୍ରକାରର ରେସିପି ତିଆରି କରାଯାଏ। କିନ୍ତୁ ବିହାରର ଚମ୍ପାରଣ ମଟନ୍ ନିଜର ଖାସ୍ ଓ ଦେଶୀ ସ୍ୱାଦ ସହିତ ରାନ୍ଧିବାର ଅନୋଖା ଉପାୟ କାରଣରୁ ଅଲଗା ପରିଚୟ ପାଇଛି। ଏହି ଡିସ୍‌କୁ ଅହୁନା ବା ହାଣ୍ଡି ମିଟ୍ ନାମରେ ସମସ୍ତେ ଜାଣନ୍ତି। ବର୍ତ୍ତମାନ ଏହି ଡିସ୍ କେବଳ ବିହାରରେ ନୁହେଁ, ଦେଶର ଅନେକ ଭାଗରେ ଖୁବ୍ ଲୋକପ୍ରିୟ ହୋଇସାରିଛି।

**ଆବଶ୍ୟକ ସାମଗ୍ରୀ**-ମଟନ୍-୧ କେ.ଜି, କଟାଯାଇଥିବା ପିଆଜ-୪ଟି, ଅଦା-ରସୁଣ ପେଷ୍ଟ-୨ ବଡ଼ ଚାମଚ, ଲାଲ୍ ଲଙ୍କା ଓ ଧଣିଆ ପାଉଡର୍-୨ ଚାମଚ ଲେଖାଏଁ, ହଳଦୀ ଗୁଣ୍ଡ-୧ ଚାମଚ, ସ୍ୱାଦ ଅନୁସାରେ ଲୁଣ, ସୋରିଷ ତେଲ-ଅଧା କପ୍। ଗୋଟା ମସଲା-ଧଣିଆ, ଜିରା, ଗୋଲମରିଚ, ଲବଙ୍ଗ, ଗୁଜୁରାତି, କଳା ଗୁଜୁରାତି, ପାନମଧୁରି, ଚକ୍ର ଫୁଲ, ଜାଇଫଳ ଓ ଜାଭିତ୍ରୀ।

**ପ୍ରଣାଳୀ**-ସବୁ ଗୋଟା ମସଲାଗୁଡ଼ିକୁ କଡ଼େଇରେ ଅଳ୍ପ ଭାଜିବେ। ମସଲାଗୁଡ଼ିକରୁ ବାସ୍ନା ଆସିଲେ ଗ୍ୟାସ୍ ବନ୍ଦ କରି ଥଣ୍ଡା କରିବା ପାଇଁ ରଖି ଦିଅନ୍ତୁ। ଏହାପରେ ମସଲାଗୁଡ଼ିକୁ ପେଷି ପାଉଡର୍ କରିବେ। ଏବେ ମଟନ୍‌କୁ ଧୋଇ ରଖନ୍ତୁ। ଏଥିରେ ପେଷା ଯାଇଥିବା ମସଲା, ଲାଲ୍ ଲଙ୍କା ପାଉଡର୍, ଧଣିଆ ପାଉଡର୍, ହଳଦୀ, ଲୁଣ, ଅଦା-ରସୁଣ ପେଷ୍ଟ ଓ କଟା ପିଆଜ ପକାଇବେ ଓ ଅଧିକ ପରିମାଣରେ ସୋରିଷ ତେଲ ପକାଇ ଖୁବ୍ ଭଲ ଭାବରେ ମିଶେଇ ଦିଅନ୍ତୁ ଯେପରି ପ୍ରତି ଖଣ୍ଡରେ ମସଲା ଲାଗିବ। ଏବେ ଏହାକୁ ୬-୭ ଘଣ୍ଟା ପର୍ଯ୍ୟନ୍ତ ମ୍ୟାରିନେଟ୍ ହେବା ପାଇଁ ଘୋଡ଼େଇ ରଖିବେ। ଏହି ସମୟ ପରେ ଏକ ମାଟି ହାଣ୍ଡି ନେଇ ସେଥିରେ ଅଳ୍ପ ସୋରିଷ ତେଲ ଢ଼ାଳିବେ। ମ୍ୟାରିନେଟ୍ ହୋଇଥିବା ମଟନ୍‌କୁ ଏବେ ହାଣ୍ଡିରେ ଢ଼ାଳନ୍ତୁ। ତଳେ ରହିଥିବା ମସଲାକୁ ମଧ୍ୟ ସେଥିରେ ଢ଼ାଳିଦେବେ। ହାଣ୍ଡିରେ ଘୋଡ଼ଣି ଲଗାଇ ଅଟା ଦଳାକୁ ଘୋଡ଼ଣି ଚାରିପଟେ ଲଗାଇ ଦିଅନ୍ତୁ। ଗ୍ୟାସ୍ ଉପରେ ଏକ ତାୱା ରଖି ତା' ଉପରେ ହାଣ୍ଡି ରଖନ୍ତୁ। ଆଞ୍ଚକୁ ଧିମା କରି ରଖିବେ। ମଟନ୍ ଏକରୁ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ସିଝିବ। ମଝିରେ ମଝିରେ ହାଣ୍ଡିକୁ ହଲେଇ ଦେଉଥିବେ। କିନ୍ତୁ ଘୋଡ଼ଣି ଖୋଲିବେ ନାହିଁ। ମଟନ୍ ଖୁବ୍ ଭଲ ଭାବରେ ସିଝିଗଲେ ଗ୍ୟାସ୍ ବନ୍ଦ କରିଦେବେ ଓ କିଛି ସମୟ ପରେ ହାଣ୍ଡିରୁ ଘୋଡ଼ଣି ଖୋଲିବେ। ଏବେ ଗରମ ଗରମ ଚମ୍ପାରଣ ମଟନ୍‌କୁ ରୁଟି, ପରଟା କିମ୍ବା ଭାତ ସହିତ ପରଷି ଦିଅନ୍ତୁ।

ଫ୍ୟାସନ୍

# ରିବନ୍ ଷ୍ଟାଇଲ୍



ସାଧାରଣତଃ ସାଜସଜ୍ଜା, ଫ୍ୟାସନ୍ ବା ରଚନାତ୍ମକ କାର୍ଯ୍ୟଗୁଡ଼ିକରେ କପଡ଼ା ବା ପ୍ଲାଷ୍ଟିକ୍‌ର ପତଳା ପଟିର ଉପଯୋଗକୁ ରିବନ୍ ଷ୍ଟାଇଲ୍ ବୋଲି କୁହାଯାଏ। ଏହା ସାଟନ୍, ଭେଲଭେଟ୍ ବା ଅର୍ଗେଞ୍ଜା ପରି ବିଭିନ୍ନ ପ୍ରକାରର ଆସେ ଯାହା ଉପହାରଗୁଡ଼ିକୁ ସଜେଇବା, କେଶ ବାନ୍ଧିବା ବା ଏମ୍ବ୍ରୋଇଡୋରୀ ପାଇଁ ଉପଯୁକ୍ତ ଅଟେ। ଏହି ସାଜସଜ୍ଜା ଓ ରଚନାତ୍ମକତା ପାଇଁ ଲୋକପ୍ରିୟତା ହାସଲ କରିଛି ରିବନ୍ ଷ୍ଟାଇଲ୍।

## ମୁଖ୍ୟ ଉପଯୋଗ ଓ ପ୍ରକାର-

**ସାଜସଜ୍ଜା**-ଉପହାର ର୍ୟାପିଂ, ଘରୋଇ ସାଜସଜ୍ଜା ଓ ଫୁଲର ଗୁଲଦସ୍ତାରେ ସାଟନ୍, ଗ୍ରୋସ୍‌ଗ୍ରେନ ଓ ଭେଲଭେଟ୍ ରିବନ୍‌ର ଉପଯୋଗ ହେବା ଏକ ସାଧାରଣ ଘଟଣା।

**ଫ୍ୟାସନ୍ ଓ ହେୟାର ଷ୍ଟାଇଲ୍**-ନବରାତ୍ରି ଓ ଅନ୍ୟ ପର୍ବପର୍ବାଣିଗୁଡ଼ିକରେ କେଶରେ ରଙ୍ଗିନ ରିବନ୍‌ର ଉପଯୋଗ, ହେଡ୍‌ଫୋନ ଓ କପଡ଼ାକୁ କଷ୍ଟମାଇଜ୍ କରିବା ପାଇଁ ରିବନ୍‌ର ମଧ୍ୟ ବ୍ୟବହାର କରାଯାଏ।

ରିବନ୍ ଏମ୍ବ୍ରୋଇଡୋରୀ-ରେଶମୀ ରିବନ୍‌ର ଉପଯୋଗ କରି କପଡ଼ା ବା ରେଜେଇରେ ଫୁଲ ଓ ଡିଜାଇନ୍ ତିଆରି କରିବାର ଏହା ହେଉଛି ଏକ ଅନୋଖା ଟେକ୍‌ନିକ୍।

**ୱାୟାର୍ଡ ରିବନ୍**-ଏହି ପ୍ରକାରର ରିବନ୍ସ ସାଇଡ୍‌ରେ ସରୁ ତାର ଥାଏ ଯେଉଁ କାରଣରୁ ଏହାକୁ କୌଣସି ପ୍ରକାରର ଆକାରରେ ମୋଡ଼ିବାକୁ ସହଜ ହୋଇଥାଏ ଯଥା-କ୍ରିସ୍‌ମାସ୍ ମାଳା।

**ପ୍ରତୀକାତ୍ମକ**-ବିଭିନ୍ନ ରଙ୍ଗର ରିବନ୍ସର ଉପଯୋଗ ସାମାଜିକ ସଚେତନତା ଯଥା-ରିବନ୍-ଏଚ୍‌ଆଇଭି /ଏଡ୍ସ ପାଇଁ କରାଯାଏ। ରିବନ୍ ସବୁ ଓସାରର ଓ ସୂତାର ପ୍ରକାରଗୁଡ଼ିକରେ ଉପଲବ୍ଧ ଥାଏ। କପା, ନାଇଲନ୍, ପଲିଏଷ୍ଟର, ରେଶମ, ଭାଙ୍ଗ ଓ ଟ୍ୟୁଲ୍ ପରି ସାମଗ୍ରୀଗୁଡ଼ିକରୁ ତିଆରି ରିବନ୍ ଅଧିକ ବ୍ୟବହାରରେ ଆସେ।

**ସାଟନ୍ ରିବନ୍**-ସାଟନ୍ ରିବନ୍‌କୁ କ୍ରାଫ୍ଟ ପ୍ରୋଜେକ୍ଟସ୍‌ରେ ସବୁଠାରୁ ଅଧିକ ପସନ୍ଦ କରାଯାଏ ଓ ପାଖାପାଖି ସବୁ ରଙ୍ଗରେ ଏହା ମିଳିଯାଏ। ଏହାର ବିବିଧତା ଅସୀମିତ ଓ ସାଟନ୍ ରିବନ୍ ଚିକଣ, ଚମକଦାର ଓ ବାନ୍ଧିବା ପାଇଁ ସହଜ ହୋଇଥାଏ। ଅଧିକାଂଶ ସାଟିନ୍ ରିବନ୍ ନାଇଲନ୍, ରେୟନ୍ ବା ପଲିଷ୍ଟର ଦ୍ୱାରା ତିଆରି ହୋଇଥାଏ।

**ଗ୍ରୋସଗ୍ରେନ୍ ରିବନ୍**-କ୍ରାଫ୍ଟ ଦୁନିଆରେ ଏହି ପ୍ରକାରର ରିବନ୍ ଖୁବ୍ ଲୋକପ୍ରିୟ। ଏଥିରେ ଲାଷ୍ଟିଂ କରିବା ପରି ଫାଇବର୍‌ର ମିଶ୍ରଣ କାରଣରୁ ସବୁ ପ୍ରକାରର ଶିଳ୍ପ ଗତିବିଧିଗୁଡ଼ିକରେ ଏହାକୁ ଉପଯୋଗ କରାଯାଏ। ସିଲେଇ ପରିଯୋଜନାଗୁଡ଼ିକରେ ଏହିପରି ରିବନ୍‌ର ବ୍ୟବହାର ଅଧିକ କରାଯାଏ।

# ଭ୍ରମ ଓ ମନୋବୈଜ୍ଞାନିକ କାରକ



ଫଲ୍ସ ପ୍ରେଗ୍‌ନେନ୍ସି ଏକ ପ୍ରକାରର ଭ୍ରମ ସୃଷ୍ଟି କରେ ଯେଉଁଥିରେ ମହିଳାମାନେ ଗର୍ଭବତୀ ନହୋଇଥିଲେ ମଧ୍ୟ ଗର୍ଭରେ ଶିଶୁ ଥିବାର ଅନୁଭବ କରନ୍ତି। ଏହି ଅସାମାନ୍ୟ ସ୍ଥିତିକୁ କୁହାଯାଏ ସ୍ୟୁଡୋସାଇସିସ୍। ଏହାକୁ ଫ୍ୟାଣ୍ଟମ୍ ପ୍ରେଗ୍‌ନେନ୍ସି ବୋଲି କୁହାଯାଏ। ଏଥିରେ ଗର୍ଭାବସ୍ଥାର ଲକ୍ଷଣ ଥିବାର ଅନୁଭବ ହୁଏ ଓ ମହିଳାମାନେ ନିଜକୁ ଗର୍ଭବତୀ ବୋଲି ଭାବନ୍ତି। କିନ୍ତୁ ବାସ୍ତବରେ ଏପରି ହୋଇ ନଥାଏ। ସ୍ୟୁଡୋସାଇସିସ୍‌ର ମୂଳ କାରଣ କ'ଣ ସେ ବିଷୟରେ କେହି ଜାଣି ନାହାନ୍ତି। ତେବେ ଫଲ୍ସ ପ୍ରେଗ୍‌ନେନ୍ସିର ସବୁଠାରୁ ବଡ଼ ମୁଖ୍ୟ କାରଣ ମାନସିକ ଚାପ। ଏହି ସମସ୍ୟା ସେହି ମହିଳାମାନଙ୍କ ମଧ୍ୟରେ ଦେଖିବାକୁ ମିଳେ ଯେଉଁମାନଙ୍କ ମନରେ ମା' ହେବାର ତୀବ୍ର ଇଚ୍ଛା ଥାଏ କିମ୍ବା ଯେଉଁ ମହିଳାମାନେ ବାରମ୍ବାର ଗର୍ଭପାତ ପରି ସମସ୍ୟାର ସମ୍ମୁଖୀନ ହେଉଥାନ୍ତି। ଏପରି ମହିଳାମାନଙ୍କ ମନରେ ଗର୍ଭବତୀ ହେବାର ଲକ୍ଷଣ ସୃଷ୍ଟି ହୁଏ ଯାହା ପରବର୍ତ୍ତୀ ସମୟରେ ଫଲ୍ସ ପ୍ରେଗ୍‌ନେନ୍ସିର କାରଣ ହୁଏ। ଏହା ବ୍ୟତୀତ ଗରିବୀ, ନିରକ୍ଷରତା ଓ ପତି-ପତ୍ନୀ ମଧ୍ୟରେ ମଧୁର ସମ୍ପର୍କ ନରହିବାକୁ ମଧ୍ୟ ଫଲ୍ସ ପ୍ରେଗ୍‌ନେନ୍ସିର କାରଣ ବୋଲି କୁହାଯାଏ। ଏପରି ସମୟରେ ମହିଳାମାନଙ୍କୁ ପରିବାରର ସହଯୋଗ ଓ ତାଙ୍କର ଖାସ୍ ଯତ୍ନ ଆବଶ୍ୟକ ହୁଏ। ଏ ସମୟରେ ମହିଳାମାନଙ୍କୁ ଏକାକୀ ଛାଡିବା ଉଚିତ ନୁହେଁ।

**କାରଣ**-ଫଲ୍ସ ପ୍ରେଗ୍‌ନେନ୍ସିରେ ଗର୍ଭାବସ୍ଥାର ଶାରୀରିକ ଅଭିବ୍ୟକ୍ତିଗୁଡ଼ିକ ସହିତ ଏକ ପ୍ରମୁଖ ମନୋବୈଜ୍ଞାନିକ ଘଟକ ମଧ୍ୟ ଥାଏ। ଏହି ଆଘାତ (ଶାରୀରିକ ବା ମାନସିକ), ହର୍ମୋନ୍‌ର ରାସାୟନିକ ଅସନ୍ତୁଳନ ଓ କିଛି ଚିକିତ୍ସୀୟ ସ୍ଥିତିଗୁଡିକ କାରଣରୁ ହୋଇପାରେ। ମନୋବୈଜ୍ଞାନିକ କାରକଗୁଡିକ ମଧ୍ୟରେ ଗର୍ଭାବସ୍ଥାର ତୀବ୍ର ଇଚ୍ଛା ବା ବସ୍ତୁନିଷ୍ଠ ଶାରୀରିକ ସମ୍ବେଦନାଗୁଡିକର ଭୁଲ୍ ବ୍ୟାଖ୍ୟା ସାମିଲ ଥାଏ।

**ଲକ୍ଷଣ ଜାଣିବା ଜରୁରୀ**-ଫଲ୍ସ ପ୍ରେଗ୍‌ନେନ୍ସିରେ କ୍ଳାନ୍ତ ଲାଗିବା, ଅନିୟମିତ ମାସିକ ଧର୍ମ (ଆମେନୋରିଆ), ଗାଲାକ୍ଟୋରିଆ (ସ୍ତନରୁ କ୍ଷୀର ବାହାରିବା), ପେଟ ଫୁଲି ରହିବା, ବ୍ରେଷ୍ଟର ଆକାର ବୃଦ୍ଧି, ଭୋକ ନଲାଗିବା, ବାନ୍ତି ହେବା, ପେଟରେ ଗ୍ୟାସ୍ ହେବା ପରି ମନେହେବା, ପେଟରେ ଭ୍ରୂଣର ହଲ୍‌ଚଲ୍ ଓ ସଂକୁଚନର ଅନୁଭୂତି ଆଦି ଗର୍ଭାବସ୍ଥାର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳେ। ଏଥିରେ ବାରମ୍ବାର ପରିସ୍ରା ମଧ୍ୟ ଲାଗେ। ପେଟ ସାମାନ୍ୟ ଭାବରେ ଫୁଲିଯାଏ ଓ ନାଭି ଓଲଟା ରହେ। ପେଟର ଭିତର ପାର୍ଶ୍ୱ ଏକ ପ୍ରକାରର ମାଂସଳ, ସ୍ୱର୍ଣୋନ୍ମୁଖ ଚରିତ୍ର ଆପଣାଏ।

**ମନୋବୈଜ୍ଞାନିକ ସମସ୍ୟା**-ଫଲ୍ସ ପ୍ରେଗ୍‌ନେନ୍ସିର ଚିକିତ୍ସା କରିବା ବହୁତ କଷ୍ଟକର ହୋଇଥାଏ କାରଣ ଏହା ଏକ ସମ୍ବେଦନଶୀଳ ମାମଲା। ଆବଶ୍ୟକ ଭାବରେ ଏହା ଏକ ଚିକିତ୍ସୀୟ ମାମଲା ନୁହେଁ, ଏହା ଠାରୁ ଅଧିକ ଏହା ଏକ ମନୋବୈଜ୍ଞାନିକ ମାମଲା ଅଟେ। ଏହାର ଲକ୍ଷଣ କିଛି ସପ୍ତାହରୁ ଆରମ୍ଭ ହୋଇ ଅଧିକ ସମୟ ପର୍ଯ୍ୟନ୍ତ ରହିପାରେ। ଯଦି ଡାକ୍ତର ଏହାକୁ ଫଲ୍ସ ପ୍ରେଗ୍‌ନେନ୍ସି ବୋଲି କହୁଛନ୍ତି ତେବେ ମନୋବିଜ୍ଞାନୀଙ୍କ ସହିତ ସାକ୍ଷାତ କରି ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ। ଫଲ୍ସ ପ୍ରେଗ୍‌ନେନ୍ସି ଏକ ଦୈହିକ ଲକ୍ଷଣ ବିକାର ଅଟେ। ଏଥିରେ ପରିବାରର ଲୋକମାନେ ଭାବନାତ୍ମକ ସହାୟତା ପ୍ରଦାନ କରିବା ଉଚିତ କାରଣ ସ୍ୟୁଡୋସାଇସିସ୍‌ର ଚିକିତ୍ସା ହିଁ ଏକମାତ୍ର ଉପାୟ।

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦୀର୍ଘ ଦିନର ସମସ୍ୟାରୁ ମୁକ୍ତ ହେବେ। ଆତ୍ମବିଶ୍ୱାସ ମଜଭୁତ ହେବ। ବାଣୀରେ ସୌମ୍ୟତା ମାନ-ସମ୍ମାନ ଦେବ। ରାଜନୀତିରେ ବଡ଼ ପଦ ପ୍ରାପ୍ତ ହେବ। ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ଖୁସି ଦେବ।

**ବୃଷ**: ପରିବାର ସହିତ ସମୟ ବିତେଇବେ। ମନୋମାଳିନ୍ୟ ଦୂର ହେବ। ନୂଆ ଅତିଥିଙ୍କ ଆଗମନ ହୋଇପାରେ। ଅଜଣା ବ୍ୟକ୍ତିଙ୍କୁ ନେଇ ନିବେଶ ନକଲେ ଭଲ। ସେୟାର୍ ବଜାର ପାଇଁ ଖୁବ୍ ଭଲ ସମୟ।

**ମିଥୁନ**: ଦିନଟି ଆପଣଙ୍କ ପାଇଁ ଅନୁକୂଳ ରହିବ। ଧର୍ମ-କର୍ମରେ ରୁଚି ରହିବ। କାର୍ଯ୍ୟକ୍ରମଗୁଡ଼ିକରେ ଭାଗ ନେବେ। ସମୟାନୁସାରେ କାମ ଶେଷ କରିବେ। ବିଦ୍ୟାର୍ଥୀମାନେ ପାଠପଢ଼ାରେ ଅବହେଳା କରିବେ।

**କର୍କଟ**: ଦିନଟି ଆପଣଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ଅକସ୍ମାତ ଧନ ଲାଭ ଖୁସି ଦେବ। କୌଣସି ପରିଜନଙ୍କ ଠାରୁ ଖୁସି ଖବର ଶୁଣିବେ। ପୁରୁଣା ନେଣଦେଣ ସମସ୍ୟାରେ ପକେଇବ। ବ୍ୟବସାୟରେ ସମସ୍ୟା ହେବ।

**ସିଂହ**: ଦିନଟିରେ ମିଶ୍ରିତ ଫଳ ପ୍ରାପ୍ତି ହେବ। ଭାଗୀଦାରୀରେ କାମ କରିବା ଉତ୍ତମ ରହିବ। ଜୀବନସାଥି ସହିତ ମତଭେଦ ଦୂର ହେବ। ସରକାରୀ କାମରେ ବ୍ୟସ୍ତତା ରହିପାରେ। ପ୍ରମୋଶନର ବାଧା ଦୂର ହେବ।

**କନ୍ୟା**: ସାବଧାନ ରହିବେ। ବ୍ୟବସାୟରେ ଶୀଘ୍ର ନିର୍ଣ୍ଣୟ ନିଅନ୍ତୁ ନାହିଁ। ବାଣୀ ଉପରେ ସଂଯମ ରଖନ୍ତୁ। ସାଙ୍ଗସାଥିଙ୍କ ସହିତ ନିକଟତର ହେବେ। ମନରେ ଚାଲୁଥିବା ସମସ୍ୟା ଦୂର ହେବ।

**ତୁଳା**: ଅଟକିଥିବା କାମ ଆଜି ପୂରା ହେବ। ଅନେକ ଦୃଷ୍ଟିରୁ ଦିନଟି ଉତ୍ତମ। ସ୍ୱାସ୍ଥ୍ୟଗତ ସମସ୍ୟା ରହିବ। ବିରୋଧୀଙ୍କୁ ଚିନ୍ତା କରି କଥା କୁହନ୍ତୁ। ସନ୍ତାନ ପକ୍ଷରୁ ଖୁସି ଖବର ଶୁଣିବେ। କାର୍ଯ୍ୟକ୍ଷେତ୍ରରୁ ଲାଭ ଉଠାଇବେ।

**ବିଛା**: ଦିନଟି ଆନନ୍ଦଦାୟକ ରହିବ। ନୂଆ ସମ୍ପତ୍ତି କିଣି ପାରନ୍ତି। ପ୍ରେମ ଜୀବନ ଜିଉଁଥିବା ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନୂଆ ପରିଚୟ ମିଳିବ। ଅନ୍‌ଲାଇନ୍ ସପିଂ କରିପାରନ୍ତି।

**ଧନୁ**: ମାନ-ସମ୍ମାନ ବୃଦ୍ଧିର ସଂକେତ ମିଳୁଛି। ରାଜନୀତିରେ ନୂଆ ପରିଚୟ ସୃଷ୍ଟି କରିବେ। ପ୍ରେମ ଜୀବନରେ ତାଳମେଳ ରହିବ। ଆହ୍ୱାନମୂଳକ କାମ ନକଲେ ଭଲ। ପ୍ରମୋଶନରେ ରୋକ ଲାଗିପାରେ।

**ମକର**: ଜମିଜମା ସମ୍ବନ୍ଧୀୟ କାମ ପାଇଁ ଦିନଟି ଉତ୍ତମ। ଅଟକିଥିବା କାମ ପୂରା ହେବ। ବ୍ୟବସାୟରେ ଡିଲ୍ ଫାଇନାଲ୍ ହୋଇପାରେ। ଇଚ୍ଛାକୁ ପୂରା କରିବା ପାଇଁ ଖର୍ଚ୍ଚ କରିବେ। ବରିଷ୍ଠଙ୍କ ଠାରୁ ପରାମର୍ଶ ନେଇପାରନ୍ତି।

**କୁମ୍ଭ**: ଦିନଟି ଆପଣଙ୍କ ପାଇଁ ଖୁବ୍ ଖାସ୍। ସଫଳତା ପାଇ ଖୁସି ହେବେ। ପ୍ରେମ ଜୀବନରେ ଲୋକମାନେ ରୋମାଣ୍ଟିକ୍ ରହିବେ। ଅଜଣା ବ୍ୟକ୍ତିଙ୍କ ଠାରୁ ଦୂରରେ ରୁହନ୍ତୁ। ସନ୍ତାନ ପକ୍ଷରୁ ଖୁସି ଖବର ମିଳିବ।

**ମୀନ**: ଆଜି ମିଶ୍ରିତ ଫଳାଫଳ ପାଇବେ। ମନରେ କିଛି କାମକୁ ନେଇ ଟେନ୍‌ସନ୍ ରହିବ। କିଛି ନୂଆ ଆୟ ବି ହୋଇପାରେ। କାରବାରରେ ଖୁବ୍ ଲାଭ ପାଇବେ। କୌଣସି ଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରନ୍ତି।

# ସୁନ୍ଦରଗଡ଼ କଳାହାଣ୍ଡି କପ୍ ଚାମ୍ପିଅନ୍

## କଟକ-ଏ' ରନର୍ସଅପ୍, ସୌମ୍ୟ ଲେଙ୍କା ଶ୍ରେଷ୍ଠ ଖେଳାଳି




**କଟକ,୧୧।୩/ଏନ୍ଏନ୍ଏସ୍:** ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ଆୟୋଜିତ ସିନିୟର୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ କଳାହାଣ୍ଡି କପ୍ ୨୦୨୬ ସଫଳତାର ସହ ଶେଷ ହୋଇଛି । ବୁଧବାର ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ମ୍ୟାଚ୍‌ରେ କଟକ-ଏ'କୁ ୨ ୱିକେଟ୍‌ରେ ହରାଇ ସୁନ୍ଦରଗଡ଼ ଚାମ୍ପିଅନ୍ ହୋଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା କଟକ-ଏ' ସାଇଦୀପ୍ ମହାପାତ୍ରଙ୍କୁ ୭୪ ରନ୍ ବଳରେ ନିର୍ଦ୍ଧାରିତ ୫୦ ଓଭର୍‌ରେ ୯ ୱିକେଟ୍ ହରାଇ ୨୩୨ ରନ୍ କରିଥିଲା । ସୁନ୍ଦରଗଡ଼ ପକ୍ଷରୁ ସୌମ୍ୟ ଲେଙ୍କା, ଅଭିଷେକ ସିଂହ ଏବଂ ଗୋବିନ୍ଦ ପୋଦ୍ଦାର ୨-୨ ୱିକେଟ୍ ନେଇଥିଲେ । ଜବାବରେ ୨୩୩ ରନ୍‌ର ଲକ୍ଷ୍ୟକୁ ସୁନ୍ଦରଗଡ଼ ୪୩ ଓଭର୍‌ରେ ୮ ୱିକେଟ୍ ହରାଇ ହାସଲ କରିନେଇଥିଲା । ଟିମ୍ ପକ୍ଷରୁ ବିଭାଶ ଶ' ସର୍ବାଧିକ ୫୨ ରନ୍ କରିଥିଲେ । କଟକ-ଏ'ର ସୁମିତ୍ ଶର୍ମା ଓ ଶୁଭମ୍ ନାୟକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ପାଇଁ ସୁନ୍ଦରଗଡ଼ର ସୌମ୍ୟ ଲେଙ୍କାଙ୍କୁ ଫାଇନାଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଚାମ୍ପିଅନ୍ ସୁନ୍ଦରଗଡ଼ ଟିମ୍‌କୁ ୫ ଲକ୍ଷ ଏବଂ ରନର୍ସଅପ୍ କଟକ-ଏ' ଟିମ୍‌କୁ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

ଟୁର୍ଣ୍ଣାମେଣ୍ଟ୍‌ର ଉଦ୍‌ଯାପନୀ ସମାରୋହ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ବିସିସିଆଇ ମ୍ୟାଚ୍ ରେଫରି ସଞ୍ଜୟ ରାଉଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଇ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ଡ. ଅଞ୍ଜନ ଖୁଣ୍ଟିଆ, ସାଗରନାଥ ମିଶ୍ର, ତଡ଼ିତ୍ ରାଉତ, ଅନିଲ କୁମାର ବିଶ୍ୱାଳ, ସୁଶାନ୍ତ କୁମାର ମହାନ୍ତି, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ, ଅମିତ ବେହେରା ଏବଂ ସ୍ୱାଗତ ସାମନ୍ତରାୟ ଉପସ୍ଥିତ ଥିଲେ ।

# ପାଞ୍ଚ ଇରାନୀ ମହିଳା ଫୁଟ୍‌ବଲର୍‌ଙ୍କୁ ଶରଣ ଦେଲା ଅଷ୍ଟ୍ରେଲିଆ



**କାନବେରା,୧୧।୩/ଏଜେନ୍ସି:** ଏସୀୟ କପ୍‌ରୁ ବାଦ୍ ପଡ଼ିବା ପରେ ଇରାନ୍ ମହିଳା ଫୁଟ୍‌ବଲ୍ ଟିମ୍‌ର ପାଞ୍ଚଜଣ ଖେଳାଳିଙ୍କୁ ଅଷ୍ଟ୍ରେଲିଆ ମାନବୀୟ ଭିସା ପ୍ରଦାନ ସହିତ ନିଜ ଦେଶରେ ରହିବାର ଅନୁମତି ଦେଇଛି । ଅଷ୍ଟ୍ରେଲିଆ ଗୃହ ବ୍ୟାପାର ମନ୍ତ୍ରୀ ଟୋନି ବର୍କ କହିଛନ୍ତି, ଏହି ଖେଳାଳିମାନଙ୍କୁ ପୁଲିସ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଦେଇଛି । ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ଦକ୍ଷିଣ କୋରି ବିପକ୍ଷ ମ୍ୟାଚ୍ ପୂର୍ବରୁ ଇରାନ୍ ଟିମ୍ ଜାତୀୟ ସଙ୍ଗୀତ ଗାଇନଥିଲା । ଏାପରେ ଇରାନ୍‌ରେ କେତେକ ଲୋକ ଟିମ୍‌ର ସମାଲୋଚନା କରିବା ସହିତ ସେମାନଙ୍କ କଠୋର ଶାସ୍ତି ଦେବାକୁ ଦାବି କରିଥିଲେ । ଏହି କାରଣରୁ ଖେଳାଳିମାନେ ଅଷ୍ଟ୍ରେଲିଆକୁ ଶରଣ ମାଗିଥିଲେ । ଟିମ୍‌ରେ ମୋଟ ୨୬ ଖେଳାଳି ଓ ଷ୍ଟାଫ୍ ଥିଲେ । କିନ୍ତୁ କେବଳ ପାଞ୍ଚ ଖେଳାଳି ହିଁ ଶରଣ ମାଗିଥିଲେ । ବାକି ଖେଳାଳି ଏବେ ନିଜ ନିଜର ନିଷ୍ପତ୍ତି ଉପରେ ବିଚାର କରୁଛନ୍ତି । ପରିବାର ସଦସ୍ୟ ଇରାନ୍‌ରେ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ଭୟ ଏହି ଖେଳାଳିମାନଙ୍କର ରହିଛି ।

## ପ୍ରଥମ ୨୦ ମ୍ୟାଚ୍ ପାଇଁ ଆଇପିଏଲ୍ କାର୍ଯ୍ୟସୂଚୀ ଘୋଷିତ

# ୨୮ରେ ଆର୍‌ସିବି-ଏସ୍‌ଆର୍‌ଏଚ୍ ଉଦ୍‌ଘାଟନୀ ମ୍ୟାଚ୍

**ମୁମ୍ବାଇ,୧୧।୩/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ର ପ୍ରଥମ ୨୦ଟି ମ୍ୟାଚ୍ ପାଇଁ ବୁଧବାର କାର୍ଯ୍ୟସୂଚୀ ଘୋଷିତ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍ ମାର୍ଚ୍ଚ ୨୮ରେ ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ସନ୍‌ରାଇଜର୍ସ

### ୧୬ ଦିନରେ ୪ ଡବଲ୍ ହେଡର୍

ହାଇଦ୍ରାବାଦ (ଏସ୍‌ଆର୍‌ଏସ୍) ମଧ୍ୟରେ ବେଙ୍ଗାଲରୁରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ । ଆପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ୧୬ ଦିନରେ ୨୦ ମ୍ୟାଚ୍ ଆୟୋଜିତ ହେବ । ଏଥିରେ ୪ ଡବଲ୍ ହେଡର୍ ସାମିଲ । ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ମାର୍ଚ୍ଚ ୨୯ରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ନିଜ ହୋମ୍ ଗ୍ରାଉଣ୍ଡ୍ ୱାଙ୍ଖେଡେ ଷ୍ଟାଡିୟମ୍‌ର ନିଜର ପ୍ରଥମ ମ୍ୟାଚ୍ ଖେଳିବ ।

ଆଇପିଏଲ୍ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପରେ ଜାରି କରାଯିବ । ୨୦୦୮ରେ ଆଇପିଏଲ୍



ଆରମ୍ଭ ହେବା ପରଠାରୁ ଯେବେ ବି ଦେଶରେ ସାଧାରଣ ନିର୍ବାଚନ (୨୦୦୯, ୨୦୧୪, ୨୦୧୯, ୨୦୨୪) କିମ୍ବା କୌଣସି ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଛି, ଟୁର୍ଣ୍ଣାମେଣ୍ଟ୍‌ର କାର୍ଯ୍ୟସୂଚୀର ଦୁଇଟି ଭାଗରେ ଜାରି କରାଯାଇଛି । ଦେଶର ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନ କାରଣରୁ ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚ୍ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି । ପୂର୍ବରୁ ଲିଗ୍‌ର ଆରମ୍ଭ ମାର୍ଚ୍ଚ ୨୬ରୁ ହେବାର ଥିଲା, କିନ୍ତୁ ଏବେ ମାର୍ଚ୍ଚ ୨୮ ତାରିଖରେ ହେବ । ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଚାରିଟି ଏପରି ଷ୍ଟାଡିୟମ୍ ରହିଛି ଯେଉଁଠାରେ ଆଇପିଏଲ୍ ମ୍ୟାଚ୍ ଖେଳାଯିବ । ତାମିଲନାଡୁର ଚେନ୍ନାଇସ୍ଥିତ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍ (ଚେପକ୍) ଚେନ୍ନାଇ ସୁପର୍ କିଙ୍ଗ୍‌ସର ହୋମ୍ ଗ୍ରାଉଣ୍ଡ୍ । ପଶ୍ଚିମବଙ୍ଗର କୋଲ୍‌କାତାସ୍ଥିତ ଇଡେନ୍ ଗାର୍ଡେନ୍ସ କୋଲ୍‌କାତା ନାଇଟ୍ ରାଇଡର୍ସର ଘରୋଇ ପଡ଼ିଆ ହୋଇଥିବା ବେଳେ ଆସାମର ଗୁଆହାଟୀରେ ଥିବା ବରସାପାରା କ୍ରିକେଟ୍ ଷ୍ଟାଡିୟମ୍ ରାଜସ୍ଥାନ ରୟାଲ୍ସର ଦ୍ୱିତୀୟ ହୋମ୍ ଗ୍ରାଉଣ୍ଡ୍ ।

ବେଙ୍ଗାଲୁପ୍ର ଟିମ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଡିଫେଣ୍ଡିଂ ଚାମ୍ପିଅନ୍ ହୋଇଥିବାରୁ ପରମ୍ପରା ଅନୁସାରେ ଟୁର୍ଣ୍ଣାମେଣ୍ଟ୍‌ର ଉଦ୍‌ଘାଟନୀ ମ୍ୟାଚ୍, କ୍ୱାଲିଫାୟର୍-୨ ଏବଂ ଫାଇନାଲ୍ ମ୍ୟାଚ୍ ଟିମ୍‌ର ହୋମ୍ ଗ୍ରାଉଣ୍ଡ୍ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରଖାଯାଇଛି । ଆର୍‌ସିବି ଗତ ସିଜନ୍‌ର ଫାଇନାଲ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ୬ ରନ୍‌ରେ ହରାଇ ପ୍ରଥମ ଥର ଆଇପିଏଲ୍ ଟାଇଟଲ୍ ଜିତିଥିଲା ।

## ଆଇପିଏଲ୍ ୨୦୨୬

### ପ୍ରାରମ୍ଭିକ ୨୦ ମ୍ୟାଚ୍‌ର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ମାର୍ଚ୍ଚ ୨୮ | ଆର୍‌ସିବି-ଏସ୍‌ଆର୍‌ଏଚ୍ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୨୯ | ଏମ୍‌ଆଇ-କେକେଆର୍ | ମୁମ୍ବାଇ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୩୦ | ଆର୍‌ଆର୍-ସିଏସ୍‌କେ | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ମାର୍ଚ୍ଚ ୩୧ | ପିବିକେଏସ୍-ଜିଟି | ମୁଲ୍ଲାନ୍‌ପୁର | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୧ | ଏଲ୍‌ଏସ୍‌ଜି-ଡିସି | ଲକ୍ଷ୍ନୌ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୨ | କେକେଆର୍-ଏସ୍‌ଆର୍‌ଏଚ୍ | କୋଲ୍‌କାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୩ | ସିଏସ୍‌କେ-ପିବିକେଏସ୍ | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୪ | ଡିସି-ଏମ୍‌ଆଇ | ଦିଲ୍ଲୀ | ଅପରାହ୍ଣ ୩.୩୦ |
| ଏପ୍ରିଲ୍ ୪ | ଜିଟି-ଆର୍‌ଆର୍ | ଅହମଦାବାଦ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୫ | ଏସ୍‌ଆର୍‌ଏଚ୍-ଏଲ୍‌ଏସ୍‌ଜି | ହାଇଦ୍ରାବାଦ | ଅପରାହ୍ଣ ୩.୩୦ |
| ଏପ୍ରିଲ୍ ୫ | ଆର୍‌ସିବି-ସିଏସ୍‌କେ | ବେଙ୍ଗାଲୁରୁ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୬ | କେକେଆର୍-ପିବିଏସ୍‌କେ | କୋଲ୍‌କାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୭ | ଆର୍‌ଆର୍-ଏମ୍‌ଆଇ | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୮ | ଡିସି-ଜିଟି | ଦିଲ୍ଲୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୯ | କେକେଆର୍-ଏଲ୍‌ଏସ୍‌ଜି | କୋଲ୍‌କାତା | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୧୦ | ଆର୍‌ଆର୍-ଆର୍‌ସିବି | ଗୁଆହାଟୀ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୧୧ | ପିବିକେଏସ୍-ଏସ୍‌ଆର୍‌ଏଚ୍ | ମୁଲ୍ଲାନ୍‌ପୁର | ଅପରାହ୍ଣ ୩.୩୦ |
| ଏପ୍ରିଲ୍ ୧୧ | ସିଏସ୍‌କେ-ଡିସି | ଚେନ୍ନାଇ | ସନ୍ଧ୍ୟା ୭.୩୦ |
| ଏପ୍ରିଲ୍ ୧୨ | ଏଲ୍‌ଏସ୍‌ଜି-ଜିଟି | ଲକ୍ଷ୍ନୌ | ଅପରାହ୍ଣ ୩.୩୦ |
| ଏପ୍ରିଲ୍ ୧୨ | ଏମ୍‌ଆଇ-ଆର୍‌ସିବି | ମୁମ୍ବାଇ | ସନ୍ଧ୍ୟା ୭.୩୦ |

# ପୂରା ଆଇପିଏଲ୍ ସିଜନ୍ ଖେଳିବେ ଧୋନି

## ଭୂମିକା ଉପରେ ନିଷ୍ପତ୍ତି କୋଚିଂ ଷ୍ଟାଫ୍ କରିବେ : ସିଇଓ କାଶୀ ବିଶ୍ୱନାଥନ୍

**ଚେନ୍ନାଇ,୧୧।୩/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ମହେନ୍ଦ୍ର ସିଂହ ଧୋନି ଆଇପିଏଲ୍ ୨୦୨୬ରେ ପୂରା ସିଜନ୍ ଖେଳିବେ । ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ)ର ସିଇଓ କାଶୀ ବିଶ୍ୱନାଥନ୍ ବୁଧବାର ଏହା ସ୍ପଷ୍ଟ କରିଛନ୍ତି । ତେବେ ସେ କହିଛନ୍ତି ଟିମ୍‌ରେ ଧୋନିଙ୍କ ଭୂମିକା କ'ଣ ହେବ, ଏହାର ନିଷ୍ପତ୍ତି କୋଚିଂ ଷ୍ଟାଫ୍ କରିବେ । ତାଙ୍କୁ ବ୍ୟାଟର୍, ୱିକେଟ୍‌କିପର୍-ବ୍ୟାଟର୍ କିମ୍ବା ଇମ୍ପାକ୍ଟ ପ୍ଲେୟାର୍ ଭାବେ ବ୍ୟବହାର କରାଯିବ କି ନାହିଁ ଏହାର ନିଷ୍ପତ୍ତି ଟିମ୍‌ର କ୍ରିକେଟିଂ ଷ୍ଟାଫ୍ କରିବେ । ୪୪ ବର୍ଷୀୟ ଧୋନି ମାର୍ଚ୍ଚ ପ୍ରାରମ୍ଭରେ ଚେନ୍ନାଇରେ ପହଞ୍ଚି ଟିମ୍ ସହିତ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି । କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍‌ଙ୍କ ନେତୃତ୍ୱରେ ଟିମ୍ ନୂଆ ସିଜନ୍‌ର ପ୍ରସ୍ତୁତି ଆରମ୍ଭ କରିଛି । ଧୋନି ଗତ ମାସରେ ରାଞ୍ଚିରେ କିଛିଟା ନେଟ୍ସ ସେସନ୍ ସହିତ ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ । ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)ରୁ ସଞ୍ଜୁ ସାମ୍‌ସନ୍ ସିଏସ୍‌କେ ଆସିବା ପରେ ଚଳିତ ଥର ଧୋନି କମ୍ ମ୍ୟାଚ୍ ଖେଳିପାରନ୍ତି କିମ୍ବା ସୀମିତ ଭୂମିକା ତୁଲାଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା । ମାତ୍ର ଏବେ ଟିମ୍ ମ୍ୟାନେଜମେଣ୍ଟ୍ ସ୍ପଷ୍ଟ କରିଦେଇଛି ଯେ ଧୋନି ପୂରା ସିଜନ୍ ପାଇଁ ଉପଲବ୍ଧ ରହିବେ । ଆଇପିଏଲ୍ ୨୦୨୫ରେ ଋତୁରାଜ ଗାଏକ୍‌ୱାଡ୍ ଆହତ ହେବା ପରେ ଧୋନି ଟୁର୍ଣ୍ଣାମେଣ୍ଟ୍ ମଝିରେ ନେତୃତ୍ୱ ସମ୍ଭାଳିଥିଲେ । ଏହା ସତ୍ତ୍ୱେ ସିଏସ୍‌କେ ପ୍ରଥମ ଥର ଆଇପିଏଲ୍ ଇତିହାସରେ ପଏଣ୍ଟ୍ ଟେବଲ୍‌ର ଅନ୍ତିମ ସ୍ଥାନରେ ରହିଥିଲା ।




# ଟି-୨୦ ବିଶ୍ୱକପ୍ ପ୍ରାଇଜ୍ ମନି ଘୋଷିତ

**ଦୁବାଇ,୧୧।୩/ଏଜେନ୍ସି:** ପୁରୁଷ ଟି-୨୦ ବିଶ୍ୱକପ୍ ଶେଷ ହେବାପରେ ଆଇସିସି ବୁଧବାର ରେକର୍ଡ ୧,୧୨୫ କୋଟି ଡଲାରର ପ୍ରାଇଜ୍ ମନି ଘୋଷଣା କରିଛି । ନ୍ୟୁଜିଲାଣ୍ଡକୁ ହରାଇ ଚାମ୍ପିଅନ୍ ହୋଇଥିବା ଭାରତୀୟ ଟିମ୍‌କୁ ପ୍ରାଇଜ୍ ମନିର ସବୁଠୁ ବଡ଼ ଭାଗ ୨,୬୩୯,୪୨୩ ଡଲାର (ପ୍ରାୟ ୨୫ କୋଟି ଟଙ୍କା) ମିଳିଛି । ରନର୍ସଅପ୍ ନ୍ୟୁଜିଲାଣ୍ଡକୁ ୧୪,୨୨,୬୯୨ ଡଲାର (ପ୍ରାୟ ୧୩ କୋଟି ଟଙ୍କା) ମିଳିଥିବା ବେଳେ ଦୁଇ ସେମିଫାଇନାଲିଷ୍ଟ ସାଉଥ୍ ଆଫ୍ରିକା ଓ ଇଂଲଣ୍ଡ ଟିମ୍‌କୁ ପ୍ରାୟ ୯.୨୪ କୋଟି ଏବଂ ୮.୯୬ କୋଟି ଟଙ୍କା ମିଳିଛି । ଅନ୍ୟ ଶୀର୍ଷ ଟିମ୍ ମଧ୍ୟରେ ୱେଷ୍ଟଇଣ୍ଡିଜ୍ ୫,୩୮,୨୬୯ ଡଲାର, ପାକିସ୍ତାନ ୫,୨୨,୬୯୨ ଡଲାର, ଜିମ୍ବାୱେ ୪,୯୧,୫୩୮ ଏବଂ ଶ୍ରୀଲଙ୍କା ୪,୭୫,୯୬୨ ଡଲାର ପାଇଛନ୍ତି ।

# ଦେଶ ବିଦେଶ

## ଆମେରିକାର ଶକ୍ତିକ୍ଷେତ୍ର ପାଇଁ ବଡ଼ ଉପଲବ୍ଧି

# ଟେକ୍ସାସ୍‌ରେ ନିର୍ମାଣ ହେବ ବିଶ୍ୱର ସର୍ବବୃହତ୍ ତୈଳ ବିଶୋଧନାଗାର

**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ଆମେରିକାରେ ମୁକେଶ ଅମ୍ବାନୀଙ୍କ ତୈଳ କମ୍ପାନୀ ରିଲାଏନ୍ସ ବିଶାଳ ପୁଞ୍ଜିନିବେଶ କରିବାକୁ ଯାଉଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏନେଇ ନିଜେ ସୂଚନା ଦେଇଛନ୍ତି । ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ, ଆମେରିକାର ଟେକ୍ସାସ୍ ସ୍ଥିତ ବ୍ରାଉନ୍ସଭିଲ୍ ଠାରେ ଏକ ବିଶାଳ ତୈଳ ବିଶୋଧନାଗାର ନିର୍ମାଣ ପାଇଁ ୩୦୦ ବିଲିଅନ ଡଲାର (ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା) ପରିମାଣର ଏକ ଚୁକ୍ତି ଭାରତୀୟ ପୁଞ୍ଜିପତି ତଥା ବିଶିଷ୍ଟ ବିଜନେସ୍ ଟାଇକୁନ୍ ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ସହ ସ୍ୱାକ୍ଷରିତ ହୋଇଛି । ଏହି ବୃହତ୍ ପ୍ରକଳ୍ପ ପାଇଁ ଟ୍ରମ୍ପ୍ ଭାରତ ଏବଂ ଏହାର ସର୍ବବୃହତ୍ ଘରୋଇ ଶକ୍ତି କମ୍ପାନୀ 'ରିଲାଏନ୍ସ'କୁ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ମଧ୍ୟ ଜଣାଇଛନ୍ତି । ସେ କହିଛନ୍ତି ଆମେରିକାରେ ଅର୍ଦ୍ଧ ଶତାବ୍ଦୀରେ ପ୍ରଥମ ନୂତନ ତୈଳ ବିଶୋଧନାଗାର ନିର୍ମାଣ ପାଇଁ ଏକ ଐତିହାସିକ ନିବେଶ ଭାବରେ ସମର୍ଥନ କରିବା ପାଇଁ ଭାରତର ସର୍ବବୃହତ୍ ଶକ୍ତି କମ୍ପାନୀ ରିଲାଏନ୍ସକୁ ଧନ୍ୟବାଦ । ନିଜ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରି ସେ କହିଛନ୍ତି ଯେ ଆମେରିକୀୟ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କ ସହିତ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏଭଳି ଏକ ପ୍ରକଳ୍ପର ଲକ୍ଷ୍ୟ ରଖାଯାଇଛି ।

ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଏହା ୫୦ ବର୍ଷ ମଧ୍ୟରେ ପ୍ରଥମ ନୂତନ ଆମେରିକୀୟ ତୈଳ ବିଶୋଧନାଗାର ହେବ । ଟ୍ରମ୍ପ ଦେଶର ଶକ୍ତି କ୍ଷେତ୍ର




ପାଇଁ ଏହି ପ୍ରକଳ୍ପକୁ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ, 'ଆମେରିକା ପ୍ରକୃତ ଶକ୍ତି ପ୍ରାଧାନ୍ୟକୁ ଫେରି ଆସୁଛି । ତେବେ ଟ୍ରମ୍ପ୍‌ଙ୍କ ଘୋଷଣାରୁ ଏହି ବିଶୋଧନାଗାର ଭାରତ ସହିତ ଆମେରିକାର ବାଣିଜ୍ୟିକ ଚୁକ୍ତିର ଏକ ଅଂଶ ବିଶେଷ କି ନୁହେଁ ତାହା ସ୍ପଷ୍ଟ ହୋଇନାହିଁ । ଟ୍ରମ୍ପ୍ କହିଛନ୍ତି ଏହି ପ୍ରକଳ୍ପ ଆମେରିକା ଇତିହାସରେ ସର୍ବବୃହତ ପ୍ରକଳ୍ପ ହେବାକୁ ଯାଉଛି । ଏହି ପ୍ରକଳ୍ପ ଦ୍ୱାରା ଆମେରିକାରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ଏବଂ ଦକ୍ଷିଣ ଟେକ୍ସାସରେ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବ । ବ୍ରାଉନ୍ସଭିଲ ବନ୍ଦରରେ ଯୋଜନା କରାଯାଇଥିବା ଏହି ବିଶୋଧନାଗାର ଆମେରିକାର ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଘରୋଇ ବଜାରକୁ ଇନ୍ଧନ ଏବଂ ଶକ୍ତି ଉତ୍ପାଦନ ତଥା ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏହି ସୁବିଧା 'ବିଶ୍ୱର ସବୁଠାରୁ ସ୍ୱଚ୍ଛ ବିଶୋଧନାଗାର' ହେବ ଏବଂ କୋଟି କୋଟି ଡଲାରର ଆର୍ଥିକ ପ୍ରଭାବ ପ୍ରଦାନ କରିବ । ଟ୍ରମ୍ପ ଏହାକୁ "ଆମେରିକା ଫାଷ୍ଟ

**ବଡ଼ ପରିମାଣର ପୁଞ୍ଜି ନିବେଶ କରିବ ରିଲାଏନ୍ସ**

**ଭାରତ ଏବଂ ମୁକେଶ ଅମ୍ବାନୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତକଲେ ଟ୍ରମ୍ପ୍**

ରିଫାଇନିଂ" ଭାବେ ନାମିତ କରିବା ସହ ଏହା ଆମେରିକାର ଶକ୍ତି ପ୍ରାଧାନ୍ୟକୁ ପୁନଃପ୍ରତିଷ୍ଠିତ କରିବ ବୋଲି ଦାବି କରିଛନ୍ତି । ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ-ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ତୈଳ ପରିବହନ ବନ୍ଦ ରହିଛି । ଏଭଳି ସଙ୍କଟ ସମୟରେ ଆମେରିକା ନିଜର ଶକ୍ତି ସ୍ୱାବଲମ୍ବୀତା ବଢ଼ାଇବା ପାଇଁ ଏହି ବଡ଼ ନିଷ୍ପତ୍ତି ନେଇଥିବା ଅନୁମାନ କରାଯାଉଛି ।

# ବୃଦ୍ଧି ପାଇବ ଏୟାର୍ ଇଣ୍ଡିଆ ଭଡ଼ା !




**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏବେ ଜେଟ୍ ଇନ୍ଧନ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ । ଫଳରେ ବିମାନ କମ୍ପାନୀଗୁଡ଼ିକ ଏଣିକି ସେମାନଙ୍କ ଯାତ୍ରୀଭଡାକୁ ବୃଦ୍ଧି କରିବା ଉପରେ ବିଚାର କରିବା ଆରମ୍ଭ କରିଦେଇଛନ୍ତି । ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ପକ୍ଷରୁ ତା'ର ଘରୋଇ ଏବଂ ଅନ୍ତର୍ଜାତୀୟ ନେଟୱାର୍କରେ ଇନ୍ଧନ ସରଚାର୍ଜରେ ପର୍ଯ୍ୟାୟକ୍ରମେ ବୃଦ୍ଧି କରିବ ବୋଲି ଘୋଷଣା କରାଯାଇଛି । ତେବେ କମ୍ପାନୀ ତିନିଟି ପର୍ଯ୍ୟାୟରେ ଲାଗୁ କରିବାକୁ ଏକ ଦର ସ୍ଲାବ୍ ପ୍ରସ୍ତୁତ କରିଛି । କମ୍ପାନୀ କହିଛି ଯେ, ଏହି ପଦକ୍ଷେପ ପାଇଁ ଦୁଃଖ ପ୍ରକାଶ କରୁଛି କିନ୍ତୁ ଏହାକୁ ଅନିବାର୍ଯ୍ୟ ବୋଲି ବର୍ଣ୍ଣନା କରିବା ସହ ଏଥିପାଇଁ ନିୟନ୍ତ୍ରଣ ବାହାରେ ଥିବା କାରଣଗୁଡ଼ିକୁ ଦାୟୀ କରିଛି । ଏୟାର ଇଣ୍ଡିଆ କହିଛି ଯେ ସରଚାର୍ଜ ସଂଶୋଧନ ବିନା କିଛି ବିମାନ ବାଣିଜ୍ୟିକ ଭାବରେ ଅକାର୍ଯ୍ୟକ୍ଷମ ଏବଂ ବାତିଲ ହେବାର ସମ୍ଭାବନା ରହିଛି । ଏପରି ଇନ୍ଧନ ସରଚାର୍ଜ ଅନୁପସ୍ଥିତିରେ କିଛି ବିମାନ ପରିଚାଳନା ଖର୍ଚ୍ଚ ପୂରଣ କରିପାରିବ ନାହିଁ ଏବଂ ଏହାକୁ ବାତିଲ କରିବାକୁ ପଡିବ ।

ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା ଯୁଦ୍ଧ ମଧ୍ୟ ସାରା ବିଶ୍ୱରେ ତେଲ ତଥା ପ୍ରାକୃତିକ ଗ୍ୟାସ ଯୋଗାଣକୁ ପ୍ରଭାବିତ କରିଛି । ହରମୁଜ୍ ପ୍ରଣାଳୀ ଦୁଇ ସପ୍ତାହରୁ ଅଧିକ ସମୟ ଧରି ୭୫୦ରୁ ଅଧିକ ମାଲବାହୀ ଜାହାଜ ପ୍ରମୁଖ ବନ୍ଦରଗୁଡ଼ିକରେ ଫସି ରହିଛନ୍ତି । ଭାରତ ଏହାର ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ୫୦ ପ୍ରତିଶତ ଅନ୍ତର୍ଜାତୀୟ ବଜାରରୁ କିଣେ । ଏଥିମଧ୍ୟରୁ କତାରରୁ କେବଳ ୨୦ ପ୍ରତିଶତ ଆମଦାନୀ କରେ । କତାରର ଗ୍ୟାସ କ୍ଷେତ୍ର ଉପରେ ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ବିଶ୍ୱର ସର୍ବବୃହତ୍ ପ୍ରାକୃତିକ ଗ୍ୟାସ ରପ୍ତାନିକାରୀ କମ୍ପାନୀ କତାର ଏନର୍ଜି ଉତ୍ପାଦନ ବନ୍ଦ କରିଦେଇଛି । ଫଳରେ ସମଗ୍ର ଏସୀୟ ଅଞ୍ଚଳଗୁଡ଼ିକ ଗୁରୁତର ଭାବେ ପ୍ରାକୃତିକ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି । ଭାରତରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସରକାରୀସ୍ତରରେ କୁହାଯାଉଥିଲେ ମଧ୍ୟ ସରକାର ସ୍ଥିତି ନିୟନ୍ତ୍ରଣ କରିବାକୁ କିଛିମାତ୍ରାରେ ନୂଆ ନିୟମ ପ୍ରାବଧାନ କରିଛନ୍ତି ।

# ଏୟାର୍ ଇଣ୍ଡିଆ ଏକ୍ସପ୍ରେସ୍‌ର ହାର୍ଡ ଲ୍ୟାଣ୍ଡିଂ

## ଭାଙ୍ଗିଲା ନୋଜ୍ ଗିୟର, ୧୩୩ ଯାତ୍ରୀ ସୁରକ୍ଷିତ



**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ବୁଧବାର ଥାଇଲ୍ୟାଣ୍ଡର ଫୁକେଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । ରିପୋର୍ଟ ଅନୁସାରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନ ଆଇଏକ୍ସ ୯୩୮ ଆଜି ସକାଳେ ହାଇଦ୍ରାବାଦ୍ ବିମାନବନ୍ଦରରୁ ଉଡାଣ ଭରିଥିଲା ଏବଂ ଥାଇଲାଣ୍ଡ୍‌ର ଫୁକେଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲ୍ୟାଣ୍ଡିଂ କରିଥିଲା । ତେବେ ଲ୍ୟାଣ୍ଡିଂ ସମୟରେ ହିଁ ବିମାନର ନୋଜ୍ ହ୍ୱିଲ ଭାଙ୍ଗିଯିବାରୁ ଏହା ରନ୍‌ୱେରେ ଅଟକିଯାଇଥିଲା । ତେବେ ସୌଭାଗ୍ୟବଶତଃ ବିମାନକୁ ସେପରି କୌଣସି କ୍ଷତି ପହଞ୍ଚିନଥିଲା । ଯାହାଫଳରେ ବିମାନରେ ଥିବା ସମସ୍ତ ୧୩୩ ଯାତ୍ରୀ ଓ ବିମାନର ଅନ୍ୟକର୍ମଚାରୀମାନେ ସୁରକ୍ଷିତ ଅବତରଣ କରିଛନ୍ତି । ବିମାନବନ୍ଦର ଅଧିକାରୀଙ୍କ ଅନୁଯାୟୀ, ଦୁର୍ଘଟଣା ପରେ, ଫୁକେଟ୍ ବିମାନବନ୍ଦର ରନ୍‌ୱେ ବନ୍ଦ ଘୋଷଣା କରିଥିଲା । ଏମରଜେନ୍ସି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରନ୍‌ୱେକୁ ଘେରାବନ୍ଦୀ କରିଥିଲେ । ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, "ମାର୍ଚ୍ଚ ୧୧ ତାରିଖରେ ଅବତରଣ ସମୟରେ ହାଇଦ୍ରାବାଦ୍-ଫୁକେଟ ବିମାନର ନୋଜ ହ୍ୱିଲରେ ସମସ୍ୟା ଦେଖାଦେଇଥିଲା । ତେବେ କ୍ରୁ ସଦସ୍ୟମାନେ ସମସ୍ତ ମାନକ ପ୍ରୋଟୋକଲ ପାଳନ କରିଥିଲେ ଏବଂ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ଓହ୍ଲାଇଥିଲେ । ପ୍ରକାଶ, ଫୁକେଟ୍ ବିମାନବନ୍ଦରରେ କେବଳ ଗୋଟିଏ ରନ୍‌ୱେ ଅଛି । କଠିନ ଅବତରଣ ପରେ ରନ୍‌ୱେ ବନ୍ଦ ହୋଇଯାଇଥିଲା । ଅତିକମ୍‌ରେ ୧୨ଟି ବିମାନକୁ ଡାଇଭର୍ଟ କରାଯାଇଥିବା ସ୍ଥାନୀୟ ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ।

## ଶକ୍ତି ସଂକଟ ମଧ୍ୟରେ ଭାରତକୁ ବଡ଼ ଆଶ୍ୱସ୍ତି

# ଭାରତମୁହାଁ ଅନେକ ରୁଷୀୟ ତୈଳ ଜାହାଜ

**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ବିଶ୍ୱସ୍ତରରେ ଏବେ ତୈଳ ଓ ଗ୍ୟାସ୍ ଯୋଗାଣକୁ ନେଇ ଉତ୍କଟ ସଂକଟ ଦେଖାଦେଇଛି । କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ସ୍ୱୀକାର କରୁନଥିଲେ ମଧ୍ୟ ଭାରତ ମଧ୍ୟ ଏଭଳି ସ୍ଥିତିର ସମ୍ମୁଖୀନ ହେବା ଆରମ୍ଭ କରିଛି । ତେବେ ଏସବୁ ମଧ୍ୟରେ ଭାରତ ପାଇଁ ଏକ ଆଶ୍ୱସ୍ତିଜନକ ଖବର ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ ରୁଷ୍‌ରୁ ଅନେକ ତୈଳବାହୀ ଜାହାଜ ଏବେ ଭାରତ ଅଭିମୁଖେ ବାହାରିଛନ୍ତି । ଏହାର ଅର୍ଥ ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି ଆମେରିକା ପକ୍ଷରୁ ଭାରତ ପାଇଁ ଲାଗୁ କରାଯାଇଥିବା କଟକଣା (ରୁଷ୍ ଠାରୁ ତୈଳ କିଣିବା ବନ୍ଦ କରିବାଜନିତ)କୁ ଏବେ ଯେତେବେଳେ ସାମୟିକ ଭାବେ ହଟାଇଦିଆଯାଇଛି ସେତେବେଳେ ଭାରତ ମଧ୍ୟ ଏହି ସୁଯୋଗର ଲାଭ ଉଠାଇବା ଆରମ୍ଭ କରିଛି । ସିଧାଅର୍ଥରେ କହିଲେ ଭାରତ ପୁଣି ଥରେ ରୁଷ୍‌ରୁ ବିପୁଳ ପରିମାଣର ତୈଳ କ୍ରୟ ଆରମ୍ଭ କରିଛି । ରୁଷ୍ ସର୍ବଦା ଭାରତ ପ୍ରତି ଏକ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ପୋଷଣ କରିଆସୁଥିବା ବେଳେ ଏଭଳି ସଂକଟ ସମୟରେ ମଧ୍ୟ ଭାରତକୁ ପୁନର୍ବାର ତୈଳ ଯୋଗାଣ ଆରମ୍ଭ କରିଛି । ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଭାରତୀୟ ତୈଳ କମ୍ପାନିଗୁଡ଼ିକ ରୁଷ୍‌ରୁ ପ୍ରାୟ ୩୦ ନିୟୁତ ବ୍ୟାରେଲ ତେଲ କିଣିଛନ୍ତି, ଯାହାକି ଏବେ ଭାରତ ଅଭିମୁଖେ ଆସୁଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ତେଲ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଥିବା ବେଳେ ଏହି ତେଲ ବଜାରରେ ସ୍ଥିରତା ଫେରାଇ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ରୁଷ୍ ଠାରୁ ତେଲ କିଣିବା ପରିପ୍ରେକ୍ଷୀରେ ଭାରତ ଉପରେ ଆମେରିକା ଅତିରିକ୍ତ ଟାରିଫ୍ ତଥା ବାଣିଜ୍ୟିକ ଚୁକ୍ତି ଆଳରେ କଟକଣା ଲଗାଇଥିଲା ।

# ସୁଏଜ୍ କେନାଲ ବି ବନ୍ଦ କରିବ ଇରାନ୍

**ତେହେରାନ୍, ୧୧।୩/ଏଜେନ୍ସି:** ହର୍ମୁଜ୍ ପ୍ରଣାଳୀ ପରେ, ଇରାନ୍ ଏବେ ସୁଏଜ୍ କେନାଲକୁ ଅବରୋଧ କରିବାକୁ ଚେଷ୍ଟା କରୁଛି । ଏଥିପାଇଁ ଇରାନ୍ ନିଜର ପ୍ରକ୍ସି ହୁତି ବିଦ୍ରୋହୀଙ୍କୁ ସକ୍ରିୟ କରିଛି । ହୁତି ବିଦ୍ରୋହୀମାନେ ଖୁବ୍ ଶୀଘ୍ର ସୁଏଜ୍ କେନାଲକୁ ବନ୍ଦ କରିବା ପାଇଁ ଲୋହିତ ସାଗରରେ ଆକ୍ରମଣ ଆରମ୍ଭ କରିପାରନ୍ତି । ସୁଏଜ୍ କେନାଲ ଲୋହିତ ସାଗର ଦେଇଯାଇଛି । ସେଠାରେ ହୁତି ବିଦ୍ରୋହୀମାନଙ୍କର ଅଧିକ ପ୍ରଭାବ ରହିଛି । ଏହି କେନାଲକୁ ୟୁରୋପ ଏବଂ ମଧ୍ୟପ୍ରାଚ୍ୟ ମଧ୍ୟରେ ଏକ ଜୀବନରେଖା ଭାବରେ ବିବେଚନା କରାଯାଇଥାଏ । ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧ ୧୨ ଦିନରେ ପହଞ୍ଚିଥିବାବେଳେ ହୁତି ବିଦ୍ରୋହୀମାନେ ସକ୍ରିୟ ହୋଇଛନ୍ତି । ହୁତିମାନେ କହିଛନ୍ତି, ସେମାନେ ଖୁବ୍ ଶୀଘ୍ର ସୁଏଜ୍ କେନାଲ ଉପରେ ରକେଟ୍ ଆକ୍ରମଣ କରିବେ । ଯାହା ଫଳରେ କେନାଲ ଦେଇ ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ୟେମେନ ଏବଂ ଜିବୁତି ମଧ୍ୟରେ ଅବସ୍ଥିତ ବାବ୍ ଅଲ୍-ମାଣ୍ଡେବ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ କରିବାକୁ ମଧ୍ୟ ବିଦ୍ରୋହୀମାନେ ଲକ୍ଷ୍ୟ ରଖିଛନ୍ତି ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra